# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୪/୨୦୨୦ (୧୨ପୃଷ୍ଠା) | Bhubaneswar, Monday, September 14/2020 | ★★★★

୪୬ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ରାତାରାତି ଶୋ'ରୁ ଦୂରେଇଗଲେ ନିଆ

ନାଗିନ ଫେମ୍ ନିଆ ଶର୍ମା ବିଗ୍‌ବସ୍ ଶୋ'ରୁ ଦୂରେଇ ଯାଇଛନ୍ତି। କରୋନା ସଂକ୍ରମଣ ଏବଂ ନିଜେ ଶର୍ଟ ଟେମ୍ପର୍ ହୋଇଥିବାରୁ ଶୋ'ରେ ଭାଗ ନେବାକୁ ଚାହୁଁ ନାହାନ୍ତି ।

୦୨

୧୦

## ଓସାକା ଜିତିଲେ ୟୁଏସ୍ ଓପନ୍ ଟାଇଟଲ

ଜାପାନର ନାଓମି ଓସାକା ୟୁଏସ୍ ଓପନ୍ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।



# ଆର୍ଥିକ ମେରୁଦଣ୍ଡ ଦୋହଲାଉଛି ବିପର୍ଯ୍ୟୟ

**ଭୁବନେଶ୍ୱର,୧୩।୯(ବ୍ୟୁରୋ)**

ବିଭିନ୍ନ ସମୟରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗୋଟିଏ ପରେ ଗୋଟିଏ ବିପର୍ଯ୍ୟୟ ବ୍ୟକ୍ତିଗତ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଏକ ବିରାଟ ଅନ୍ତରାୟ ସୃଷ୍ଟି କରୁଛି। କେବଳ ବାତ୍ୟା ନୁହେଁ, ବନ୍ୟା, ମରୁଡି ମଧ୍ୟ ରାଜ୍ୟର କୃଷି କ୍ଷେତ୍ର ଏବଂ ଆର୍ଥିକ ପ୍ରଗତିକୁ ନଷ୍ଟଭ୍ରଷ୍ଟ କରି ଦେଉଛି। ଗତ ୭ ବର୍ଷ ମଧ୍ୟରେ ରାଜ୍ୟକୁ ୫ ଭୟଙ୍କର ବାତ୍ୟାର ସମ୍ମୁଖୀନ ହେବାକୁ ପଡିଛି। ଏଥିରେ ପ୍ରାୟ ୨୭ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। କୃଷିକ୍ଷେତ୍ର ସମେତ ବିଦ୍ୟୁତ୍, ଘରଦ୍ୱାର, ଅନ୍ୟାନ୍ୟ ଭିତ୍ତିଭୂମି ଛାରଖାର ହୋଇଯାଉଛି। ଏହାକୁ ଭରଣା କରିବାକୁ ଦୀର୍ଘ ସମୟ ଲାଗି ଯାଉଛି। ଅଣ୍ଟା ସଳଖି ଛିଡା ହେବା ବେଳକୁ ପୁଣି ଏକ ଦୁର୍ବିପାକ ରାଜ୍ୟରେ ଧ୍ୱଂସର ତାଣ୍ଡବ ଲୀଳା ରଚୁଛି।



୧୯୯୯ ମହାବାତ୍ୟା ପରେ ୨୦୧୩ ଅକ୍ଟୋବର୧୨ରେ ଫାଇଲିନ ବାତ୍ୟାକୁ ଦକ୍ଷିଣ ଓଡିଶା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩ ଜିଲାର ୮ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ୨୩୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ଠିକ୍ ବର୍ଷକ ପରେ ଅର୍ଥାତ ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଡୁହୁଡୁ ଦକ୍ଷିଣ ଓଡିଶାକୁ ଧକ୍କା ଦେଇଥିଲା। କୋରାପୁଟ, ଗଞ୍ଜାମ, ନବରଙ୍ଗପୁର, ମାଲକାନଗିରି, ଗଜପତି, ରାୟଗଡା ଆଦି ଜିଲାରେ ୧ ଲକ୍ଷ ଘର ଭାଙ୍ଗିଥିଲା। ଏଥିଯୋଗୁ ପ୍ରାୟ ୧ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ଏହାର ୪ ବର୍ଷ ପରେ ଅର୍ଥାତ୍ ୨୦୧୮ ଅକ୍ଟୋବରରେ ବାତ୍ୟା ତିତ୍‌ଲି ପୁଣି ଦକ୍ଷିଣ ଉପକୂଳ ଓଡିଶାକୁ ଛାରଖାର କରିଦେଇଥିଲା। ଏଥିରେ ଗଞ୍ଜାମ, ଗଜପତି ସମେତ ୧୭ ଜିଲା ୧୨୮ ବ୍ଲକର ୮,୧୨୫ ଗ୍ରାମର ୬୦.୧୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଏହାର କ୍ଷୟକ୍ଷତି ୨,୭୬୫

### ୭ ବର୍ଷରେ ୨୭ ହଜାର କୋଟି କ୍ଷତି

### ୧୧ ହଜାର ମୃତ

କୋଟି ଟଙ୍କା ଆକଳନ କରାଯାଇଥିଲା। ତେବେ ଏହି ବାତ୍ୟା ବିଭୀଷିକାକୁ ବର୍ଷେ ପୂରଣ ହୋଇ ନ ଥିବା ବେଳେ ଅଦିନିଆ ସାମୁଦ୍ରିକ ଝଡ଼ ଫନୀ ୨୦୧୯ ମେ ୩ରେ ରାଜ୍ୟର ୧୪ ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ପୁରୀ ଓ ରାଜଧାନୀ ଭୁବନେଶ୍ୱରକୁ ଛାରଖାର କରି ଦେଇଥିଲା। ଏହି ବାତ୍ୟାରେ ରାଜ୍ୟର ପ୍ରାୟ ୧୨ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ୬୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବିଦ୍ୟୁତ୍, ପାନୀୟ ଜଳ, ଘରଦ୍ୱାର ଓ ସବୁଜ ବଳୟ ଧ୍ୱଂସ ହୋଇଥିଲା। ଫନୀକୁ ବର୍ଷ ପୂରିବା ପରେ ୨୦୨୦ ମେ ୨୦ରେ ସାମୁଦ୍ରିକ ଝଡ 'ଅମ୍ଫାନ' ଯୋଗୁ ରାଜ୍ୟର ଉପକୂଳବର୍ତ୍ତୀ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାରେ ଭୟଙ୍କର କ୍ଷୟକ୍ଷତି ହୋଇଥିଲା। ଏହି ସବୁ ଜିଲାର ୯୨ ବ୍ଲକ, ୧୫୫୮ ପଞ୍ଚାୟତର ୯୮୩୩ ଗ୍ରାମ ଏବଂ ୨୨ ପୌରାଞ୍ଚଳର ୨୭୨ ୱାର୍ଡର ୪୪,୪୪,୮୯୬ ଲୋକ ପ୍ରଭାବିତ ହୋଇଥିଲେ। ୧ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା। ଏଥିଯୋଗୁ ପ୍ରାୟ ୫ ହଜାର କୋଟି ଟଙ୍କାର କ୍ଷତି ହୋଇଥିଲା।

ତେବେ ଚଳିତବର୍ଷ ସେପ୍ଟେମ୍ବରରେ ଲଘୁଚାପଜନିତ ବର୍ଷାରେ ବିଭିନ୍ନ ନଦୀରେ ଆସିଥିବା ବନ୍ୟା ଯୋଗୁ ଉତ୍ତର ଏବଂ ଉପକୂଳ ଓଡିଶାର ଅନେକ ଜିଲା ଭୟଙ୍କର ଭାବେ ପ୍ରଭାବିତ ହୋଇଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ବନ୍ୟା ଯୋଗୁ ରାଜ୍ୟର ୨୦ଟି ଜିଲା ପ୍ରଭାବିତ ହୋଇଛି। ଚଳିତ ବନ୍ୟାରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ହଜାର ୩୮୨ ଘର ଭାଙ୍ଗିଛି। ସେହିପରି ୧ ଲକ୍ଷ ୬୮ ହଜାର ☞ପୃଷ୍ଠା-୪

## ଆଜି ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ

**ନୂଆଦିଲ୍ଲୀ,୧୩।୯**

ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ଏନ୍‌ଡିଏ ପକ୍ଷରୁ ହରିବଂଶ ନାରାୟଣ ସିଂଙ୍କୁ ପ୍ରାର୍ଥୀ କରାଯାଇ ଥିବାବେଳେ ମିଳିତ ବିରୋଧୀ ପକ୍ଷରୁ ଆର୍‌ଜେଡି ଏମ୍‌ପି ମନୋଜ ଝାଙ୍କୁ ପ୍ରାର୍ଥୀ କରାଯାଇଛି। ଅପରାହ୍ନରେ ଉପାଧ୍ୟକ୍ଷ ନିର୍ବାଚନ ହେବ ବୋଲି ରାଜ୍ୟ ସଭା ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୮ରେ ହରିବଂଶ ଏନ୍‌ଡିଏର ପ୍ରାର୍ଥୀ ହୋଇଥିଲେ। ବିଜେଡି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲା। ଜେଡିୟୁ ହରିବଂଶଙ୍କୁ ପ୍ରାର୍ଥି କରିବା ପରେ ଏନଡିଏ ତାଙ୍କୁ ସମର୍ଥନ କରିଛି। ଅପରପକ୍ଷେ ସମଭାବାପନ୍ନ ଦଳ ଝାଙ୍କୁ ସମର୍ଥନ ଦେବା ନେଇ ସୂଚନା ମିଳିଛି।

### ଆଜିର ମନ୍ତବ୍ୟ

" ଗ୍ୟାସ ପାଇପ୍ ଲାଇନ ପରିଯୋଜନା ଦ୍ୱାରା ଇସ୍ପାତ, ବିଜୁଳି ଭଳି ଅନ୍ୟ କ୍ଷେତ୍ରଗୁଡିକୁ ପ୍ରୋତ୍ସାହନ ମିଳିବା।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଆଜିଠୁ ପାର୍ଲାମେଣ୍ଟ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ,୧୩।୯**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ଅଧିବେଶନକୁ ୨ ଭାଗରେ ବିଭକ୍ତ କରାଯାଇଛି। ସକାଳ ୯ଟାରୁ ଦିନ ୧ଟା ଯାଏ ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ଯାଏ ଏହା ବସିବ। ପ୍ରଥମ ଦିନରେ ରାଜ୍ୟସଭା ସକାଳବେଳା ବସିବାକୁ ଥିବାବେଳେ ସନ୍ଧ୍ୟାରେ ଲୋକସଭା କାର୍ଯ୍ୟ ଅନୁଷ୍ଠିତ ହେବ। ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୧୮ଟି କାର୍ଯ୍ୟ ଦିବସ ରହିଛି।



ସେଥିରେ ୪୭ଟି ବିଷୟ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ଏଥିସହିତ ୧୧ଟି ବିଲ ଅଣାଯିବ। ଅଧିବେଶନ କାଳରେ କେତେକ ନୂଆ ବିଧେୟକ ଅଣାଯିବାର ଅଛି। ☞ପୃଷ୍ଠା-୪

## ଜିଏସ୍‌ଟି କ୍ଷତି ଭରଣା, କେନ୍ଦ୍ରୀୟ ଅନୁଦାନ ଦାବି କରିବ ବିଜେଡି

**ଭୁବନେଶ୍ୱର ୧୩।୯(ବ୍ୟୁରୋ)**

ସୋମବାରଠାରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। କୋଭିଡ-୧୯ ମହାମାରୀ ସମୟରେ ରାଜ୍ୟରେ ରାଜସ୍ୱ ଆଦାୟ ହ୍ରାସ ପାଇଛି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣକୁ ଭରସା କରିଛନ୍ତି। ଅଧିବେଶନ କାଳରେ ବିଜେଡି ଜିଏସ୍‌ଟି କ୍ଷତି ଭରଣା କରିବା ପାଇଁ ଦାବି କରିବ। ଏଥିସହିତ ରାଜ୍ୟରେ ଚାଲୁ ରହିଥିବା ବିଭିନ୍ନ ରେଳ ଓ ଜାତୀୟ ରାଜପଥ ପ୍ରକଳ୍ପ ଲାଗି ଅନୁଦାନ, ଟେଲିକମ ସେବା ଇତ୍ୟାଦି ପ୍ରସଙ୍ଗକୁ ଦଳ ପକ୍ଷରୁ ଉତ୍ଥାପନ କରାଯିବ ବୋଲି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି। ଏହାଛଡା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ର ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବାକି ରହିଥିବା ଅନୁଦାନ ତୁରନ୍ତ ଦେବା ନେଇ କେନ୍ଦ୍ର ଉପରେ ଚାପ ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ପ୍ରତ୍ୟେକ ଥର ବିଜେଡି ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଥାଏ। ତେବେ କରୋନା ଯୋଗୁ ଚଳିତ ଥର ଏହି ବୈଠକ ହୋଇ ନ ଥିବା ସସ୍ମିତ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସଭା ଉପାଧ୍ୟକ୍ଷ ଲାଗି ସୋମବାର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ରାଜ୍ୟ ସଭା ସଦସ୍ୟଙ୍କୁ ଗୃହରେ ଉପସ୍ଥିତ ରହିବା ପାଇଁ ବିଜେଡି ପକ୍ଷରୁ ହ୍ୱିପ ଜାରି କରାଯାଇଛି। ଏଠାରେ ସୂଚନାଯୋଗ୍ୟ, ଏନ୍‌ଡିଏ କ୍ଷରୁ ଜେଡି(ୟୁ) ☞ପୃଷ୍ଠା-୪






## ଭିଜିଲାନ୍ସ ଜାଲରେ ୪୨୪ ବାବୁ

**ଭୁବନେଶ୍ୱର,୧୩।୯(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗତ ୬ ବର୍ଷ ମଧ୍ୟରେ ୪୨୪ ସରକାରୀ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ସାଧାରଣ ପ୍ରଶାସନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୪ରୁ ୨୦୨୦ ଅଗଷ୍ଟ ୩୧ ମଧ୍ୟରେ ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କ ବିରୋଧରେ ୪୨୪ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ୨୦୧୪ରେ ୭୫ ମାମଲା ରୁଜୁ ହୋଇଥିବା ବେଳେ ୨୦୧୫ରେ ୧୨୩, ୨୦୧୬ରେ ୮୫, ୨୦୧୭ରେ ୪୮, ୨୦୧୮ରେ ୪୩, ୨୦୧୯ରେ ୩୧ ଏବଂ ୨୦୨୦ ଅଗଷ୍ଟ ୩୧ ସୁଦ୍ଧା ୧୯ ଜଣଙ୍କ ବିରୋଧରେ ମାଲା ରୁଜୁ ହୋଇଛି। ସେଥିରୁ ୩୩୫ଟି ମାଲର ଫଇସଲା ହୋଇଥିବା ବେଳେ ୬୯ ମାମଲାର ଶୁଣାଣି ବାକି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁର୍ନୀତି ବିରୋଧରେ କଡା ଆଭିମୁଖ୍ୟ ପରେ ଗତ ୫ ବର୍ଷ ହେବ ଏହି ମାମଲା ସଂଖ୍ୟା କମିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଦୁର୍ନୀତି ଖୋର ଅଧିକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ଅଧିକାରୀମାନଙ୍କୁ ଚାକିରିରୁ ବହିଷ୍କାର କରାଯାଉଛି।

## ଅଭିନେତା ଅଜିତ ଦାସଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର(ବ୍ୟୁରୋ),୧୩।୯**

ଓଡ଼ିଆ ଚଳଚ୍ଚିତ୍ର ଓ ମଞ୍ଚ ଜଗତର ଖ୍ୟାତନାମା ତଥା ବର୍ଷୀୟାନ ଅଭିନେତା ଅଜିତ ଦାସଙ୍କର ରବିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ସେପ୍ଟେମ୍ବର ୧ ତାରିଖରେ ସେ କରୋନା ପଜିଟିଭ ଥିବା ଜଣାପଡ଼ିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ ତଥା ନାଟ୍ୟଗୁରୁ ଭାବେ ପରିଚିତ ଅଜିତ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଆଗଧାଡ଼ିର କଳାକାର ଭାବେ ବେଶ୍ ଜଣାଶୁଣା। ତାଙ୍କ ଅଭିନୀତ ୬୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। କେବଳ ଚଳଚ୍ଚିତ୍ର ନୁହେଁ, ମଞ୍ଚ ନାଟକ କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ମାଇଲଷ୍ଟୋନ୍ ପ୍ରତିଷ୍ଠା କରିଥିଲେ। ୧୯୪୯ ଜାନୁୟାରୀ ୨୦ରେ ମୟୂରଭଞ୍ଜ ଜିଲାର କରଞ୍ଜିଆଠାରେ ଜନ୍ମଗ୍ରହଣ କରିଥିବା ଅଜିତ ପିଲାବେଳୁ ନିଜ ବଡ଼ବାପାଙ୍କୁ ଦେଖି ଅଭିନୟ ଓ ନାଟକ ପ୍ରତି ଆକର୍ଷିତ ହୋଇଥିଲେ। ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା(ଏନ୍‌ଏସ୍‌ଡି)ରୁ ଅଭିନୟରେ ଡିପ୍ଲୋମା ହାସଲ କରିବା ପରେ ୧୯୭୬ରେ ପ୍ରଥମେ 'ସିନ୍ଦୂର ବିନ୍ଦୁ' ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଏଥିରେ ସେ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ଏହାପରେ ସେ 'ଅଭିମାନ', 'ଗୌରୀ', ବଳିଦାନ', 'ଗୋଲାମ ଗିରି', 'ଏ ନୁହେଁ କାହାଣୀ', 'ଫୁଲଚନ୍ଦନ', 'ହାକିମ ବାବୁ', 'ସହରୀ ବାଘ', 'ମମତାର ଡୋରି', 'ଏଇ ତ ଦୁନିଆ', 'ତୁଣ୍ଡ ବାଇଦ', 'ମୁଁ ତୁମେ ଓ ସେ', 'ପ୍ରେମରତୁ ଆସିଲାରେ', 'ଆମ ଭିତରେ କିଛି ଅଛି' ଏବଂ 'ଅଭିମନ୍ୟୁ' ଭଳି ପ୍ରାୟ ୭୦ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ 'ହାକିମ ବାବୁ' ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା ଓ ସେହି ଚଳଚ୍ଚିତ୍ର ଲାଗି ସେ ମଧ୍ୟ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। 'ହାକିମ ବାବୁ' ଚଳଚ୍ଚିତ୍ର ତାଙ୍କୁ ନୂଆ ପରିଚୟ ଦେଇଥିଲା। ଏଥିରେ ତାଙ୍କ ଅଭିନୟ ଏପରି ନିଖୁଣ ଥିଲା ଯେ, ଏହାପରଠାରୁ ଦର୍ଶକ ତାଙ୍କୁ 'ହାକିମ ବାବୁ' ବୋଲି ଡାକିଥିଲେ। ☞ପୃଷ୍ଠା-୪







For a test drive, Call on 1800 315 4444. Select variants available in CSD. Special offers for Defence Personnel, Government, PSU and Corporate Employees. KWID and TRIBER available through CSD. For bulk enquiries, contact corpsales@renault.com

Terms and conditions apply. #Prices mentioned above are for base variant for ex-showroom Bhubaneswar for each model and are exclusive of local taxes. *The benefits up to ₹ 35 000 for KWID include Cash benefit of ₹ 10 000, Exchange benefit of ₹ 15 000 & Loyalty Benefit of ₹ 10 000 (which includes Exchange benefit on Renault model or Cash discount on buying additional Renault model) on select versions. ^The benefits up to ₹ 70 000 for DUSTER include Cash benefit of up to ₹ 25 000, Exchange benefit of ₹ 25 000 & Loyalty benefit up to ₹ 20 000 (which includes exchange benefit on Renault model or Cash discount on buying additional Renault model) on select versions. ^^The benefits up to ₹ 30 000 for TRIBER include Exchange benefit of ₹ 20 000 & Loyalty benefit of ₹ 10 000 (which includes Exchange benefit on Renault model or Cash discount on buying additional Renault model) on select versions. Corporate/PSU/Defence Personnel/Government Employee benefits applicable for each model are basis eligibility of the customer and based on submission of required proof by the customer. **6.99% Rate of Interest is calculated on a loan amount of ₹ 2.32 Lakh for KWID, ₹ 3.82 Lakh for TRIBER, ₹ 6.53 Lakh for DUSTER for a tenure of 24 months. Rate of interest may vary based on loan amount and tenure. ##Under 4 months EMI Holiday program maximum Loan amount is fixed at ₹ 2.32 Lakh for KWID, ₹ 3.82 Lakh for TRIBER, ₹ 6.53 Lakh for DUSTER for a tenure of 24 months. Not valid for any added loan amount and tenure. Finance at the sole discretion of Renault Finance. ^^^Easy Care Package of 3 years or 50 000 km is eligible only for existing DUSTER owners (any version) buying an additional DUSTER 1.3L Turbo or Exchange existing DUSTER (any version) with DUSTER 1.3L Turbo. Offers may vary across variants and cities. The above mentioned offers & benefits are valid till 30th September 2020 and are through Renault dealership. For detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in

SHOWROOMS: ODISHA: BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. BALANGIR: RENAULT Balangir Mob: +91 9643800378. KEONJHAR: RENAULT Keonjhar Mob: +91 7428439130. ROURKELA: RENAULT Rourkela Mob: + 91 8860875802. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI

# ଗଲୱାନରେ ୬୦ ଚାଇନା ସୈନ୍ୟଙ୍କ ମୃତ୍ୟୁ ହୋଇଥିଲା

ୱାଶିଂଟନ, ୧୩।୯: ଗଲୱାନ ଘାଟିରେ ଜୁନ୍ ୧୫ରେ ଭାରତୀୟ ଯବାନ ଏବଂ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ୨୦ ଭାରତୀୟ ଯବାନ ଶହୀଦ୍ ହୋଇଥିଲେ। ତେବେ ଚାଇନାର କମ୍ ସୈନ୍ୟଙ୍କର ମୃତ୍ୟୁ ଘଟିଥିବା ପିପୁଲସ୍ ଲିବରେଶନ ଆର୍ମି(ପିଏଲ୍ଏ) ପକ୍ଷରୁ କୁହାଯାଉଥିଲା। ମାତ୍ର ଚାଇନାର ମିଛ ଏବେ ପଦାରେ ପଡ଼ିଛି। ଆମେରିକା ଗଣମାଧ୍ୟମ ସଂସ୍ଥା ନ୍ୟୁଜ୍ ୱିକ୍ ଏହାର ପର୍ଦ୍ଦାଫାଶ୍ କରିଛି। ଗଲୱାନ ଘାଟିରେ ୬୦ ଚାଇନା ସୈନ୍ୟଙ୍କ ମୃତ୍ୟୁ ଘଟିଥିବା




ନ୍ୟୁଜ୍ ୱିକ୍ କହିଛି। ଏ ସମ୍ପର୍କିତ ଏକ ରିପୋର୍ଟ ମଧ୍ୟ ଏଥିରେ ପ୍ରକାଶ ପାଇଛି। ଭାରତୀୟ ଯବାନ ପିଏଲ୍ଏ ଆଗରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଗଲୱାନ ଘାଟିରେ ଘଟିଥିବା ସଂଘର୍ଷ ପରେ ଚାଇନା ଆତଙ୍କିତ ହୋଇ ପରବର୍ତ୍ତୀ ସମୟରେ ସୀମାରେ ଉତ୍ତେଜନା ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ରିପୋର୍ଟରେ ପ୍ରକାଶ ପାଇଛି। ଇତିମଧ୍ୟରେ ୩ ମାସ ବିତିବାକୁ ଯାଉଥିଲେ ମଧ୍ୟ ପୂର୍ବ ଲଦାଖ ଅଞ୍ଚଳରେ ଉତ୍ତେଜନା ଜାରି ରହିଛି। ଏଥିରେ ଚାଇନା ସେନାର ଦୋଷ ଥିବା କୁହାଯାଉଛି।

## ପୁଣି ଏମ୍ସରେ ଭର୍ତ୍ତିହେଲେ ଅମିତ ଶାହା



ନୂଆଦିଲ୍ଲୀ,୧୩।୯: ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପୁଣିଥରେ ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍(ଏମ୍ସ)ରେ ଭର୍ତ୍ତି ହୋଇଛନ୍ତି। ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଶନିବାର ବିଳମ୍ବିତ ରାତିରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଛାତି ଓ ଭେଷଜ ବିଭାଗ ପକ୍ଷରୁ ଡାକ୍ତର ତାଙ୍କର ଚିକିତ୍ସା କରୁଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଅଗଷ୍ଟ ୨ରେ ସେ କରୋନାରେ ପୀଡ଼ିତ ହେବା ପରେ ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହୋଇ ଅଗଷ୍ଟ ୧୪ରେ ଫେରିଥିଲେ। ଏହାପରେ ପୁଣିଥରେ ଅସୁସ୍ଥ ହୋଇ ପଡିବାରୁ ଅଗଷ୍ଟ ୧୮ରେ ଏମ୍ସରେ ଭର୍ତ୍ତି ହୋଇଥିଲେ। ସେତେବେଳେ ତାଙ୍କର ଛାତିରେ ଯନ୍ତ୍ରଣା ହେବା ସହ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ। ହେଲେ ହସ୍ପିଟାଲରୁ ଫେରିବା ପରେ ସେ ନିଜେ ଟୁଇଟ୍ କରି ସୂଚନା ଦେଇଥିଲେ କି ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି। ଏମିତିକି ଈଶ୍ୱରଙ୍କୁ ଧନ୍ୟବାଦ ଦେବା ସହ ଶୁଭଚିନ୍ତକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ହେଲେ ଏଥର ବି ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ନିଶ୍ୱାସ ନେବାରେ କଷ୍ଟ ହେବାରୁ ଏମ୍ସରେ ଭର୍ତ୍ତି ହୋଇଥିବା ଜଣାପଡିଛି।

## ‘କରୋନାରୁ ସୁସ୍ଥ ହେବା ପରେ କରନ୍ତୁ ଯୋଗ’

ନୂଆଦିଲ୍ଲୀ, ୧୩।୯

ଦେଶରେ କରୋନା ମହାମାରୀ ସଂକ୍ରମଣ ଯୋଗୁ ଆତଙ୍କ ସୃଷ୍ଟି ହୋଇଛି। ଏପରିକ୍ଷେତ୍ରରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, କରୋନାରୁ ସୁସ୍ଥ ହୋଇ ଘରକୁ ଫେରି ପ୍ରତିଦିନ ଯୋଗାଭ୍ୟାସ କରିବା ଆବଶ୍ୟକ। ଏହା ସହିତ ପ୍ରାଣାୟାମ ଏବଂ ଧ୍ୟାନ କରିବା ଜରୁରୀ ବୋଲି ମାର୍ଗଦର୍ଶିକାରେ ଦର୍ଶାଯାଇଛି। ବ୍ୟକ୍ତି ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବା ସହିତ ସାମାଜିକ ଦୂରତା ବଜାୟ ରଖିବା, ଉଷୁମ ପାଣି ପିଇବା, ମାସ୍କ ପିନ୍ଧିବା ଏବଂ ହ୍ୟାଣ୍ଡ ସାନିଟାଇଜର ଆଦି ବ୍ୟବହାର ଉପରେ



ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ମଦ୍ୟପାନ ଏବଂ ସିଗାରେଟଠାରୁ ଦୂରେଇ ରହିବା ଲାଗି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି।

## ସବୁ ରେଲୱେ ଷ୍ଟେଶନରେ ହେବ ଡିଜିଟାଲ କାରବାର

ନୂଆଦିଲ୍ଲୀ,୧୩।୯: କରୋନା ସଙ୍କଟ ସମୟରେ ଭାରତୀୟ ରେଲୱେ ତା'ର ସମସ୍ତ ଷ୍ଟେଶନରେ ଡିଜିଟାଲ କାରବାର ଯୋଗାଇ ଦେବାକୁ ଯୋଜନା କରୁଛି। ଏହାକୁ ନେଇ ରେଲୱେ ବୋର୍ଡ ସମସ୍ତ ରିଜିଓନାଲ ରେଲୱେକୁ ଷ୍ଟେଶନରେ ଯେତେଶୀଘ୍ର ସମ୍ଭବ ଶତ ପ୍ରତିଶତ ଡିଜିଟାଲ କାରବାର ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦେଇଛି। ଡିଜିଟାଲ ଇଣ୍ଡିଆକୁ ପ୍ରୋତ୍ସାହିତ କରିବାକୁ ରେଲୱେ ଯଥାସମ୍ଭବ ଚେଷ୍ଟା ଜାରି ରଖିଛି ବୋଲି ରେଲୱେ ବୋର୍ଡ କହିଛି। ତେବେ ବୁକିଂ କାଉଣ୍ଟର, ଖାଦ୍ୟ ଷ୍ଟଲ, ଶୌଚାଳୟ ଯେଉଁଠି ଦେୟ ଦେବାକୁ ପଡୁଛି ସବୁଠି ଡିଜିଟାଲ ପେମେଣ୍ଟର ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ, ଏବେ ଏହି ବ୍ୟବସ୍ଥା କେବଳ ବଡ ବଡ ଷ୍ଟେଶନରେ ମିଳୁଥିବା ବେଳେ ଏଣିକି ସମସ୍ତ ଷ୍ଟେଶନରେ ଏହା ଉପଲବ୍ଧ କରାଇବା ଲକ୍ଷ୍ୟ ରଖିଛି ରେଲୱେ।

## ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୫୦ ଲକ୍ଷର ଜୀବନ ବୀମା

ପଣଜୀ, ୧୩।୯: ଏଣିକି ସ୍ୱାସ୍ଥ୍ୟକର୍ମୀଙ୍କୁ ୫୦ ଲକ୍ଷ ଟଙ୍କାର ଜୀବନ ବୀମା ଯୋଗାଇ ଦିଆଯିବ। ଗୋଆର ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏନେଇ ରବିବାର ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟକର୍ମୀ ଆକ୍ରାନ୍ତଙ୍କ ସେବାରେ ନିୟୋଜିତ ଥିବାରୁ ସେମାନଙ୍କର ଜୀବନ ପ୍ରତି ବିପଦ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## ୫ ଏମ୍‌ପିଙ୍କୁ କରୋନା


ନୂଆଦିଲ୍ଲୀ,୧୩।୯

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଛି। କିନ୍ତୁ ଏହା ପୂର୍ବରୁ ଲୋକ ସଭାର ୫ ଜଣ ସଦସ୍ୟ କରୋନା ପଜିଟିଭ ଥିବା ଜଣାପଡିଛି। ବର୍ତ୍ତମାନ ଅଧିକ ଏମପିଙ୍କ କରୋନା ପରୀକ୍ଷା ଚାଲିଛି। କରୋନା ସଙ୍କଟ ଯୋଗୁ ଏଥରର ସଂସଦ ଅଧିବେଶନରେ କିଛି ପରିବର୍ତ୍ତନ କରାଯାଇଛି। ପାର୍ଲାମେଣ୍ଟ ଅଧିବେଶନରେ କରୋନା ଗାଇଡଲାଇନ ସମ୍ପୂର୍ଣ୍ଣ ପାଳନ କରାଯିବ। ଲୋକ ସଭା ପ୍ରତିଦିନ ୪ ଘଣ୍ଟା ବସିବ। ଏହି ପରିପ୍ରେକ୍ଷୀରେ, ଶୂନ୍ୟ କାଳର ଅବଧି ମଧ୍ୟ ଅଧ ଘଣ୍ଟାକୁ ହ୍ରାସ କରାଯାଇଛି। ପ୍ରଶ୍ନଗୁଡ଼ିକର ଲିଖିତ ଆକାରରେ ମଧ୍ୟ ଉତ୍ତର ଦିଆଯିବ। ଅଧିବେଶନ ପାଇଁ ଲୋକସଭା ବାଚସ୍ପତି ଓମ ବିର୍ଲା କହିଛନ୍ତି ଯେ ଏହି ସଙ୍କଟ ସମୟରେ ସମସ୍ତେ ଏକ ହୋଇ କାମ କରିବା ଆବଶ୍ୟକ। ସାମ୍ବିଧାନିକ ଦାୟିତ୍ୱ ଗୁଡିକ ପୂରଣ କରିବାର ଏବେ ସମୟ। ସମସ୍ତ ଏମପିଙ୍କୁ ଅଧିବେଶନ ପୂର୍ବରୁ ସେମାନଙ୍କର କରୋନା ଟେଷ୍ଟ କରିବାକୁ ପଡିବ। ଏମପିମାନେ ସେମାନଙ୍କର ଉପସ୍ଥିତିକୁ ଡିଜିଟାଲ ରେଜିଷ୍ଟ୍ରେସନ ମାଧ୍ୟମରେ କରିପାରିବେ। ଏଥର ଗୃହରେ ସମ୍ପୂର୍ଣ୍ଣ ଡିଜିଟାଲ ଚିଠି ରହିବ। ସଂକ୍ରମଣକୁ ରୋକିବା ପାଇଁ ନିରନ୍ତର ସାନିଟାଇଜ୍ ବ୍ୟବସ୍ଥା କରାଯିବ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ରଘୁବଂଶ ପ୍ରସାଦ ସିଂଙ୍କ ପରଲୋକ

ନୂଆଦିଲ୍ଲୀ,୧୩। ୯

ପୂର୍ବତନ କେନ୍ଦ୍ରମନ୍ତ୍ରୀ ରଘୁବଂଶ ପ୍ରସାଦ ସିଂଙ୍କର ରବିବାର ଦିଲ୍ଲୀ ସ୍ଥିତ ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍(ଏମ୍ସ)ରେ ପରଲୋକ ହୋଇଛି। କିଛିଦିନ ହେବ ସେ ଚିକିତ୍ସିତ ହେଉଥିବା ବେଳେ ଶନିବାର ସେ ଅଧିକ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ନିକଟରେ ସେ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି)ରୁ ଇସ୍ତଫା ଦେଇ ଆସିଥିଲେ ଚର୍ଚ୍ଚାକୁ। ବିହାରର ବୈଶାଳୀ ଆସନରୁ ଏମ୍‌ପି ଥିବା ରଘୁବଂଶଙ୍କ ଜନ୍ମ ୧୯୪୬ରେ ବୈଶାଳୀର ଶାହପୁରରେ ହୋଇଥିଲା। ସେ ବିହାର ବିଶ୍ୱବିଦ୍ୟାଳୟରୁ ଗଣିତରେ ଡକ୍ଟରେଟ ଡିଗ୍ରୀ କରିଥିଲେ। ଯୁବାବସ୍ଥାରେ ସେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ହୋଇଥିବା ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୭୩ରେ ତାଙ୍କୁ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟିର ସଚିବ ନିର୍ବାଚିତ କରାଯାଇଥିଲା। ୧୯୭୭-୧୯୯୦ ପର୍ଯ୍ୟନ୍ତ ସେ ବିହାର ରାଜ୍ୟସଭାର ସଦସ୍ୟ ଥିଲେ।



ରଘୁବଂଶ ପ୍ରସାଦ ସିଂ

୧୯୭୭-୧୯୭୯ ପର୍ଯ୍ୟନ୍ତ ସେ ବିହାରର ଶକ୍ତିମନ୍ତ୍ରୀ ପଦ ସମ୍ଭାଳିଥିଲେ। ଏହାପରେ ତାଙ୍କୁ ଲୋକଦଳର ଅଧ୍ୟକ୍ଷ ନିର୍ବାଚିତ କରାଯାଇଥିଲା। ୧୯୯୬ରେ ସେ ପ୍ରଥମଥର ପାଇଁ ଏମ୍‌ପି ହୋଇଥିଲେ। ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବା ବେଳେ ୧୦ ସେପ୍ଟେମ୍ବରରେ ସେ ଆରଜେଡିରୁ ଇସ୍ତଫା ଦେଇ ଲାଲୁ ପ୍ରସାଦ ଯାଦବଙ୍କୁ କ୍ଷମା ମାଗିନେଇଥିଲେ। ରଘୁବଂଶଙ୍କ ମୃତ୍ୟୁରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲାଲୁ ପ୍ରସାଦ ଯାଦବଙ୍କ ସମେତ ବହୁ ନେତା ଶୋକବ୍ୟକ୍ତ କରିଛନ୍ତି।

## ମହାରାଷ୍ଟ୍ର ରାଜ୍ୟପାଳଙ୍କୁ ଭେଟିଲେ କଙ୍ଗନା

ମୁମ୍ବାଇ,୧୩।୯

ବିଏମ୍‌ସି ପକ୍ଷରୁ ମୁମ୍ବାଇରେ ଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାନାୱତଙ୍କ କାର୍ଯ୍ୟାଳୟର କିଛି ଅଂଶକୁ ବେଆଇନ ନିର୍ମାଣ ଦର୍ଶାଇ ଭାଙ୍ଗି ଦିଆଯାଇଛି। ରବିବାର ଏହାକୁ ନେଇ କଙ୍ଗନା ରାଜ୍ୟପାଳ ଭଗତ ସିଂ କୋଶ୍ୟାରିଙ୍କୁ ଭେଟିଛନ୍ତି। ତାଙ୍କ ସହ ତାଙ୍କ ଭଉଣୀ ରଙ୍ଗୋଲି ମଧ୍ୟ ରାଜଭବନ ଯାଇଥିଲେ। ଏହି ସମୟରେ ସେ ଶିବସେନା ପକ୍ଷରୁ ତାଙ୍କ ପ୍ରତି କରାଯାଇଥିବା ବ୍ୟବହାର ଓ ବିଏମସି ପକ୍ଷରୁ ତାଙ୍କ କାର୍ଯ୍ୟାଳୟ ଭଙ୍ଗା ଘଟଣା ସମ୍ପର୍କରେ ସେ ରାଜ୍ୟପାଳଙ୍କ ସହ ଆଲୋଚନା କରିଛନ୍ତି। ଜଣେ ସାଧାରଣ ନାଗରିକ ଭାବେ ସେ ରାଜ୍ୟପାଳଙ୍କୁ



ରାଜ୍ୟପାଳ ଭଗତ ସିଂ କୋଶ୍ୟାରିଙ୍କୁ ଭେଟିବା ଅବସରରେ କଙ୍ଗନା

ତାଙ୍କ ଗୁହାରି ଶୁଣାଇଛନ୍ତି। ରାଜ୍ୟପାଳ ତାଙ୍କ କଥାକୁ ଜଣେ ଝିଅ ଭାବେ ଶୁଣିଛନ୍ତି ଆଉ କଙ୍ଗନାଙ୍କୁ ନ୍ୟାୟ ମିଳିବ ବୋଲି ସେ ଆଶା ରଖିଛନ୍ତି। ରାଜନୀତି ସହ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି ଏହି ଅଭିନେତ୍ରୀ। ପୂର୍ବରୁ ଗଣମାଧ୍ୟମର ସୂଚନାରୁ ଜଣାପଡିଥିଲା କି ଯେତେବେଳେ ବିଏମ୍‌ସି କଙ୍ଗନାଙ୍କ କାର୍ଯ୍ୟାଳୟକୁ ଭାଙ୍ଗିଥିଲା ସେତେବେଳେ ଭାଜପା ଏହାର ବିରୋଧ କରିଥିଲା ଏମିତିକି ରାଜ୍ୟପାଳ କୋଶ୍ୟାରି ମଧ୍ୟ ଏହା ଠିକ ନୁହେଁ ବୋଲି କହିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ ରାଜ୍ୟପାଳଙ୍କୁ ଭେଟି କଙ୍ଗନାଙ୍କୁ କ୍ଷତିପୂରଣ ଦେବାକୁ ମଧ୍ୟ ଦାବି କରିଥିଲେ।

# ଫୁରସତ୍



ନିଆ ଶର୍ମା

## ରାତାରାତି ଶୋ’ରୁ ଦୂରେଇଗଲେ ନିଆ

ମୁମ୍ବାଇ: ବିଗ୍ ବସ୍ ଏମିତି ଏକ ରିୟାଲିଟି ଶୋ’ ଯାହାର ଅପେକ୍ଷା ସମସ୍ତଙ୍କୁ ରହିଥାଏ। ପ୍ରତ୍ୟେକ ବର୍ଷ ଏହି ଶୋ’ରେ ଜଣାଶୁଣା ତାରକାମାନେ ଆସିଥାନ୍ତି ଏବଂ କିଛି ନୂତନ କରି ଯାଇଥାନ୍ତି। ଏବର୍ଷ ବିଗ୍ ବସ୍ ୧୩ ବହୁତ ଚର୍ଚ୍ଚାରେ ରହିଥିଲା। ଏମିତିରେ ବର୍ତ୍ତମାନ ଆସନ୍ତା ମାସରେ ବିଗ୍ ବସ୍‌ର ସିଜନ ୧୪ ଆରମ୍ଭ ହେବାକୁଯାଉଛି। ୪ ଅକ୍ଟୋବରକୁ ବିଗ୍ ବସ୍ ୧୪ର ପ୍ରିମିୟର ହେବ। ନିର୍ମାତା ପୂର୍ଣ୍ଣ ଚେଷ୍ଟା କରିଛନ୍ତି ଯେ ଶୋ’ ଆରମ୍ଭ ହେବା ପୂର୍ବରୁ ନିଜର ସମସ୍ତ କାର୍ଯ୍ୟକୁ ଯେପରି ସମାପ୍ତ କରି ପାରିବେ। କିନ୍ତୁ ଅନେକ ତାରକା ଏହି ଶୋ’ରେ ଭାଗ ନେବାକୁ ମନା କରି ଦେଇଛନ୍ତି। ଏଥର ତାରକାଙ୍କ ବିଗ୍ ବସ୍ ୧୪ରେ ଭାଗ ନେବାର ଆଗ୍ରହ ବହୁତ କମ୍ ରହିଛି। ମଝିରେ ଏହି ଖବର ମଧ୍ୟ ଆସିଥିଲା ଯେ, ନାଗିନ ଫେମ୍ ନିଆ ଶର୍ମା ମଧ୍ୟ ଏଥର ଅଂଶଗ୍ରହଣ କରିବେ। କିନ୍ତୁ ମିଳିଥିବା ସୂଚନା ଅନୁସାରେ ନିଆ ଶୋ’ରେ ଭାଗ ନେବାକୁ ଚାହୁଁ ନାହାନ୍ତି। ସେ କହିଛନ୍ତି ଯେ, ବିଗ ବସ୍ ଘରକୁ ଗଲେ ତାଙ୍କର ଛବି ଉପରେ ପ୍ରଭାବ ପଡିପାରେ। କାରଣ ସେ ଖୁବ୍ ଶର୍ଟ ଟେମ୍ପର। ସେଥିଲାଗି ସେ ଶୋ’ରେ ଭାଗ ନେବାକୁ ଚାହୁଁ ନାହାନ୍ତି। ବର୍ତ୍ତମାନ ଦେଶରେ କରୋନା ସଂକ୍ରମଣ ଯେପରି ଚାଲିଛି, ସେଥିପାଇଁ ମଧ୍ୟ ସେ ବିଗ୍‌ବସ୍ ଘରକୁ ଯିବାକୁ ଚାହୁଁନାହାନ୍ତି। ସେ ଘରେ ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି। ତେବେ ଦେଖିବାକୁ ବାକି ରହିଲା ନିଆ କେତେ ସତ କହୁଛନ୍ତି।

## ଜନ୍ମଦିନ ବଦଳରେ ପୋଷ୍ୟ ବାଘ

ହାଇଦ୍ରାବାଦ: କୁନି କୁନି ପିଲାମାନେ ବେଳେବେଳେ ଏମିତି କାମ କରନ୍ତି ଯେ ସମାଜ ପାଇଁ ସେମାନେ ଦିଗ୍‌ଦର୍ଶକ ପାଲଟିଯାନ୍ତି। ଠିକ୍ ଏମିତି ଜଣେ ବାଳକ ହେଉଛନ୍ତି ଚିନ୍ମୟ ସିଦ୍ଧାର୍ଥ ଶାହା। ହାଇଦ୍ରାବାଦ ତେଲଙ୍ଗାନାର ଏହି ବାଳକ ଜଣକ ନିଜ ଜନ୍ମଦିନ ପାଇଁ ରହିଥିବା ଟଙ୍କାରେ କୌଣସି ପ୍ରକାରର ପାର୍ଟି ନ କରି ଏକ ବାଘକୁ ପୋଷ୍ୟଭାବେ ଗ୍ରହଣ କରି ଉଦାହରଣ ସାଜିଛନ୍ତି।

ତେଲଙ୍ଗାନାର ନେହେରୁ ପ୍ରାଣୀ ଉଦ୍ୟାନରେ ଥିବା ବାଘ ‘ସଙ୍କଳ୍ପକୁ’ ପୋଷ୍ୟଭାବେ ଗ୍ରହଣ କରିଛନ୍ତି ୧୨ ବର୍ଷର ବାଳକ ଚିନ୍ମୟ। ଏଥିପାଇଁ ସେ ପରିବାର ସହିତ ଯାଇ ପ୍ରାଣୀଉଦ୍ୟାନର ଅଧିକାରୀମାନଙ୍କୁ ୨୫ହଜାର ଟଙ୍କାର ଏକ



ଚେକ୍ ପ୍ରଦାନ କରିଛନ୍ତି। ଏହି ଟଙ୍କାରେ ଏବେ ଚିଡିଆଖାନାରେ ଥିବା ବାଘର ତିନି ମାସ ପାଇଁ ଭରଣପୋଷଣ ହୋଇଯିବ। ଏହାପରେ ପୁଣି ଥରେ ସେ ପୋଷ୍ୟ କରିଥିବା ବାଘ ପାଇଁ ଅର୍ଥ ଦେବାକୁ ଇଚ୍ଛା ରଖିଛନ୍ତି। ଚିନ୍ମୟଙ୍କ ଜନ୍ମଦିନ ପାଳନ ନିମନ୍ତେ ତାଙ୍କ ବାପା ସିଦ୍ଧାର୍ଥ କାନ୍ତିଲାଲ୍ ଶାହା ଏହି ଟଙ୍କା ରଖିଥିବା ତାଙ୍କୁ ଜଣାଇଥିଲେ। ଏକଥା ଜାଣିବା ପରେ ଚିନ୍ମୟ ଜନ୍ମଦିନରେ କୌଣସି ପ୍ରକାରର ସେଲିବ୍ରେଶନ ନ କରି ସେହି ଟଙ୍କାକୁ ଏପରିଭାବେ ବିନିଯୋଗ କରିବା ପାଇଁ ତାଙ୍କ ବାପାଙ୍କୁ ଅନୁରୋଧ କରିଥିଲେ। ଚିନ୍ମୟଙ୍କର ଏହି ନିଷ୍ପତ୍ତି ସମସ୍ତଙ୍କୁ ପ୍ରଭାବିତ କରିଥିଲା ଓ ତାଙ୍କ ସର୍ତ୍ତରେ ସମସ୍ତେ ରାଜି ହୋଇଥିଲେ। ଏତେ କମ୍ ବୟସରୁ ଚିନ୍ମୟଙ୍କର ପରିବେଶ ଓ ଜୀବଜନ୍ତୁଙ୍କ ପ୍ରତି ଥିବା ଶ୍ରଦ୍ଧାକୁ ଦେଖି ଚିଡିଆଖାନାର ଅଧିକାରୀମାନେ ମଧ୍ୟ ପ୍ରଶଂସା କରିଛନ୍ତି। ତାଙ୍କ ଭଳି ଅନ୍ୟ ସମସ୍ତେ ମଧ୍ୟ ଏପରିଭାବେ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ପଶୁପକ୍ଷୀଙ୍କୁ ପୋଷ୍ୟଭାବେ ଗ୍ରହଣ କରିବା ଉଚିତ ବୋଲି ମତ ଦେଇଛନ୍ତି।

## ୩୦ ବର୍ଷରେ ୩ କିଲୋମିଟର କେନାଲ ଖୋଳିଲେ କୃଷକ

ପାଟନା: ଦଶରଥ ମାନ୍‌ଜୀ। ମାଉଣ୍ଟେନ ମ୍ୟାନ କୁହାଯାଉଥିବା ଦଶରଥ ପର୍ବତ କାଟି ରାସ୍ତା ତିଆରି କରିଥିଲେ। ସେ ବିହାରର ଗୟା ଜିଲା ନିକଟରେ ଅବସ୍ଥିତ ଗହଲୁର ଗାଁର ବାସିନ୍ଦା ଥିଲେ। ଏବେ ସେହି ଗୟାରେ ରହୁଥିବା ଜଣେ ବୃଦ୍ଧ ଲାଉଙ୍ଗି ଭୁୟାଁ ମଧ୍ୟ ସମାନ କାର୍ଯ୍ୟ ପ୍ରଦର୍ଶନ କରିଛନ୍ତି। ଭୁୟାଁ ଗୟା ଜିଲାର ଲହଥୁଆ ଅଞ୍ଚଳର କୋଠିଲାୱା ଗାଁରେ ବାସ କରନ୍ତି। ୩୦ ବର୍ଷର ଅକ୍ଲାନ୍ତ ପରିଶ୍ରମ ପରେ ସେ ୩ କିଲୋମିଟରର ଲମ୍ବା ଏକ କେନାଲ ତିଆରି କରିଛନ୍ତି। ପାହାଡରୁ ବର୍ଷା ଜଳ ନିଜ ଗାଁ କ୍ଷେତକୁ ଆଣିବା ପାଇଁ ସେ ଏହା କରିଛନ୍ତି। ଫଳରେ ଗାଁର ୩ ହଜାର ଲୋକ ଏଥିରୁ ଉପକୃତ ହେଉଛନ୍ତି। ତାଙ୍କ ପରିବାର ସଦସ୍ୟ କହିଛନ୍ତି ଯେ, ସେ ପ୍ରତିଦିନ ଘରୁ ଜଙ୍ଗଲରେ ପହଞ୍ଚି କେନାଲ ଖୋଳୁଥିଲେ। ତାଙ୍କ ପରିବାର ଏହା କରିବାକୁ ବାରଣ କରିଥିଲେ। କିନ୍ତୁ ଭୁୟାଁ କାହା କଥା ଶୁଣି ନ ଥିଲେ। ଭୁୟାଁ ନିଜେ କହିଛନ୍ତି ଯେ ତାଙ୍କ ସ୍ତ୍ରୀ, ପୁଅ ଏବଂ ବୋହୂ ସମସ୍ତେ ଏହି କାମରୁ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ, କାରଣ ଏଥିରୁ କିଛି ତାଙ୍କୁ ପାରିଶ୍ରମିକ ମିଳୁ ନ ଥିଲା। ଏକ ସମୟରେ ଲୋକମାନେ ତାଙ୍କୁ ପାଗଳ ବୋଲି କହିବା ଆରମ୍ଭ କଲେ, କିନ୍ତୁ ଆଜି ପାଣି ଆସିବା ପରେ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି। ସେ କହିଥିଲେ, ପୂର୍ବରୁ ମୁଁ ଚାଷ କାର୍ଯ୍ୟ କରୁଥିଲି। ପୁଅ କାମ ଖୋଜିବାକୁ ସହରକୁ ଗଲା, ଗାଁର ଅଧିକାଂଶ ଲୋକ ମଧ୍ୟ କାମ କରିବାକୁ ବାହାରକୁ ଗଲେ। ଦିନେ ଛେଳି ଚରାଇବା ବେଳେ ମୁଁ ଭାବିଲି ଯଦି ଗାଁକୁ ପାଣି ଆସିଯିବ ତେବେ ଲୋକେ ଆଉ ବାହାରକୁ ଖଟିବାକୁ ଯିବେ ନାହିଁ। ସେବେଠାରୁ ମୁଁ କେବଳ ଖୋଳିବା ଆରମ୍ଭ କଲି ବୋଲି ଲାଉଙ୍ଗି କହିଛନ୍ତି।

## ମାସ୍କ ତିଆରି କରୁଛନ୍ତି ଯବାନ

ଶ୍ରୀନଗର: ଦେଶରେ ଏପର୍ଯ୍ୟନ୍ତ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିନି। ସେଥିପାଇଁ ଜମ୍ମୁ-କଶ୍ମୀରର ସିଆରପିଏଫ୍ ଯବାନମାନେ କୋଭିଡ୍ ଯୋଦ୍ଧାଙ୍କ ଭଳି ସିଧାସଳଖ ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନେ ନିଜେ ମାସ୍କ ତିଆରି କରି ସାଧାରଣ ଲୋକଙ୍କୁ ବାଣ୍ଟିବା ସହିତ ସଚେତନ ବି କରାଉଛନ୍ତି। ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳରେ ସହଜରେ ପିପିଇ କିଟ୍ ଉପଲବ୍ଧ ହୋଇପାରି ନ ଥାଏ। ସେଥିପାଇଁ ଲୋକଙ୍କୁ ମାସ୍କ ପିନ୍ଧି ବାହାରିବା ନିହାତି ଆବଶ୍ୟକ। ଲୋକଙ୍କୁ ଏନେଇ ସଚେତନ କରିବା ସହିତ ମାଗଣାରେ ସାଧାରଣ ଲୋକଙ୍କୁ ମାସ୍କ ଦେଉଛନ୍ତି ସେଠାକାର ସିଆରପିଏଫ୍ ଯବାନ। ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳରେ ପିପିଇ କିଟ୍, ଫେସ୍ ସିଲ୍‌ଡ ଆଦି ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେଉ ନ ଥିବା ଦେଖି ପ୍ରଥମେ ସିଆରପିଏଫ୍ ଯବାନମାନେ ନିଜେ ମାସ୍କ ତିଆରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେଣୁ ସେମାନେ ମଧ୍ୟ ସିଧାସଳଖ କୋଭିଡ୍ ଯୋଦ୍ଧାଙ୍କ ଭଳି ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ସାହାଯ୍ୟ କରିବା ସହିତ ମାସ୍କ ବାଣ୍ଟିବା ଆରମ୍ଭ କରିଥିଲେ। ଭିନ୍ନ କଥା ହେଉଛି ଯବାନଙ୍କର ଡ୍ୟୁଟି ଭିତରେ ଏହି କାମ ଆସୁ ନ ଥିଲେ ମଧ୍ୟ ସେମାନେ ସ୍ୱଇଚ୍ଛାରେ ନିଜେ ମାସ୍କ ତିଆରି କରି ଲୋକଙ୍କୁ ସାହାଯ୍ୟ କରୁଛନ୍ତି। କରୋନା ସଂକ୍ରମଣ ସମୟରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସିଆରପିଏଫ୍ ଯବାନ ଏକ ହେଲ୍‌ପ ଲାଇନ୍ ନମ୍ବର ମାଧ୍ୟମରେ ଲୋକଙ୍କୁ ରାଶନ ସାମଗ୍ରୀ ସହିତ ସାନିଟାଇଜର ଓ ମାସ୍କ ମଧ୍ୟ ଘରେ ଘରେ ପହଞ୍ଚାଉଛନ୍ତି।



## ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ସଚେତନତାର ପେଣ୍ଟିଂ

ରାଞ୍ଚି: ପେଣ୍ଟିଂ ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ପାଇଁ କୋଭିଡ୍ ଥିମ୍‌କୁ ନେଇ ବିଭିନ୍ନ ପ୍ରକାରର ପେଣ୍ଟିଂ ତିଆରି କରୁଛନ୍ତି ଝାଡ଼ଖଣ୍ଡ ଧାନବାଦସ୍ଥିତ କପୁରିଆର କଳାକାର ମହାବୀର ମହାତୋ। ତାଙ୍କର ଏହି ସଚେତନତାମୂଳକ ପେଣ୍ଟିଂ ଏବେ ଥାଇଲାଣ୍ଡରେ ହେବାକୁ ଥିବା ଅନ୍ତର୍ଜାତୀୟ ଅନ୍‌ଲାଇନ୍ ପ୍ରଦର୍ଶନୀରେ ସ୍ଥାନ ପାଇଛି।



ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମହାବୀର କୋଭିଡ୍ ଥିମ୍‌ରେ ଅନେକଗୁଡ଼ିଏ ପେଣ୍ଟିଂ ତିଆରି କରିଥାନ୍ତି। ନିଜ ପେଣ୍ଟିରେ ସେ ସାରା ବିଶ୍ୱର ସମସ୍ୟା ତଥା ଦୁର୍ଦ୍ଦଶାକୁ ମଧ୍ୟ ସ୍ଥାନ ଦେଇଥାନ୍ତି। ଏପର୍ଯ୍ୟନ୍ତ ବି କରୋନା କବଳରୁ ବିଶ୍ୱକୁ ମୁକ୍ତି ମିଳିନାହିଁ। ଅନେକ ଦେଶରେ ଏବେ ବି ସଂକ୍ରମଣ ଭୟଙ୍କର ସ୍ଥିତିରେ ରହିଛି। ତେଣୁ ଲୋକେ ଏବେ ନିଜେ ସଚେତନ ହେବା ନିହାତି ଜରୁରୀ। ସେଥିପାଇଁ ସେ ତାଙ୍କର ବିଭିନ୍ନ ପ୍ରକାରର ପେଣ୍ଟିଂ ସବୁକୁ ସୋସିଆଲ ମିଡିଆରେ ଶେୟାର କରି ଲୋକଙ୍କୁ ସଚେତନ କରିବା ପାଇଁ ବାର୍ତ୍ତା ଦେଇଥାନ୍ତି। ତାଙ୍କର ଏହି ଉଦ୍ୟମ ଏବେ ଅନ୍ତର୍ଜାତୀୟ ସ୍ତରରେ ବି ଲୋକଙ୍କୁ ସଚେତନ କରିବ। ଝାଡ଼ଖଣ୍ଡର ଏହି କଳାକାର ଏବେ ତାଙ୍କର କୋଭିଡ୍ ଥିମ୍ ପେଣ୍ଟିଂ ନିମନ୍ତେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ଏବେ ସେ ଗୁଜରାଟରେ ରହୁଛନ୍ତି। ଫାଇନ୍ ଆର୍ଟରେ ସେ ସ୍ୱତନ୍ତ୍ର କୋର୍ସ କରି ବିଭିନ୍ନ ପ୍ରକାରର ପେଣ୍ଟିଂ ତିଆରି କରିଥାନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୦୫୫,୬୬୫ | ୯,୨୬,୦୨୮ | ୨୦,୯୧୩,୩୫୫ |
| ଭାରତ | ୪୮,୧୧,୭୧୨ | ୭୯,୨୨୪ | ୩୭,୪୯,୮୫୧ |
| ଓଡ଼ିଶା | ୧,୫୦,୮୦୭ | ୬୨୬(+୫୩) | ୧,୧୮,୬୪୨ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରାଜ୍ୟରେ ଦେଢ଼ଲକ୍ଷ ଟପିଲା ସଂକ୍ରମଣ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ରାଜ୍ୟରେ ମାତ୍ର ୬ ମାସରେ ଦେଢ଼ଲକ୍ଷ ଡେଇଁଲା ସଂକ୍ରମଣ। ମାର୍ଚ୍ଚ ୧୫ରେ ପ୍ରଥମ କରୋନା ପଜିଟିଭ୍ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲା। ଏହାପରେ ଏହି ମହାମାରୀ ଧୀରେ ଧୀରେ ରାଜ୍ୟର ସବୁ ଜିଲାକୁ ବ୍ୟାପିଯାଇଥିଲା। ପ୍ରଥମ ୫୦ହଜାର ସଂକ୍ରମଣ ପାଇଁ ୧୫୦ଦିନ ଲାଗିଥିଲା। ଅଗଷ୍ଟ ୧୨ରେ ଏହି ସଂଖ୍ୟା ୫୦,୬୭୨ରେ ପହଞ୍ଚିଥିବାବେଳେ ଏହାର ମାତ୍ର ୧୮ ଦିନରେ ଅର୍ଥାତ୍ ୩୦ ତାରିଖରେ ଏହା ୧ଲକ୍ଷ ୯୩୪ ଛୁଇଁଥିଲା। ଏବେ ୧୪ ଦିନରେ କରୋନା ୫୦ହଜାର ଲୋକଙ୍କୁ ସଂକ୍ରମିତ କରିଛି। ଶେଷ ୨୪ ଘଣ୍ଟାରେ ରାଜ୍ୟର ୩,୯୧୩ ନୂଆ ପଜିଟିଭ୍ ଚିହ୍ନଟ ହେବା ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୫୦,୮୦୭ରେ ପହଞ୍ଚିଛି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୫,୯୯୬ଜଣ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଗଞ୍ଜାମ ଜିଲା ରହିଛି। ଏହି ଜିଲାରେ ୧୯,୨୧୧ଜଣ ଆକ୍ରାନ୍ତ ହୋଇଥିବାବେଳେ ୧୩,୦୧୫ ସହ କଟକ ଜିଲା ତୃତୀୟ ସ୍ଥାନରେ ରହିଛି। ତେବେ ଅନ୍ୟ ସମସ୍ତ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦ହଜାର ତଳେ ରହିଛି ଓ ଦେବଗଡ଼ ଜିଲାରେ ସର୍ବନିମ୍ନ ୩୭୩ଜଣ ଆକ୍ରାନ୍ତ ହୋଇଛନ୍ତି।

### ଆଉ ୩୯୧୩ ଚିହ୍ନଟ, ୧୦ ମୃତ

ତେବେ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲାର ସ୍ଥିତି ଏବେ ବି ସଙ୍ଗିନ ରହିଛି। ସଂକ୍ରମଣ ଥମିବାର ନାଁ ଧରୁନି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୫୫୬ଜଣ ଥିବାବେଳେ କଟକ ୩୮୨, ପୁରୀ ୨୧୨, ଝାରସୁଗୁଡ଼ା ୧୬୨, କେନ୍ଦ୍ରାପଡ଼ା ୧୫୬, ମୟୂରଭଞ୍ଜ ୧୪୭, ବରଗଡ଼ ୧୪୬, ବଲାଙ୍ଗୀର ୧୪୨, ସମ୍ବଲପୁର ୧୪୧, ବାଲେଶ୍ୱର ୧୩୪, ନୂଆପଡ଼ା ୧୨୮, ଭଦ୍ରକ ୧୨୩, ନବରଙ୍ଗପୁର ୧୧୨, ଜଗତ୍‌ସିଂହପୁର ୧୦୮, ଅନୁଗୋଳ ୧୦୩ ଓ କୋରାପୁଟରୁ ୧୦୦ଜଣ ରହିଛନ୍ତି। ବାକିସବୁ ଜିଲାରେ ଏହି ସଂଖ୍ୟା ଦୁଇ ଅଙ୍କରେ ସୀମିତ ରହିଛି। ଏମାନଙ୍କ ମଧ୍ୟରୁ ୨,୩୪୮ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଥିବାବେଳେ ୧,୫୬୫ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

କରୋନାରେ ୧୦ଜଣଙ୍କର ମୃତ୍ୟୁ ଘଟିଛି। ଖୋର୍ଦ୍ଧାରେ ସର୍ବାଧିକ ୩ଜଣ ଥିବାବେଳେ କଟକରୁ ୨, ବାଲେଶ୍ୱର, ଗଞ୍ଜାମ, କଳାହାଣ୍ଡି, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜଣାଯାଇଛି। ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୬୨୬କୁ ବୃଦ୍ଧି ପାଇଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରିଣ୍ଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବନ୍ଧ ତଳେ ଚାଷ**
**ବନ୍ଧ ତଳେ ବାସ।**

ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢି ଆସିଲେ ଫସଲ ପାଣିରେ ବୁଡି ନଷ୍ଟ ହୋଇଯିବାର ସମ୍ଭାବନା ରହିଥାଏ। ସେହିପରି ନଈ ବନ୍ଧ ତଳେ ଘର କରିଥିଲେ ବଢି ହୋଇ ବନ୍ଧ ଭାଙ୍ଗିଗଲେ ଘରଦ୍ୱାର ଭାସି ଯିବାର ଆଶଙ୍କା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବେପାର ଭିତରେ କାଳି,**
**କହିଲେ ଯେବେ ଦିଏ;**
**ଟାପରା ଭିତରେ ଶାଳୀ,**
**କହିଲେ ଯେବେ ସହେ;**
**ସକାଳ ଗାଧୁଆ ପଖାଳ ଖିଆ,**
**ଦିହରେ ଯେବେ ଯାଏ।**

ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର ଆପତ୍ତି ଅଭିଯୋଗ ନ ଥାଏ, ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ। ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ଏହା ଅତି ଖୁସି ଓ ଆନନ୍ଦର ବିଷୟ ହୋଇଯାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡି ସକାଳୁ ଗାଧୋଇବା ଓ ପଖାଳ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**


# ଭୁବନେଶ୍ୱରରେ ଅଣାୟତ୍ତ କରୋନା

■ ସଂକ୍ରମିତଙ୍କ ସଂଖ୍ୟା ୧୬ହଜାର, ସୁସ୍ଥ ୧୧ହଜାର ପାର
■ ଆଉ ୨ ଜଣଙ୍କ ପ୍ରାଣହାନୀ, ସେପ୍ଟେମ୍ବରରେ ୨୦ ମୃତ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ଭୁବନେଶ୍ୱରରେ କରୋନା ଧୀରେ ଧୀରେ ଅଣାୟତ୍ତ ହେବାରେ ଲାଗିଛି। ସଂକ୍ରମିତ ସଂଖ୍ୟା ଅହେତୁକ ଭାବେ ବଢ଼ିବାରେ ଲାଗିଛି। ରବିବାର ୩୯୫ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ସଙ୍ଗରୋଧରୁ ୧୧୬ଜଣ ଓ ୨୭୯ଜଣ ସ୍ଥାନୀୟ ସଂକ୍ରମଣ ଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପକ୍ଷରୁ ସୂଚନା ଦିଆଯାଇଯାଇଛି। ନୂତନ ସଂକ୍ରମିତ ସଂଖ୍ୟାକୁ ମିଶାଇ ଭୁବନେଶ୍ୱରରେ ମୋଟ ୧୬,୨୪୦କୁ ବୃଦ୍ଧି ପାଇଛି। ସବୁଠୁ ବଡ଼ କଥା ହେଉଛି, ଗତ ୮ ଦିନ ମଧ୍ୟରେ ଭୁବନେଶ୍ୱରରୁ କେବଳ ୨୧୩୩ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଭୁବନେଶ୍ୱରରେ ଗତ କିଛିଦିନ ହେବ ଯେଉଁଭଳି ଭାବେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଛି ବିଏମ୍ସି ପ୍ରତିହତ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ପରିଲିକ୍ଷିତ ହେଉଛି। ଯେଉଁଠି ସେପ୍ଟେମ୍ବର ୧ରେ ଭୁବନେଶ୍ୱରରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୦,୭୩୨ ଥିଲା, ସେଠାରେ ଏବେ ସଂଖ୍ୟା ୧୬,୨୪୦କୁ ବୃଦ୍ଧିପାଇଛି। କେବଳ ସେପ୍ଟେମ୍ବରର ୧୪ ଦିନ ମଧ୍ୟରେ ୫୫୦୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କେବଳ ସେପ୍ଟେମ୍ବରରେ ହିଁ ୨୦ଜଣଙ୍କ ମୃତ୍ୟୁ ହୋଇଛି ଓ ପାଖାପାଖି ୮ଜଣଙ୍କର ଅଣ କୋଭିଡ୍ ମୃତ୍ୟୁ ହୋଇଛି। ରବିବାର ଆଉ ୨ଜଣ କରୋନାରେ ପ୍ରାଣ ହରାଇଥିବା ବିଏମ୍ସି ସ୍ପଷ୍ଟ କରିଛି। ଫଳରେ ଏବେ ବିଏମ୍ସି ଅଞ୍ଚଳରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୬୨କୁ ବୃଦ୍ଧି ପାଇଛି। ବିଏମ୍ସି ଆସନ୍ତା ମାସ ପାଇଁ ପୂର୍ବ ଆକଳନ କରୁଥିବାବେଳେ ବିଏମ୍ସିର ସମସ୍ତ ପ୍ରସ୍ତୁତି ଯେପରି ଫେଲ୍ ମାରୁଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ ହସ୍ପିଟାଲରେ ଗୁରୁତର ରୋଗୀଙ୍କ ପାଇଁ ବେଡ୍ ନ ଥିବା ଅଭିଯୋଗ ହେଉଥିବାବେଳେ ନୂଆ ପଜିଟିଭ୍ଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟା ଓ ଅନ୍ୟ ଆନୁସଙ୍ଗିକ କାର୍ଯ୍ୟ ମଧ୍ୟ ଠିକ୍ ଢଙ୍ଗରେ ପରିଚାଳନା ହେଉ ନ ଥିବା ବହୁ ସ୍ଥାନରେ ଅଭିଯୋଗ ହେଉଛି।



ସେପ୍ଟେମ୍ବର ଶେଷ ସୁଦ୍ଧା ପଜିଟିଭ୍ ହାର ଭୁବନେଶ୍ୱରରେ ହ୍ରାସ ପାଇବ ବୋଲି ବିଏମ୍ସି କହୁଛି। ହେଲେ ଏ ନେଇ ବିଏମ୍ସି ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ହେଉଛି। ସୂଚନା ମୁତାବକ, ସଙ୍ଗରୋଧରୁ ଚିହ୍ନଟ ଆକ୍ରାନ୍ତମାନେ ପୂର୍ବରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ନୟାପଲ୍ଲୀରୁ ୯ଜଣ, ୬ଜଣ ପୋଲିସ କର୍ମଚାରୀ, ୟୁନିଟ-୯ରୁ ୫ଜଣ, ଭୋଇ ନଗର ଗ୍ରୀଡ୍କୋ କଲୋନୀ, ନୀଳାଦ୍ରି ବିହାର, ଡୁମୁଡୁମାରୁ ୪ଜଣ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୟୁନିଟ-୯ରୁ ୧୩ଜଣ, ନୟାପଲ୍ଲୀରୁ ୧୨ଜଣ, ୟୁନିଟ-୬ରୁ ୯ଜଣ, ସିଆର୍ପିଏଫ ପରିସରରୁ ୬ଜଣ, ୬ ଜଣ ପୋଲିସ କର୍ମଚାରୀ, କେଦାରଗୌରୀ ଲେନରୁ ୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସ୍ଥାନୀୟ ସଂକ୍ରମଣ ଯୋଗୁ ଆକ୍ରାନ୍ତ ହୋଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରରୁ ରବିବାର ମୋଟ ୬୦୪ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏବେ ବିଏମ୍ସି ଅଞ୍ଚଳରେ ମୋଟ୍ ୪ ହଜାର ୭୩୫ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

# ବାବା ଯୋଡ଼ାଲିଙ୍ଗ ମନ୍ଦିର ବିପଦସଙ୍କୁଳ

ପୁରୀ ଅଫିସ,୧୩।୯: ପୁରୀ ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ଯୋଡାଲିଙ୍ଗ। ପୁରୀ ସଦର ବ୍ଲକ ଅନ୍ତର୍ଗତ ଏହି ଶୈବ ପୀଠକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସିଥାନ୍ତି। କେହି କେହି ମାନସିକ ରଖି ମଧ୍ୟ ବାବାଙ୍କ ପାଖକୁ ଆସିଥାନ୍ତି। ତେବେ ମୁଖ୍ୟ ମନ୍ଦିର ସମ୍ମୁଖ ଭାଗରେ ଥିବା ଛାତ ବିପଦସଂକୁଳ ହୋଇପଡିଛି। ୧୯୮୫-୧୯୯୦ ମସିହାରେ ଅବିଭକ୍ତ ବାଲିପଡ଼ା ପଞ୍ଚାୟତର ତତ୍କାଳୀନ ସରପଞ୍ଚ ଉଦୟନାଥ ବିଶ୍ୱାଳ ପଞ୍ଚାୟତ ପାଣ୍ଠିରୁ ୩୫ ହଜାର ଟଙ୍କା ଅନୁଦାନ ଦେଇ ଏହି ପକ୍କା ଘର ନିର୍ମାଣ କରାଇଥିଲେ। ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଛାତରୁ କଂକ୍ରିଟ ଖଣ୍ଡ ଖସି ରଡ଼ ଦେଖାଗଲାଣି। ଏହାକୁ ମରାମତି କରିବା ଦିଗରେ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। କେତେବେଳେ ଯେ ଅଘଟଣ ନ ଘଟିବ ତାହା କହିବା ମୁସ୍କିଲ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଦେବୋତ୍ତର ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

ବାଲିପଡ଼ାର ସୁରେଶ ଖୁଣ୍ଟିଆ କହିଛନ୍ତି, ବାବା ଯୋଡାଲିଙ୍ଗଙ୍କ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସିଥାନ୍ତି। ମହାଶିବରାତ୍ରି ଏଠାରେ ଧୁମ୍ଧାମରେ ପାଳନ କରାଯାଏ। ଏତଦ୍ବ୍ୟତୀତ ମାନସିକଧାରୀମାନେ ଗୁହାରିଆ ପଡିଥାନ୍ତି। ମୁଖ୍ୟ ମନ୍ଦିର ସମ୍ମୁଖ ଏହି କୋଠା ତଳେ ପ୍ରାୟ ୨୦୦ ଲୋକ ବସିବା ଭଳି ସୁବିଧା ଥିବାରୁ ବିଭିନ୍ନ ରାଜନୈତିକ ସମାବେଶ, କୃଷି ସମାବେଶ ମଧ୍ୟ ଅନୁଷ୍ଠିତ ହୋଇଥାଏ । ସ୍ଥାନୀୟ ପର୍ବପର୍ବାଣି ସମୟରେ ପୀଠରେ ଗହଳି ହୁଏ। ମାତ୍ର କିଛିବର୍ଷ ହେବ ଏହି ଛାତ ବିପଦସଂକୁଳ ହୋଇପଡିଛି। କଂକ୍ରିଟ୍ ଖଣ୍ଡ ଖସି ରଡ଼ ଦେଖାଗଲାଣି। ହେଲେ ଏହାର ମରାମତି ହେଉନାହିଁ। ତେଣୁ ଦେବୋତ୍ତର ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ଖୁଣ୍ଟିଆ ଅନୁରୋଧ କରିଛନ୍ତି।

# କେନାଲରେ ବୁଡ଼ି ଛାତ୍ରୀ ମୃତ

ନିଶ୍ଚିନ୍ତକୋଇଲି,୧୩।୯(ସ୍ୱ.ପ୍ର.)

କେନାଲରେ ବୁଡ଼ି ରବିବାର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତ ସାଙ୍କିଲୋ ଗ୍ରାମର ଜଣେ ଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଗ୍ରାମର ବିଜୟ କୁମାର ନାୟକଙ୍କ ଝିଅ ବର୍ଷାପ୍ରିୟଦର୍ଶିନୀ(୧୧)। ବର୍ଷା ଚୁଟି କାଟିବାକୁ ସାଇକେଲରେ ସ୍ଥାନୀୟ ବଜାରକୁ ଯାଇଥିଲେ। ଫେରିବା ବାଟରେ କେନାଲରେ ପଡି ଯାଇଥିଲେ। ଖୋଜାଖୋଜି କରିବା ପରେ ତାଙ୍କୁ କେନାଲରୁ ଉଦ୍ଧାର କରାଯାଇ ନିଶ୍ଚିନ୍ତକୋଇଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛାତ୍ରୀ ଶାଙ୍କିଲୋ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଥିବା ଜଣାଯାଇଛି।


# classifieds Everyday
0674-2580101, 2549302




## SALE

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

**Plot sale near AIIMS Hospital, Bhubaneswar with 30' road, 9439206202.** D-69161

ଭୁବନେଶ୍ୱର Gudiapokhari ଏବଂ KECଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-18223

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69341

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

15 plots for sale @1150 and 30 metres from Ganga Patna main road and a corner plot at Nuaguan Sum Hospital @1600. Contact Jyostna-: 78944 13311. D-18225




**7000sqft ready made shades with transformers, generator, Ac for any showroom purposes for rent near Hanspal square, Bhubaneswar. Contact: 9438362399.** D-18209




Get refreshment body massage by expert therapist contact for. 9556978408. D-69746

Swarna SPA newly open positively health benefits with expert therapist. 7873794731. D-69747

Newly open full body massage SPA in Bhubaneswar. Contact: 7205058838. D-69741

Newly open spa centre smart therapist body massage,Bamikhal, 7205187702. D-59960

Refresh your mind and soul with best therapy at Orchid Salon/ Spa, 9937287222. D-69541

Newly open spa centre smart therapist body massage, Rasulgarh: 7846814019. D-59959

Open new SPA station 3rd floor, Big Bazar, Nayapalli. 7655024727, 8118079281. D-69536

Rejuvenate and Ayurvedic full body massage by smart therapist. 9348123330. D-69706

Herbal full body massage by smart / expert therapist. Contact: 8338067247. D-69745

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଜଙ୍ଗଲରୁ ହାତୀର ମୃତଦେହ ଉଦ୍ଧାର

ଟେନସା,୧୩।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ରେଞ୍ଜ ଅଧୀନ ଶଗଡଭଙ୍ଗା ନିକଟସ୍ଥ ମେଣ୍ଢାମାରୁଣି ସଂରକ୍ଷିତ ଜଙ୍ଗଲରୁ ଏକ ମାଈ ହାତୀର ମୃତଦେହକୁ ବନ ବିଭାଗ ଉଦ୍ଧାର କରିଛି। ରବିବାର ସକାଳେ ବନ ବିଭାଗର କର୍ମଚାରୀ ହାତୀଙ୍କ ଗତିବିଧି ଅନୁସନ୍ଧାନ କରିବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଏକ ହାତୀର ମୃତଦେହ ପଡିଥିବା ଦେଖି କୋଇଡ଼ା ବନ ବିଭାଗକୁ ଜଣାଇଥିଲେ। ବଣାଇ ବନଖଣ୍ଡ ଅଧିକାରୀ ସନତ କୁମାର ଏନ. ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଛି। ହାତୀର ଆନୁମାନିକ ବୟସ ୩୦ରୁ ୩୫ ବର୍ଷ ହେବ। ବ୍ୟବଚ୍ଛେଦ ରିପୋର୍ଟରୁ ଅସୁସ୍ଥତା କାରଣରୁ ହାତୀର ମୃତ୍ୟ ଘଟିଥିବା ବରସୁଆଁ ରେଞ୍ଜ ଅଧିକାରୀ ନବୀନ ପ୍ରଧାନ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆର୍ଥିକ ମେରୁଦଣ୍ଡ ...

ହେକ୍ଟର ଜମି ଜଳମଗ୍ନ ହୋଇଥିବା ବେଳେ ୧୧୨ ବ୍ଲକ ଅଧୀନରେ ଥିବା ୮୯୬ ପଞ୍ଚାୟତର ୩୨୫୬ ଗ୍ରାମ ପ୍ରଭାବିତ ହୋଇଛି। ଏ ନେଇ ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ କରୁଛନ୍ତି। ଏହି କ୍ଷତି ପ୍ରାୟ ୫ ହଜାର କୋଟି ଟପିଯିବ ବୋଲି ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପ୍ରାକୃତିକ ବିପତ୍ତି ଯୋଗୁ କେବଳ ଧନସମ୍ପତ୍ତି ନଷ୍ଟ ହେଉ ନାହିଁ, ବହୁମୂଲ୍ୟ ଜୀବନ ମଧ୍ୟ ହରାଇବାକୁ ପଡୁଛି। ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ୧୧,୫୫୫ ଜଣଙ୍କ ଜୀବନ ଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୧-୧୨ରେ ୫୦୧ ଜଣଙ୍କର ଜୀବନ ଯାଇଥିବା ବେଳେ ୨୦୧୨-୧୩ରେ ୪୪୪, ୨୦୧୩-୧୪ରେ ୫୩୮, ୨୦୧୪-୧୫ରେ ୪୮୨, ୨୦୧୫-୧୬ରେ ୧୩୩୬, ୨୦୧୬-୧୭ରେ ୧୭୧୦, ୨୦୧୭-୧୮ରେ ୨୩୨୫, ୨୦୧୮-୧୯ରେ ୨୫୫୦, ୨୦୧୯-୨୦ରେ ୧୫୫୦ ଏବଂ ୨୦୨୦ ସେପ୍ଟେମ୍ବର ସୁଦ୍ଧା ୧୧୫ ଜଣଙ୍କର ଦୈବୀ ବିପତ୍ତି ଯୋଗୁ ମୃତ୍ୟୁ ଘଟିଛି।

### ଜିଏସ୍ଟି କ୍ଷତି ଭରଣା, ...

ଏମ୍ପି ହରିବଂଶ ନାରାୟଣ ସିଂହ ଏବଂ ଆର୍ଜେଡି ଏମ୍ପି ତଥା ମିଳିତ ବିରୋଧୀ ପ୍ରାର୍ଥୀ ମନୋଜ ଝାଙ୍କୁ ଉପାଧ୍ୟକ୍ଷ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ଜେଡି(ୟୁ) ପ୍ରାର୍ଥୀଙ୍କୁ ସମର୍ଥନ ଦେବା ସକାଶେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସେପ୍ଟେମ୍ବର ୧୦ ତାରିଖରେ ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ୨୦୧୮ରେ ବିଜେଡି ଏନ୍ଡିଏ ସମର୍ଥିତ ପ୍ରାର୍ଥୀ ହରିବଂଶଙ୍କୁ ସମର୍ଥନ କରିଥିଲା। ତେବେ ଚଳିତ ନିର୍ବାଚନରେ ଦଳ କେଉଁ ପ୍ରାର୍ଥୀଙ୍କୁ ସମର୍ଥନ ଦେବ ସେନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ ବୋଲି ସସ୍ମିତ କହିଛନ୍ତି।

### ଆଜିଠୁ ପାର୍ଲାମେଣ୍ଟ ...

ସେଥି ମଧ୍ୟରେ ଫାକ୍ଟିଜ ରେଗୁଲେଶନ (ଆମେଣ୍ଡମେଣ୍ଟ) ବିଲ ୨୦୨୦, ଦ ପେନସନ ଫଣ୍ଡ ରେଗୁଲେଟରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି(ଆମେଣ୍ଡମେଣ୍ଟ) ବିଲ ୨୦୨୦, ଦି ଜୁଭେନାଇଲ ଜଷ୍ଟିସ(କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ ଚିଲଡ୍ରେନ) ଆମେଣ୍ଡମେଣ୍ଟ ବିଲ -୨୦୨୦ ଏବଂ ଜାମ୍ମୁ ଓ କଶ୍ମୀର ସରକାରୀ ଭାଷା ବିଲ୍-୨୦୨୦ ଆଦି ଅନ୍ତର୍ଭୁକ୍ତ। କୋଭିଡ-୧୯ ମହାମାରୀ ସମୟରେ ପାର୍ଲାମେଣ୍ଟର ପ୍ରଥମ ଅଧିବେଶନ ହେବାକୁ ଯାଉଛି। ନିୟମାବଳୀ ପାଳନ କରାଯାଇ ସମ୍ପୂର୍ଣ୍ଣ ଅଧିବେଶନ ଚାଲିବ। ସଦସ୍ୟମାନେ ସାମାଜିକ ଦୂରତ୍ୱ ବଜାୟ ରଖି ଆସନରେ ବସିବେ। ତେବେ ଏହି ଅଧିବେଶନରେ କୌଣସି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେବ ନାହିଁ କିମ୍ବା ବେସରକାରୀ ବିଲ୍ ଆସିବ ନାହିଁ। ଅଧିବେଶନରେ ଶୂନ୍ୟକାଳ ଓ ଅଣତାରକା ଚିହ୍ନିତ ପ୍ରଶ୍ନ ଉପସ୍ଥାପିତ ହେବାର କାର୍ଯ୍ୟକ୍ରମ ରହିଛି।

### ଅଭିନେତା ଅଜିତ ଦାସଙ୍କ ...

ପରବର୍ତ୍ତୀ ସମୟରେ ଅଜିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନାଟକ ବିଭାଗର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। କେବଳ ଏତିକିରେ ତାଙ୍କ ଯାତ୍ରା ଅଟକି ନ ଥିଲା, ସେ ନିଜ ସ୍ତ୍ରୀ ତଥା ନୃତ୍ୟଶିଳ୍ପୀ ମାୟା ଦାସଙ୍କ ସହ ମିଶି 'ଅଜିତ' ନାମରେ ଏକ ନାଟ୍ୟ ସଂସ୍ଥା ସ୍ଥାପନ କରି ବହୁ ନୂତନ କଳାକାର ସୃଷ୍ଟି କରିଥିଲେ। ଏପରି ସମୟରେ ତାଙ୍କର ମୃତ୍ୟୁ ଓଡ଼ିଆ ସିନେ ଜଗତ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସୋମବାର ପୂର୍ବାହ୍ନ ୧୧ଟାରେ ସତ୍ୟନଗରସ୍ଥିତ ଶ୍ମଶାନରେ ଗାର୍ଡ ଅଫ୍ ଅନର ଦିଆଯିବା ପରେ ଅଜିତଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ।

ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି, କଳାକାର ଓ ସିନେ ପ୍ରେମୀ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସିନେ ଜଗତରେ ଏକ ଯୁଗର ଅନ୍ତ ଘଟିଥିବା ସେମାନେ ଟୁଇଟ୍ କରି ଜଣାଇଛନ୍ତି। ସେହିପରି ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁ ନନ୍ଦନ ଦାସ, ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍ଗତି କାମନା କରିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ସ୍ୱର୍ଗତ ଅଜିତ ଦାସଙ୍କ ବନ୍ଧୁ ତଥା ଲୋକପ୍ରିୟ ଅଭିନେତା ବିଜୟ ମହାନ୍ତିଙ୍କର ପରଲୋକ ଘଟିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜିର ପ୍ରତ୍ୟୁଷଯାତ୍ରା, ବିବାଦୀୟ ଘଟଣା, ପ୍ରତିଯୋଗିତାମୂଳକ କାର୍ଯ୍ୟ ଓ ଆନୁଷ୍ଠାନିକ କାମରେ ସଫଳତା ମିଳିବ। ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଦୀର୍ଘଦିନର ସୁପରିକଳ୍ପିତ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି ।

**ବୃଷ** – ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବେ । ନିକଟସ୍ଥ ପାଖ ପଡୋଶୀମାନେ ସହାୟତା ଆଶା କରିପାରନ୍ତି। ସଙ୍ଗୀତ କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ। ପାରିବାରିକ ଅଶାନ୍ତି କାରଣରୁ ଅନ୍ୟମନସ୍କ ରହିପାରନ୍ତି।

**ମିଥୁନ** – କର୍ମକ୍ଷେତ୍ରରେ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ସମସ୍ୟାକୁ ବଢାଇ ଦେଇପାରନ୍ତି। ପୂର୍ବ ଯୋଜନା ଅନୁଯାୟୀ କର୍ମ କରନ୍ତୁ ଅବଶ୍ୟ କେତେକାଂଶରେ ସଫଳତା ପାଇବେ। ପୁରାତନ ରୋଗର ପୀଡା କାମ କରିବାକୁ ନିରୁତ୍ସାହିତ କରିବ । ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ** – କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କଷ୍ଟ ସ୍ୱୀକାର କରିବାକୁ ପଡିପାରେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଆଗନ୍ତୁକ ବନ୍ଧୁଟି ନିଜର ପାରିବାରିକ କ୍ଷେତ୍ରର ଅଭିମାନଭରା କଥା କହି ଦୁଃଖ କରିପାରନ୍ତି । ଆନୁଷ୍ଠାନିକ କାମରେ ତତ୍ପରତା ବୃଦ୍ଧିପାଇବ।

**ସିଂହ** – କର୍ମକ୍ଷେତ୍ରରେ ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ଆକସ୍ମିକ ଭାବରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ଆଶଙ୍କା ରହିଛି । ସହଯୋଗୀଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** – ପାରିବାରିକ ଅଶାନ୍ତି କାରଣରୁ ଚିନ୍ତାରେ ମାନସିକ ସ୍ଥିରତା ରହିବ ନାହିଁ। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ କିଛିଟା ହଇରାଣ ହରକତ ହେବାକୁ ପଡିପାରେ । ଘରର ବରାଦ ଅନୁଯାୟୀ କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରିପାରନ୍ତି। ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା** – କେତେକ ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟରେ ଓ ପରିବହନରେ ସମସ୍ୟା ସମାଧାନ ହେବ। ଆଜି ହଠାତ୍ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା** – ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ବିଶ୍ୱାସର ସହ କାମ କରି ଚାଲନ୍ତୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ନଚେତ୍ ପରେ ଚିନ୍ତା କରିବାକୁ ପଡିବ ।

**ଧନୁ** – ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବ୍ୟବସାୟ, ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରଯତ୍ନ କରିପାରନ୍ତି। ବିବାଦୀୟ ଘଟଣାରେ ନୀରବ ରହିଯିବା ଏକ ପ୍ରକାର ଭଲ ହେବ।

**ମକର** – ଆଜି ଯେ କୌଣସି ପ୍ରକାରେ ସମସ୍ତ କାମ ଶେଷ କରିବାକୁ ବାଧ ହେବେ । ବାଣିଜ୍ୟ କ୍ଷେତ୍ରରେ ଆଶାନୁରୂପ ଲାଭ ନ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ । ଭୁଲ୍ ବୁଝାମଣା ଯୋଗୁ ପରିବାର ଭିତରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** – ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇ ପାରନ୍ତି। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବାର ଆଶା ରହିଛି।

**ମୀନ** – ପାରିବାରିକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବା ସକାଶେ ବାଧ ହୋଇପାରନ୍ତି । ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଆକସ୍ମିକ ଭାବରେ ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ସୋମବାର, ସେପ୍ଟେମ୍ବର ୧୪ ତାରିଖ, ଅଦ୍ୟ ହିନ୍ଦୀ ଦିବସ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମିଥୁନ ରାଶିର ଘାତବାର, ଦିବା ଘ.୦୬.୨୬ମି.ଗତେ ଘ.୦୯.୪୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୫.୩୭ମି.ଗତେ ଘ.୦୭.୧୪ମି.ମଧ୍ୟେ, ଘ.୧୦.୨୯ମି.ଗତେ ଘ.୧୨.୫୪ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୩୩ମି.ଗତେ ଘ.୦୮.୫୬ମି.ମଧ୍ୟେ, ରାତ୍ରି ଘ.୧୧.୧୮ମି.ଗତେ ଘ.୦୨.୨୮ମି.ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩.୨୦ମି.ଗତେ ଘ. ୦୪.୫୭ମି.ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୭.୦୮ମି.ଗତେ ଘ.୦୮.୩୯ମି. ମଧ୍ୟେ ରାହୁକାଳ।

## ଗୁଟ୍‌ଖା ବେପାରୀଙ୍କ ଠାରୁ ବଟି: ୪ କନଷ୍ଟେବଲ ନିଲମ୍ବିତ

**ବ୍ରହ୍ମପୁର ଅଫିସ,୧୩।୯:** ଜଣେ ଗୁଟ୍‌ଖା ବେପାରୀଙ୍କ ଠାରୁ ବଟି ନେବା ଅଭିଯୋଗରେ ରବିବାର ୪ କନେଷ୍ଟେବଲ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ଟୁକୁନା ସେଠୀ, ରାଜେନ୍ଦ୍ର ସେଠୀ, ସନ୍ତୋଷ କୁମାର ଜାଲ ଓ ଅଭିଜନ ଗମାଙ୍ଗୋ। ସୂଚନା ଅନୁସାରେ, ଗତ ୨ତାରିଖରେ ବଡ଼ବଜାର ଅଞ୍ଚଳର ଏମ. ରଞ୍ଜିତ ତାଙ୍କ ଗାଡ଼ିରେ ବିପୁଳ ପରିମାଣ ଗୁଟ୍‌ଖା ନେଇ ଯାଉଥିଲେ। ରାସ୍ତାରେ ତାଙ୍କୁ ୪ଜଣ କନଷ୍ଟେବଲ ଅଟକାଇ ବିଭିନ୍ନ ଧମକ ଦେଇଥିଲେ। ତେବେ ଗାଡ଼ି ଛାଡ଼ିବା ପାଇଁ କନଷ୍ଟେବଲ ରଞ୍ଜିତଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇଥିବା ନେଇ ସହରରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏସ୍ପିଙ୍କ ତଦନ୍ତ ପରେ ଶେଷରେ ୪ କନଷ୍ଟେବଲ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲେ।

### ସଂକ୍ଷେପରେ

## ଲଘୁଚାପ: ଦକ୍ଷିଣ ଓଡିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୩।୯(ବ୍ୟୁରୋ):** ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ର ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଦକ୍ଷିଣ ଓଡିଶାରେ ବର୍ଷା ହେବାର ସମ୍ଭାବାନ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ଗଜପତି ରାୟଗଡା ଏବଂ ନବରଙ୍ଗପୁର ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିସହିତ କନ୍ଧମାଳ, କଳାହାଣ୍ଡି ଓ ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ୧୫ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡା, କଳାହାଣ୍ଡି, ଗଜପତି ଏବଂ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ଲଘୁଚାପ ସେତେଟା ପ୍ରଭାବ ପକାଇବ ନାହିଁ। ଉପକୂଳ ଓଡିଶାରେ କାଁ ଭାଁ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ୮.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱରରେ ୮, ଗୋପାଳପୁରରେ ୪.୬, ମାଲକାନଗିରେ ୧୫.୬ ଏବଂ ପାରାଦୀପରେ ୧୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ୨୫ ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୩।୯:** ମୋବାଇଲ ଚୋରି ଘଟଣାରେ ସିଡିଏ ଫେଜ-୨ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଆଳି ଥାନା ଅଞ୍ଚଳର ନିରଞ୍ଜନ ବାରିକ ଓରଫ ବିବୁନା। ଏ ନେଇ ଏକ ମାମଲା(ନଂ.୬୦/୨୦) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ସୁମନ୍ତ ପ୍ରଧାନ ନାମକ ଯୁବକ ସିଡିଏ ସେକ୍ଟର-୧୧ ଅଞ୍ଚଳରେ ଏକ କୋଠା ନିର୍ମାଣରେ କାର୍ଯ୍ୟ କରନ୍ତି। ଗତ ୧୦ ତାରିଖରେ ମାଲିକ ତାଙ୍କୁ ୧୦ହଜାର ଟଙ୍କା ଦେଇଥିଲେ। କୋଠାର ତଳ ମହଲାରେ ସେ ରୁହନ୍ତି। ତଳମହଲାର ଏକ ଘରେ ୧୦ହଜାର ଟଙ୍କା ଓ ୨ଟି ମୋବାଇଲ ରଖି ଉପର ମହଲାରେ ନିର୍ମାଣ କାର୍ଯ୍ୟ କରୁଥିଲେ। ହେଲେ ରାତିରେ ଦେଖିବା ବେଳକୁ ତାଙ୍କ ଘରର ଝରକା ଭଙ୍ଗାଯିବା ସହ ଟଙ୍କା ଓ ୨ଟି ମୋବାଇଲ ଚୋରି ହୋଇଯାଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବିବୁନାଙ୍କୁ ଗିରଫ କରିଥିଲା। ବିବୁନାଙ୍କୁ ପଚରାଉଚରା କରାଯିବା ପରେ ତାଙ୍କ ନିକଟରୁ ୨୫ଟି ଚୋରି ମୋବାଇଲ ପୋଲିସ ଜବତ କରିଛି।

# ‘ମିଶନ ପୂର୍ବୋଦୟ’ରେ ବଡ଼ ପଦକ୍ଷେପ

## ତିନୋଟି ପେଟ୍ରୋଲିୟମ ପ୍ରକଳ୍ପର ଲୋକାର୍ପଣ

**ଭୁବନେଶ୍ୱର ୧୩।୯(ବ୍ୟୁରୋ)**

ଉଜ୍ଜ୍ୱଳା ଯୋଜନା ଦ୍ୱାରା ଗରିବଙ୍କ ଜୀବନରେ କ’ଣ ପରିବର୍ତ୍ତନ ଆସିଛି, ବିଶେଷଭାବେ ଏହା କରୋନା ସମୟରେ ଜଣାପଡିଛି। ଏହି ଯୋଜନାରେ ଦେଶର ୮ କୋଟି ଗରିବ ପରିବାରଙ୍କ ପାଖରେ ଗ୍ୟାସ ପହଞ୍ଚିଥିବା ବେଳେ କରୋନା ସମୟରେ ଦେଶରେ ଗ୍ୟାସ ଯୋଗାଣକୁ ସୁନିଶ୍ଚିତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ରବିବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସ ସାହାଯ୍ୟରେ ବିହାରରେ ପେଟ୍ରୋଲିୟମ କ୍ଷେତ୍ରର ତିନୋଟି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ଲୋକାର୍ପଣ କରିବା ଅବସରରେ ମୋଦି କହିଛନ୍ତି, ଲୋକାର୍ପିତ ହୋଇଯାଇଥିବା ପ୍ରକଳ୍ପଗୁଡିକ ହେଲା ପାରାଦୀପ-ହଳଦିଆ-ଦୁର୍ଗାପୁର-ମୁଜାଫରପୁର ପାଇପଲାଇନର ବାଙ୍କା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ବିହାରର ବାଙ୍କା ଏବଂ ଚମ୍ପାରନଠାରେ ଏଲପିଜି ବଟଲିଂ ପ୍ଲାଣ୍ଟ ହେବ । ଏହି ସମାରୋହରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିବା ପାରାଦୀପ-ହଳଦିଆ-ଦୁର୍ଗାପୁର-ମୁଜାଫରପୁର ପାଇପଲାଇନର ଦୁର୍ଗାପୁର ବାଙ୍କା ସେକ୍ସନ ଓ ଅନ୍ୟାନ୍ୟ ପ୍ରକଳ୍ପ ‘ମିଶନ ପୂର୍ବୋଦୟ’ରେ ବଡ଼ ପଦକ୍ଷେପ । ଏହି ପାଇପଲାଇନ ପ୍ରକଳ୍ପର



ଧର୍ମେନ୍ଦ୍ର ପ୍ରଧାନ

ନିର୍ମାଣ ଏବଂ ସମ୍ପ୍ରସାରଣ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିପରି ଇଣ୍ଡିଆନ ଅଏଲର ବାଙ୍କା ସ୍ଥିତ ଏଲପିଜି ବଟଲିଂ ପ୍ଲାଣ୍ଟ ବାର୍ଷିକ ୮୫ ଲକ୍ଷ ଗ୍ୟାସ ସିଲିଣ୍ଡର ଉତ୍ପାଦନ ସହ ବିହାରରେ ନିଯୁକ୍ତି ସୃଷ୍ଟି କରିବ। ସେହିପରି ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ)ର ଚମ୍ପାରନଠାରେ ବାର୍ଷିକ ଲକ୍ଷେ ୨୦ ହଜାର କ୍ଷମତା ବିଶିଷ୍ଟ ଏଲପିଜି ବଟଲିଂ ପ୍ଲାଣ୍ଟ ବିହାରବାସୀଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିବାରେ ବଡ଼ ଭୂମିକା ନେବ। ପ୍ରଧାନମନ୍ତ୍ରୀ ୩ ବର୍ଷ ପୂର୍ବେ ଲାଲକିଲ୍ଲାରୁ ‘ମିଶନ ପୂର୍ବୋଦୟ’ ଆରମ୍ଭ କରିଥିଲେ।

# ଚାଲାଣ ବେଳେ ୩ ବାଘଛାଲ ଜବତ, ୪ ଗିରଫ



ଜବତ ବାଘଛାଲ ସହ ଗିରଫ ଅଭିଯୁକ୍ତମାନେ।

**ନବରଙ୍ଗପୁର,୧୩।୯(ବି.ପ୍ର.)**

ନବରଙ୍ଗପୁର ବନାଞ୍ଚଳ ପକ୍ଷରୁ ଚଢାଉ କରାଯାଇ ୨ଟି ସ୍ଥାନରୁ ୩ଟି ବାଘଛାଲ, ୨ ବାଇକ,୪ଟି ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖାତିଗୁଡା ଥାନା ଅଧୀନ ବରିଗୁଡା ଗ୍ରାମର ଗୁପ୍ତ ପ୍ରସାଦ ଟାକ୍ରୀ, ପ୍ରହଲ୍ଲାଦ ନାୟକ, କଳାହାଣ୍ଡି ଜିଲା ଥୁଆମାଳ ରାମପୁର ଅଞ୍ଚଳର ସୁରେନ୍ଦ୍ର ନାୟକ ଓ ତ୍ରିନାଥ ନାୟକ। ଛାଲ ସବୁ କଲରାପତରିଆ ବାଘର ବୋଲି ନବରଙ୍ଗପୁରସ୍ଥିତ ଉପଖଣ୍ଡ ବନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଡିଏଫଓ ମଗର ଧନଜି ରାଓସେ ଓ ଏସିଏଫ୍‌ଓ ଧନୁର୍ଜୟ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବାଘଛାଲ ଚାଲାଣ ହେଉଥିବା ଖବରପାଇ ନବରଙ୍ଗପୁର ରେଞ୍ଜର ଏକ ସ୍ୱତନ୍ତ୍ର ଟିମ୍ ଶନିବାର କଳାହାଣ୍ଡି-ନବରଙ୍ଗପୁର ସୀମାରେ ଏବଂ ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତର ଅଣ୍ଟାସର ନିକଟ ଉସୁରୀପଦର ଛକରେ ଜଗି ରହିଥିଲା। ଏହି ସମୟରେ ବାଘ ଛାଲ ନେଇ ଯାଉଥିବା ୨ଟି (ଓଡି-୧୦ଏଏନ୍-୦୪୯୧,ଓ ଏକ ନମ୍ବର ବିହୀନ)ବାଇକ୍‌କୁ ସେମାନେ ଅଟକାଇଥିଲେ। ଗୋଟିଏ ବାଇକ୍‌ରୁ ୧ ଓ ଅନ୍ୟଟିରୁ ୨ଟି ବାଘ ଛାଲ ଜବତ ହୋଇଛି। ସମସ୍ତ ଛାଲ କଲରାପତରିଆ ବାଘର ବୋଲି ବନ ବିଭାଗ ସ୍ପଷ୍ଟ କରିଛି। ଅଭିଯୁକ୍ତମାନେ କେଉଁଠୁ ଏହି ଛାଲ ଆଣିଥିଲେ ଓ କାହାକୁ ବିକ୍ରି କରିଥାନ୍ତେ ସେ ସଂକ୍ରାନ୍ତରେ ବନ ବିଭାଗ ତଦନ୍ତ ଜାରି ରଖିଛି। ଦରକାର ପଡିଲେ ବନ ବିଭାଗ ଅଭିଯୁକ୍ତଙ୍କୁ କୋର୍ଟରୁ ରିମାଣ୍ଡରେ ଆଣି ତଦନ୍ତ କରିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି।



# ସରିଲା ଏନ୍‌ଇଇଟି

## ଓଡ଼ିଶାରେ ୩୭ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଲେ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ରବିବାର ସୁରୁଖୁରୁରେ ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥିପାଇଁ ୩,୮୪୩ ପରୀକ୍ଷା କେନ୍ଦ୍ର କରାଯାଇଥିଲା । ତେବେ ଓଡ଼ିଶାରେ ମୋଟ ୮୪ କେନ୍ଦ୍ରରେ ୩୭ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ପରୀକ୍ଷା ଆରମ୍ଭ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ସାଢ଼େ ୧୨ଟାରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପାଇଁ କୁହାଯାଇଥିଲା। ଏଥିପାଇଁ ପୂର୍ବାହ୍ନ ୧୧ଟାରେ ପରୀକ୍ଷା କେନ୍ଦ୍ର ଗେଟ୍ ଖୋଲି ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ଯାଞ୍ଚ କରି ଭିତରକୁ ଛଡ଼ାଯିବା ପରେ ଅପରାହ୍ନ ସାଢ଼େ ୧ଟାରେ ଗେଟ୍ ବନ୍ଦ କରିଦିଆଯାଇଥିଲା। ସବୁ ପରୀକ୍ଷାକେନ୍ଦ୍ରରେ କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ପାଳନ କରାଯାଇଥିବା ଦେଖାଯାଇଥିଲା। ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ସମୟରେ ସାମାଜିକ ଦୂରତା ବଜାୟ ରଖିଥିଲେ। ପ୍ରବେଶପଥରେ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସେହିଭଳି ଛାତ୍ରୀଛାତ୍ରଙ୍କୁ ମାସ୍କ ଓ ସାନିଟାଇଜର ଦିଆଯାଇଥିଲା। ଏନ୍‌ଟିଏ ନିୟମାନୁସାରେ ପ୍ରତି ପରୀକ୍ଷା ହଲ୍‌ରେ ୧୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

ଭୁବନେଶ୍ୱରରେ ସର୍ବାଧିକ ୩୧ ପରୀକ୍ଷା କେନ୍ଦ୍ରରେ ୧୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେହିପରି କଟକରେ ୧୪ କେନ୍ଦ୍ରରେ ୫,୮୦୦ଜଣ, ସମ୍ବଲପୁରରେ ୧୪ କେନ୍ଦ୍ରରେ ୪,୫୦୦, ବାଲେଶ୍ୱରରେ ୧୧ କେନ୍ଦ୍ରରେ ୩,୭୦୦, ବ୍ରହ୍ମପୁରରେ୭ କେନ୍ଦ୍ରରେ୩,୮୦୦, ରାଉରକେଲାରେ ୫ କେନ୍ଦ୍ରରେ ୧,୮୦୦ ଓ ଅନୁଗୋଳରେ ୨ ପରୀକ୍ଷା କେନ୍ଦ୍ରରେ ହଜାରେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଯେଉଁ ଛାତ୍ରୀଛାତ୍ରଙ୍କର କରୋନା ପଜିଟିଭ୍ ରହିଛି, ସେମାନେ ପରୀକ୍ଷା ଦେଇପାରିନାହାନ୍ତି। ସେମାନଙ୍କ ପାଇଁ ପରବର୍ତ୍ତୀ ସମୟରେ ତାରିଖ ଘୋଷଣା କରାଯିବ ବୋଲି ଶନିବାର ଏନ୍‌ଟିଏ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା।

## ସତର୍କ, ସାବଧାନତା ହିଁ ପ୍ରତିଷେଧକ

**ଖୋର୍ଦ୍ଧା ଅଫିସ,୧୩।୯:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ କେତେଜଣ ଅମାନିଆ କୋଭିଡ୍ ନିୟମ ଉଲ୍ଲଂଘନ କରୁଛନ୍ତି। ପ୍ରଶାସନ ପକ୍ଷରୁ ବୁଧବାର ସୁଦ୍ଧା ବିନା ମାସ୍କ ଓ ସାମାଜିକ ଦୂରତ୍ୱ ଉଲ୍ଲଂଘନକାରୀଙ୍କଠାରୁ ୧୪ଲକ୍ଷ ୧୫ହଜାର ୪୯୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସ୍ୱତନ୍ତ୍ର ଅତିରିକ୍ତ ଜିଲାପାଳ(କୋଭିଡ୍) ବିଶାଳ ସିଂ ଗଞ୍ଜାମ ଢାଞ୍ଚାରେ ଅପରେଶନ ଖୋର୍ଦ୍ଧା ଆରମ୍ଭ କରିଛନ୍ତି। କଣ୍ଟାକ୍ଟ ଟ୍ରେସିଂ ଏବଂ ଟେଷ୍ଟିଂ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ରେଡ ଜୋନ ଅଞ୍ଚଳରେ ଥିବା ସ୍ଥାନୀୟ ଲୋକେ, ବ୍ୟବସାୟିକ ପ୍ରତିଷ୍ଠାନ କର୍ମଚାରୀଙ୍କ କୋଭିଡ୍ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସର୍ତକ ଓ ସାବଧାନତା ହିଁ ଏହାର ପ୍ରତିଷେଧକ। ପ୍ରତି ବ୍ଲକ, ପୌର ପରିଷଦ ଏବଂ ଏନ୍‌ଏସି ଅଞ୍ଚଳରେ ତ୍ରିସ୍ତରୀୟ କମିଟିଙ୍କୁ ନେଇ କୋଭିଡ୍ ସମୀକ୍ଷା ସହ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବିଡିଓ, ତହସିଲଦାର ଏବଂ ପୌର ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ କୋଭିଡ୍ ନିୟନ୍ତ୍ରଣ କାର୍ଯ୍ୟକୁ କ୍ରିୟାଶୀଳ କରାଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ଭିତିଭୂମି ରହିଥିବା ଜିଲାପାଳ ସନତ୍ କୁମାର ମହାନ୍ତି କହିଛନ୍ତି।




# ସତ୍ୟବାଦୀରେ ଗ୍ରାମ ନ୍ୟାୟାଳୟ ସ୍ଥାପନ ଦାବି

**ସାକ୍ଷୀଗୋପାଳ,୧୩।୯(ଡି.ଏନ୍.ଏ.)**

ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ବିନାମୂଲ୍ୟରେ ନିଜ ଗ୍ରାମରେ ନ୍ୟାୟିକ ସହାୟତା ଯୋଗାଇଦେବା ନିମନ୍ତେ ସତ୍ୟବାଦୀ ବ୍ଲକରେ ଗ୍ରାମ ନ୍ୟାୟାଳୟ ସ୍ଥାପନ କରିବାକୁ ସତ୍ୟବାଦୀ ବିକାଶ ପରିଷଦ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛି। ସତ୍ୟବାଦୀ ଆଇନଜୀବୀ ସଂଘ ପକ୍ଷରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ସ୍ମାରକ ପତ୍ର ଜରିଆରେ ନିବେଦନ କରାଯାଇଥିବା ବେଳେ ଏହି ପ୍ରସ୍ତାବକୁ ଶୀଘ୍ର କାର୍ଯ୍ୟକାରୀ କରିବା ନିମନ୍ତେ ପରିଷଦ ପକ୍ଷରୁ ସାକ୍ଷୀଗୋପାଳ ପାନ୍ଥଶାଳାଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ସତ୍ୟବାଦୀରେ ଗ୍ରାମ ନ୍ୟାୟାଳୟ ଖୋଲିଲେ ଏହି ଅଞ୍ଚଳର ଲୋକେ ମାମଲା ପାଇଁ ଆଉ ପୁରୀ ଯିବାକୁ ପଡ଼ିବ ନାହିଁ। ଏପରିକି ମାନ୍ୟବର ବିଚାରପତି ବିଭିନ୍ନ ପଞ୍ଚାୟତରେ ଶିବିର ଆୟୋଜନ ଜରିଆରେ ଜମିଜମା, ଫୌଜଦାରୀ ଓ କ୍ଷତିପୂରଣ ମାମଲାଗୁଡିକର ବିଚାର କରିବା ସହ ମଧ୍ୟସ୍ଥି ନିୟୋଜିତ କରି ଆପୋସ ସମାଧାନ ଭଳି ସହଜରେ ନ୍ୟାୟ ପ୍ରଦାନ ସୁବିଧା ଯୋଗାଇ ଦେଇପାରିବ ବୋଲି ବିକାଶ ପରିଷଦର ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ କହିଥିଲେ। ଏଥିସହ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାମ ଆରମ୍ଭ ଏବଂ ସତ୍ୟବାଦୀକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ପରିଷଦର ଉପସଭାପତି ବିଶ୍ୱଜିତ ଶତପଥୀ, ରାମଶଙ୍କର ନନ୍ଦ, ସାଧାରଣ ସମ୍ପାଦକ ଅମର ନନ୍ଦ, ମୁଖ୍ୟ ସଂଯୋଜକ ହୃଷୀକେଶ ମିଶ୍ର ପ୍ରମୁଖ ଦାବିଗୁଡିକ ପୂରଣ ନିମନ୍ତେ ଉପସ୍ଥିତ ଖବରଦାତାଙ୍କର ସହଯୋଗ କାମନା କରିଥିଲେ। ସହ ସମ୍ପାଦକ ଉପେନ୍ଦ୍ର ବିଶ୍ୱାଳ ବୈଠକ ପରିଚାଳନା କରିଥିଲେ।

# ‘କରୋନାକୁ ଅଣଦେଖା ନ କରି ଅଧିକ ସତର୍କ ରୁହ’

**ଭୁବନେଶ୍ୱର ୧୩।୯(ବ୍ୟୁରୋ)**

ନୂଆଦିଲ୍ଲୀର ଜୁହାର୍ ପରିବାର ଦ୍ୱାରା ରବିବାର ଆୟୋଜିତ ଇ-‘ନୂଆଁଖାଇ ପରବ୍’ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇ କରୋନାକୁ ଅଣଦେଖା ନ କରି ଅଧିକ ସତର୍କ ରହିବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ କରୋନା ଦ୍ୱାରା ଓଡ଼ିଶା ସମେତ ସାରାଦେଶ ପ୍ରଭାବିତ ହୋଇଛି। ତେବେ ଏହି ମହାମାରୀକୁ ବେଖାତିର ନ କରି ଲୋକମାନେ ଲକ୍ଷଣ ଦେଖୁଥିଲେ କୋଭିଡ୍ ଟେଷ୍ଟିଂ ସେଣ୍ଟରରେ ପରୀକ୍ଷା କରାଇବାର ଆବଶ୍ୟକତା ଅଛି। କରୋନାର ଅପପ୍ରଚାରଠାରୁ ଦୂରେଇ ରହିବା ସହ ଆଇସିଏମ୍‌ଆର୍‌ର କରୋନା ସମ୍ପର୍କିତ ପ୍ରୋଟୋକଲକୁ ସମସ୍ତେ ପାଳନ କରିବା ଦରକାର। କରୋନାରୁ ରକ୍ଷା ପାଇବା ପାଇଁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା, ହାତ ଧୋଇବା,ଡାକ୍ତରଙ୍କ ପରାମର୍ଶ ନେବା, କରୋନା ଲକ୍ଷଣ ଥିଲେ ପରୀକ୍ଷା କରାଇବା ପାଇଁ ଲୋକଙ୍କୁ ସଚେତନ କରିବାକୁ ଜୁହାର୍ ଭଳି ଅନେକ ସାମାଜିକ ସଙ୍ଗଠନକୁ ନିବେଦନ କରିଛନ୍ତି। ସମସ୍ତଙ୍କ ଜୀବନକୁ ସୁରକ୍ଷିତ କରିବା ଓ କରୋନାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ଦରକାର। ଗୋଟିଏ ସାମାଜିକ ସଙ୍ଗଠନର ଦାୟିତ୍ୱ କେବଳ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବାର ନୁହେଁ ବରଂ ବର୍ତ୍ତମାନ ଓ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଆଗେଇ ଆସିବା ଦରକାର ବୋଲି ସେ କହିଛନ୍ତି। କୃଷିଭିତ୍ତିକ, ସାମାଜିକ ତଥା ସାଂସ୍କୃତିକ ଗଣପର୍ବ ହେଉଛି ନୂଆଁଖାଇ। ମା’ ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଲାଗି ହେବା, ସ୍ଥାନୀୟ ଜୀବନ ଜୀବିକାକୁ ବଢ଼ାଇବା, ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବାର ଅନନ୍ୟ ପରମ୍ପରା ନୂଆଁଖାଇ ବୋଲି ଧର୍ମେନ୍ଦ୍ର କହିଛନ୍ତି।

See Career Appointment on every Wednesday & Saturday

**OFFICE OF THE DISTRICT & SESSIONS JUDGE-CUM-CHAIRMAN, DLSA, KALAHANDI, BHAWANIPATNA**

**ADVERTISEMENT**

Applications in the prescribed format are invited from the desirous candidates for recruitment to the posts of Junior Clerk. Such appointment shall be governed by the provisions of Odisha Group-C & Group-D posts (Contractual Appointment) Amendment Rules, 2017.

**CATEGORY WISE VACANCY POSITION**

| Name of the Post | UR (W) | SEBC | SC | ST (W) | Total | Scale of pay |
|---|---|---|---|---|---|---|
| Junior Clerk | 01 | 01 | - | 01 | 03 | Rs.8,880/- |

**LAST DATE FOR RECEIPT OF APPLICATIONS: 15.10.2020.**

The application along with the required documents and self attested copies of certificates must reach the Office of the District & Sessions Judge-cum-Chairman, District Legal Services Authority, Kalahandi, Bhawanipatna, At-Civil Court, Bhawanipatna, P.O.- Bhawanipatna-766001, Dist.- Kalahandi on or before 15.10.2020 either by Post or may be dropped in the box provided in the office for the purpose on each working day. Details of advertisement are available in District Court website https://districts.ecourts.gov.in/kalahandi and www.kalahandi.nic.in. The candidiates shall have to carefully study the details of advertisment from the website prior to filling of application forms.

**Sd./- Chairman**
**District Legal Services Recruitment Committee**
**Kalahandi, Bhawanipatna**

NATION TAX MARKET
GST

**COMMISSIONERATE OF CT & GST**
**FINANCE DEPARTMENT,**
**GOVERNMENT OF ODISHA**

**ଜିଏସ୍‌ଟି ଟିକସଦାତା ଦୟାକରି ଧ୍ୟାନ ଦିଅନ୍ତୁ**
**ବିଳମ୍ବ ଶୁଳ୍କ ଛାଡ଼ / ସୀମିତ ଛାଡ଼**

**No.S-13:-** ୫ କୋଟି ଟଙ୍କା ପର୍ଯ୍ୟନ୍ତ ହାରାହାରି ଟର୍ଣ୍ଣଓଭର ଥିବା ଯେଉଁ ଟିକସଦାତାମାନେ ସେମାନଙ୍କ ଜିଏସ୍‌ଟି ରିଟର୍ଣ୍ଣ (GSTR-3B) ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଦାଖଲ କରିନାହାନ୍ତି, ସେମାନେ ଏହି ମାସ ମାନଙ୍କ ପାଇଁ ନିମ୍ନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ରିଟର୍ଣ୍ଣ ଦାଖଲ କରି ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କର ସୁବିଧା ପାଇପାରିବେ, ଯାହା ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଦିଆଯିବ:

| କ୍ର.ସଂ. | ଟିକସ ଅବଧି | ନିର୍ଦ୍ଧାରିତ ତାରିଖ |
|---|---|---|
| ୧ | ମେ’ 2020 | ୧୫।୦୯।୨୦୨୦ |
| ୨ | ଜୁନ’ 2020 | ୨୫।୦୯।୨୦୨୦ |
| ୩ | ଜୁଲାଇ’ 2020 | ୨୯।୦୯।୨୦୨୦ |
| ୪ | ଅଗଷ୍ଟ’ 2020 | ୦୩।୧୦।୨୦୨୦ |

ସର୍ତ୍ତାବଳୀ:

(କ) ଟିକସ ଦେୟ ପରିମାଣ ‘ଶୂନ୍ୟ’ ଥିଲେ ବିଳମ୍ବ ଶୁଳ୍କ ସମ୍ପୂର୍ଣ୍ଣ ଛଡ଼ା ହେବ।

(ଖ) ଟିକସ ଦେବାକୁ ପଡୁଥିଲେ ବିଳମ୍ବ ଶୁଳ୍କ ରିଟର୍ଣ୍ଣ ପ୍ରତି ୫୦୦ ଟଙ୍କା ମଧ୍ୟରେ ସୀମିତ ରହିବ।

- ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଟିକସଦାତାମାନେ ଯଦି ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କ ପଇଠର କୌଣସି ସୁବିଧା ପାଇବେ ନାହିଁ।
- ତେଣୁ ଶେଷ ତାରିଖର ଭିଡ଼ ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ନିଜର ବକେୟା ରିଟର୍ଣ୍ଣ ତୁରନ୍ତ ଦାଖଲ କରିବାକୁ ସମସ୍ତ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

**ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ**
**ଓଡ଼ିଶା ସରକାର, କଟକ**

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
OIPR-05006/11/0004/2021

"ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା

# ମଧ୍ୟବିତ୍ତଙ୍କ ଚାପାକୋହ



ଡ. ମୌସୁମୀ ପରିଡ଼ା

ଆର୍ଥିକ କ୍ଷେତ୍ରରେ ଉଚ୍ଚ ବର୍ଗଟି ସବୁମତେ ତିଷ୍ଠିଯାଇପାରେ। ନିମ୍ନବର୍ଗଟି ସରକାରଙ୍କ ବିଭିନ୍ନ ଯୋଜନାକୁ ଉପଭୋଗ କରିବାର ସୁଯୋଗ ପାଆନ୍ତି। କିନ୍ତୁ ମଧ୍ୟବିତ୍ତଟି ଏସବୁ ସୁଖସୁବିଧାରୁ ସବୁ ପ୍ରକାରେ ବଞ୍ଚିତ ହୁଏ। ମଧ୍ୟବିତ୍ତ କହିଲେ ଗୋଟେ ପ୍ରକାରର ଶ୍ରେଣୀ, ଯେଉଁମାନେ ଭଲ ଚାକିରି କରି ମଧ୍ୟ ଅନେକ ସମୟରେ ଭଲ ଦରମା ପାଇପାରନ୍ତିନି। ଯାହା ବି ପାଆନ୍ତି ମାସକୁ, ଚଳିଯାଆନ୍ତି ଯେନତେନ ପ୍ରକାରରେ। ଖର୍ଚ୍ଚ କାଟଛାଣ୍ଟ କରି ମାସ ଶେଷରେ ଯାହା ବି ସଞ୍ଚୟ କରିପାରନ୍ତି ସେତକ ହିଁ ଜରୁରୀ ସମୟର ସାହା ଭରସା ପାଲଟିଯାଏ। ସେଥିପାଇଁ ଏମାନଙ୍କୁ ନା ଧନୀ ନା ଦରିଦ୍ର ବର୍ଗରେ ନିଆଯାଇପାରିବ। ଏମାନେ କୌଣସି ବଡ ଆକାରର ଖର୍ଚ୍ଚ ବହୁତ ବୁଝିବିଚାରି କରନ୍ତି। ଅତି ଆବଶ୍ୟକ ନ ହେଲେ କୌଣସି ଖର୍ଚ୍ଚ କରିବାରେ ଏମାନଙ୍କର ଅଜସ୍ର କୁଣ୍ଠା। ଆଗପଛ ବିଚାରି, ସ୍ଥିତିର ଅନୁଶୀଳନ ପୂର୍ବକ ସୀମିତ ଆର୍ଥିକ ସମ୍ବଳକୁ ବିନିଯୋଗ କରି, ହାତେ ମାପି ଚାଖଣ୍ଡେଠାରୁ ବି କମ୍ ବ୍ୟବଧାନରେ କଷ୍ଟର ସହ ଚାଲି ଏମାନେ ପରାଜିତ ହୁଅନ୍ତିନି ବରଂ ନିଜେ ନିଜର ଦମ୍ଭ ପାଲଟନ୍ତି। ଏମାନେ କୌଣସି ଯୋଜନାରେ ସାମିଲ୍ ହୋଇପାରନ୍ତିନି ଓଲଟା ପେଷି ହୁଅନ୍ତି ବେଶି। ଶୋଷଣର ଶିକାର ହୁଅନ୍ତି ପ୍ରତିଟି ଜାଗାରେ।

ମଧ୍ୟବିତ୍ତ ବି ଦୁଇ ପ୍ରକାରର। ଉଚ୍ଚ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ। ଉଚ୍ଚ ମଧ୍ୟବିତ୍ତଙ୍କ ସଂସାର କହିଲେ ରହିବା ପାଇଁ ନିଜସ୍ୱ ଘର, ପିଲାମାନଙ୍କ ସୁଖ ସୁବିଧା ସହିତ ପାଠ ପଢା ଖର୍ଚ୍ଚ, ଘର ଖର୍ଚ୍ଚ, ବନ୍ଧୁବାନ୍ଧବଙ୍କ ଖର୍ଚ୍ଚ ସହିତ ସାମାଜିକ ନୀତି ନିୟମ ଓ ପର୍ବପର୍ବାଣିରେ ସାମିଲ୍ ହୋଇପାରିବାର ସାମର୍ଥ୍ୟ ରଖିଥିବା ଗୋଟେ ବର୍ଗର ଲୋକେ। ଚାରିଚକିଆ ବା ଦୁଇଚକିଆ ଯାନ ଥିବା ପରିବାର ଯିଏ ବର୍ଷକୁ ନିହାତି ଥରେ ଅଧେ ଅବକାଶର ସଦୁପଯୋଗ କରି ଆଖପାଖକୁ ବୁଲିଯିବା ପାଇଁ ଅଳ୍ପ ଅର୍ଥ ସଞ୍ଚୟ କରିପାରୁଥିବା କିଛି ଅଭାବୀ ମଣିଷ। କାରଣ ପ୍ରତିଥର ଖର୍ଚ୍ଚକଲାବେଳେ ପକେଟକୁ ମାପିବାକୁ ପଡୁଥାଏ। ଜୀବନର ସଂଘର୍ଷ କମ୍ ନୁହେଁ ତାଙ୍କର। ହାତକୁ ମାସିକ ଦରମା ଆସିବା ପରେ ଯୋଜନା ମୁତାବକ ଖର୍ଚ୍ଚ କାଟ କରି ପ୍ରତିଟିର ହିସାବ ରଖିବାକୁ ହୁଏ। ଖବରକାଗଜ, କ୍ଷୀରବାଲାଠୁ ଆରମ୍ଭ କରି ରୋଷେଇ ଘରଯାଏ, ପୁଣି ଘରଠୁ ଆରମ୍ଭ କରି ବାହାରଯାଏ ସବୁଠି ହିସାବ ନିକାଶ କରିବକୁ ପଡେ। ସତ କହିବାକୁ ଗଲେ ନା ଖର୍ଚ୍ଚ କରିବାବେଳେ ହୃଦୟକୁ ପ୍ରଶସ୍ତ କରିଦେଇପାରନ୍ତି ଏମାନେ ନା ବିପିଏଲ୍ ତାଲିକାରେ ନିଜ ନାମକୁ ସାମିଲ କରିବାକୁ କାହାର ଦ୍ୱାରସ୍ଥ ହୋଇପାରନ୍ତି।

ହଁ ବଡ ବଡ ସ୍ୱପ୍ନ ଦେଖିପାରନ୍ତି ଏମାନେ, ତାକୁ ପୂରଣ କରିବାକୁ କିଛି ଛୋଟମୋଟ ଖୁସିକୁ ଜଳାଞ୍ଜଳି ଦେଇପାରନ୍ତି। ତେବେ ବି ସେ ବଡ ବଡ ସ୍ୱପ୍ନ ସବୁବେଳେ ନିଜର ହୋଇପାରନ୍ତିନି। ଯେମିତି କି ମନଲାଖି ଘର ଅବା ଗାଡି। ସବୁଥିରେ ଏମାନେ ଆଡଜଷ୍ଟ କରିବା ଜାଣନ୍ତି। ଏମାନଙ୍କ ଭିତରେ ଭରି ରହିଥାଏ ପ୍ରଚୁର ଆତ୍ମସମ୍ମାନ। ସେହି ଆତ୍ମସମ୍ମାନ ପାଇଁ କମ୍ କଷ୍ଟ ସହନ୍ତିନି। ବନ୍ଧୁବାନ୍ଧବଙ୍କ ମହଲରେ ଆର୍ଥିକ ସ୍ୱଚ୍ଛଳ ବୋଲି ପ୍ରମାଣିତ କରିବାକୁ କମ୍ କସରତ କରନ୍ତିନି ସେମାନେ। ତେବେ ନିମ୍ନ ମଧ୍ୟବିତ୍ତକୁ ଅଧିକ କଞ୍ଜୁସି କରିବାକୁ ପଡେ। ଭବିଷ୍ୟତକୁ ନିରାପଦରେ ରଖିବା ପାଇଁ ଅନେକ କଷ୍ଟ କରିବାକୁ ହୁଏ। କାରଣ ତେଲ ଲୁଣ ସଂସାରରେ ସବୁଠୁ ବେଶି ଆଡ୍‌ଜଷ୍ଟ କରିପାରନ୍ତି ଏମାନେ। କିଛିକୁ ଛାଡିପାରନ୍ତିନି। ଘର ପାଇଁ, ଗାଡି ପାଇଁ ଲୋନ୍‌ର ସାହାରା ନିଏ ଉଚ୍ଚ ମଧ୍ୟବିତ୍ତ ପରି କାରଣ ତାକୁ ବି ଦେବାକୁ ପଡେ ଟିକସ। ଦେଖେଇବାକୁ ପଡେ ଖର୍ଚ୍ଚ ସହ ଜମାପୁଞ୍ଜିର ତାଲିକା। ୟୁନିଟ୍ ପିଛା ହୁ ହୁ ହୋଇ ବଢୁଥିବା ପ୍ରତି ମାସର ବିଜୁଳି ବିଲ୍, ଜୀବନ ବୀମା ପାଇଁ ଭରିବାକୁ ଥିବା ଅର୍ଥରାଶି, ପ୍ରାୟ ଫି' ବର୍ଷ ଘର କିମ୍ବା ଗାଡି ଲୋନ୍‌ର ସୁଧ ବୃଦ୍ଧି, ଜମାପଞ୍ଜି ଉପରେ ସୁଧ ହ୍ରାସ ଆଦି ସମସ୍ୟା ସହ ଯୁଝି ହୋଇ ମାସକୁ ଯାହା ବି ବଞ୍ଚାଏ ସେଥିରୁ ବି କିଛି ଯାଏ ଦେଶର ଅଭିବୃଦ୍ଧିରେ, ଟିକସ ବାବଦରେ! ତେବେ ବି ତାକୁ ଶ୍ରେୟ ମିଳେନି ଦେଶର ଅଭିବୃଦ୍ଧି ପାଇଁ। ଓଲଟା କୋଉ ମାସରେ ସ୍ୱାସ୍ଥ୍ୟ ବା ଅନ୍ୟାନ୍ୟ ବାବଦରେ ଆକସ୍ମିକ ଖର୍ଚ୍ଚ ବଢିଗଲେ ହୁଏତ ବିଜୁଳି ବିଲ୍ ବାକି ରହେ ନ ହେଲେ ଆଉକିଛି ସୁଖସୁବିଧାରୁ ନିଜକୁ ବଞ୍ଚିତ କରିବାକୁ ପଡେ ଏମାନଙ୍କୁ। ନିଜ ଆବଶ୍ୟକତା ପୂରଣ କରିବାକୁ ସେ ପିଲାମାନଙ୍କୁ ଯୋଗ୍ୟ କରାଏ। ଦରକାର ହେଲେ ପାଠପଢା ପାଇଁ ଲୋନ୍ ବି ନିଏ। ଲୋନ୍ ଭରଣା କରିବାକୁ ଦରମାରୁ ଅର୍ଥ କଟେ। କେବେକେବେ ସ୍ଥିତି ଖରାପ ହେଲେ ଲୋନ୍ ପାଇଁ ବନ୍ଧା ପଡିଥିବା ଜିନିଷ ବି ହାତରୁ ଚାଲିଯିବାର ଆଶଙ୍କା ରହିଥାଏ। ଏସବୁ ଜଞ୍ଜାଳ ବାଦ୍ ବି ସେ ସ୍ୱପ୍ନଗୁଡିକୁ ସାକାର କରିବାକୁ ଚେଷ୍ଟିତ ରହିଥାଏ ପୂର୍ବପରି। କିଛି ବଡ ଖର୍ଚ୍ଚ ପାଇଁ ବହୁ ଆଗରୁ ତାକୁ ଉପାୟ କରିବାକୁ ହୋଇଥାଏ। ମୋଟାମୋଟି ଭାବେ କହିଲେ ପାରିଶ୍ରମିକଜନିତ ସୁଖକୁ ବାଦ୍ ଦେଲେ ଅନ୍ୟାନ୍ୟ ସରକାରୀ ସୁବିଧାକୁ ଉପଭୋଗ କରୁ ନ ଥିବା ଗୋଟେ ବର୍ଗ ଯେଉଁ ବର୍ଗଙ୍କ କଥା ପ୍ରକୃତରେ କେହି ଭାବନ୍ତି ନାହିଁ।

ଆମ ଦେଶରେ ଦରମାର ତାରତମ୍ୟ ଅଧିକ ତାହା ମଧ୍ୟ ସମାନ କାମରେ। ଜଣେ ସମାନ ସମୟ ନେଇ ସମାନ କାମ କରି କମ୍ ଦରମା ପାଉଥିବାବେଳେ ଅନ୍ୟଜଣେ ଦଶଗୁଣ ଅଧିକ ଦରମା ପାଇପାରୁଛି। ଏଭଳି ଅର୍ଥଗତ ବିଭେଦ ସବୁବେଳେ ଅସନ୍ତୋଷର ନିଆଁ ବୃଦ୍ଧି କରିଆସିଛି, ଯାହାକୁ ଶୀତତାପ ନିୟନ୍ତ୍ରିତ କୋଠରିରେ ବସିଥିବା ଅଫିସରମାନେ ନ୍ୟାୟୋଚିତ ପଦକ୍ଷେପ ନେଇପାରୁନାହାନ୍ତି। ଅଭାବରେ ରହି ଗୁହାରି କଲେ ବି ଏମାନଙ୍କ ଆର୍ତ୍ତ ଚିତ୍କାର କାହାକୁ ଶୁଭୁନାହିଁ। ତେବେ ବି ଏ ବର୍ଗର ଲୋକେ ସୁଖ ଯୋଗାଡିବାରେ କାର୍ପଣ୍ୟ କରନ୍ତି ନାହିଁ। ବିଭିନ୍ନ ଉପାୟରେ ଟିକସର ବୋଝ ସହୁଥିବା ଏ ବର୍ଗଟି ଝିଅଟିଏ ଜନ୍ମ ହେଲେ ଗହଣା ସାଇତେ, ପୁଅର ଉଚ୍ଚତର ଶିକ୍ଷା ପାଇଁ ଲୋନ୍ ନିଏ, ଆବଶ୍ୟକ ହେଲେ ସ୍ତ୍ରୀର ଗହଣା ବନ୍ଧା ପକାଏ। ତେବେ ବି ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବାରେ କାର୍ପଣ୍ୟ କରେନି। କାରଣ ତା' ଭିତରେ ଚାକିରିର ମୋହ ବଞ୍ଚି ରହିଥାଏ। ଏସବୁ ଜଞ୍ଜାଳ ଭିତରେ ବାରମ୍ବାର ଦରଦାମ୍ ବୃଦ୍ଧି ହେଲେ ତା' ପାଇଁ ବେଡି ଉପରେ କୋରଡା ମାଡ। ତେଲ ଦର ବୃଦ୍ଧି ହେଲେ କି ସଉଦା ପତ୍ରର ଦାମ୍ ବଢିଲେ ତା'ର ବେଶି ମୁଣ୍ଡ ବ୍ୟଥା ହୁଏ। ପରିବା ଦର ବଢିଲେ ବି ଦୋକାନୀକୁ ଚଢା ଦାମ୍ ଦେଇ ପରିବା ନେଇକି ଯାଏ ଘରକୁ କାରଣ ଏମାନଙ୍କୁ ଅଭାବ ନାମକ ଶବ୍ଦଟି ଭାରି ଅଡୁଆ। ତାଙ୍କର ଅସୁବିଧା ଏଇଆ ଯେ ଖାସି ମାଂସ କିଲୋ ପାଞ୍ଚ ଶହ ହେଲେ ବି ଅନ୍ୟ ସୁଖ ସୁବିଧା ସହ ଆଡ୍‌ଜଷ୍ଟ କରି କିଣିଆଣନ୍ତି ଏମାନେ। ପର୍ବପର୍ବାଣିରେ ପିଲାମାନଙ୍କ ପାଇଁ କମ୍ ଦାମ୍‌ର ପୋଷାକ କିଣି ଚଳେଇ ଦିଅନ୍ତି ଆର ବର୍ଷର ଲୋଭ ଦେଖେଇ। କାରଣ ବନ୍ଧୁ ମହଲରେ ବି ନିଜର ପରିଚୟଟେ କାଏମ ରଖିବାକୁ ହୁଏ।

ଏହି ବର୍ଗର ଲୋକଙ୍କ ଉପରେ କାମର ଚାପ ସର୍ବାଧିକ। ଉପରିସ୍ଥ ଅଫିସରଙ୍କ ବେଶି ଜୁଲମ୍ ଏମାନଙ୍କ ଉପରେ। ବାସ୍ତବିକ ଖଟନ୍ତି ମଧ୍ୟବିତ୍ତମାନେ ଓ ସ୍ଥିତିକୁ ସମ୍ଭାଳନ୍ତି ଏମାନେ। ଜରୁରିକାଳୀନ ସ୍ଥିତି, ପ୍ରାକୃତିକ ଦୁର୍ବିପାକ କିମ୍ବା ନିର୍ବାଚନ ଋତୁରେ ଏମାନେ ନିଜ ଜୀବନକୁ ପଛରେ ପକେଇ କାମ କରନ୍ତି। ତେବେ ବି ନା ଏମାନଙ୍କ ମତାମତ କେହି ଲୋଡନ୍ତି ନା ଏମାନଙ୍କୁ ଗୁରୁତ୍ୱ ଦିଅନ୍ତି। କାଳେକାଳେ ଅବହେଳିତ ହେଉଥାନ୍ତି । ନିଜ ଦାବି ପୂରଣ ପାଇଁ ରାଜରାସ୍ତାକୁ ଓହ୍ଲାନ୍ତି । ନିଜ ଶ୍ରମର ମୂଲ ମାଗିବାକୁ ସରକାରଙ୍କ ପାଖରେ ହାରିଗୁହାରି କରନ୍ତି। ଥରକରେ ସରକାର କୋଉ ଶୁଣନ୍ତି ଯେ! କେବେକେବେ ଧସ୍ତାଧସ୍ତି ହୁଅନ୍ତି ପୋଲିସ୍ କର୍ମୀଙ୍କ ସହ। ହତାହତ ହୋଇ, ଜେଲ୍ ଯାଇ ମଧ୍ୟ ନ୍ୟାୟ ଥାଏ ଅପହଞ୍ଚ ଇଲାକାରେ। ବହୁ ସମୟରେ ଏମାନଙ୍କ ଭବିଷ୍ୟତ ଫାଇଲ୍ ତଳେ ଚାପି ହୋଇରହିଯାଏ। ଅବସର ନେଇ ଚାଲିଯାନ୍ତି ଲୋକେ। ଅଥଚ ଭାଗ୍ୟ ସୁଧୁରେନି। ନ୍ୟାୟ ନ ପାଇ ବି ଥକିପଡନ୍ତିନି। ନିଜ ଅଧିକାର ପାଇବାକୁ ଖରା ବର୍ଷା ଶୀତ କାକର ସହି ଯୁଝୁଥାନ୍ତି ଭାଗ୍ୟ ସହ। ଏମାନେ ଧର୍ମଭୀରୁ ବୋଲି ନିଜର ସମସ୍ତ ଅଭାବ ଅସୁବିଧାର ଦୋଷ ବିଧାତା ଓ ଭାଗ୍ୟ ଉପରେ ଲଦି ଦିଅନ୍ତି। କାରଣ ଅନ୍ୟ ଚାରା ହିଁ ନ ଥାଏ ନିଜକୁ ସାନ୍ତ୍ୱନା ଦେବା ପାଇଁ। ବୟସ୍କ ବାପା ମା'ଙ୍କ ଔଷଧ ଖର୍ଚ୍ଚ ସହ ନିଜ ସ୍ୱାସ୍ଥ୍ୟ, ସ୍ତ୍ରୀ ପିଲାଙ୍କ ସ୍ୱାସ୍ଥ୍ୟ ଖର୍ଚ୍ଚ ପାଇଁ ଛୋଟଛୋଟ ଇଚ୍ଛା ଆକାଂକ୍ଷାଗୁଡିକ ସହ ସାଲିସ୍ କରୁଥାନ୍ତି ଅହରହ। ସେଥିପାଇଁ ସ୍ୱପ୍ନଗୁଡ଼ିକ ଅକାଳରେ ମରି ଝରିପଡନ୍ତି ଅର୍ଥାଭାବରେ।

ଝିଅକୁ ବିବାହ ଦେବାବେଳେ ଲୁଚିଛପି ଯୌତୁକ ଯୋଗାଡ କରନ୍ତି କାଳେ ସେସବୁ ନ ଦେଲେ ଝିଅ ଜୀବନ ପ୍ରତି ବିପଦ ଆସିବ। ସତ କହିଲେ ମଧ୍ୟବିତ୍ତମାନେ ସବୁବେଳେ ଦ୍ୱନ୍ଦ୍ୱ ଭିତରେ ବଞ୍ଚନ୍ତି ଅଟା ପରି ଚକଟି ହୋଇ, ରୁଟି ପରି ବେଲି ହୋଇ, ସେକି ହେଉଥାନ୍ତି ତମାମ୍ ଆୟୁଷ। ଖୁବ୍ ଗୁଡେ ଅଭାବ ସହିତ ସାଲିସ୍ କରି ନିଜକୁ ସୁଖୀ ମନେ କରନ୍ତି ଯାବତୀୟ ଜୀବନ ଯନ୍ତ୍ରଣାରେ ଥାଇ। ତେବେ ବି ବିପଦ ଟଳେନି। ନା ମନୁଷ୍ୟକୃତ ନା ଭାଗ୍ୟଜନିତ ଅସହାୟତାରୁ ସେମାନେ ମୁକୁଳିପାରନ୍ତି। କାରଣ ନ ଥିଲା ପରି ତିଷ୍ଠି ରହିଥାନ୍ତି ଏମାନେ ସମାଜରେ, ନିଜର ସ୍ୱଳ୍ପ ସାମର୍ଥ୍ୟ ବଳରେ।

ମୋ–୮୨୪୯୧୦୭୯୬୭

# ରଫ୍‌ଖାତାକୁ ଆଦର



ଡ. ସତ୍ୟ ନାରାୟଣ ମିଶ୍ର

ସମୟର ଘନଘଟା ମଧ୍ୟରେ ମଣିଷ କର୍ମ କରେ ଓ କର୍ମଫଳକୁ ମଧ୍ୟ ଭୋଗ କରେ। ସତ୍ କର୍ମର ଫଳ ସୁଖ ପ୍ରାପ୍ତି କରିଥାଏ ଓ ଅସତ୍ କର୍ମର ଫଳ ଦୁଃଖ ଆଣିଥାଏ। ତେବେ ଉକ୍ତ କର୍ମର ନିର୍ଦ୍ଦେଶକ ହେଉଛି ବିବେକ ଓ ବିବେକର ନିୟନ୍ତ୍ରକ ହେଉଛି ମନ। ତେଣୁ ମନକୁ ନିୟନ୍ତ୍ରଣ କରି କର୍ମ, ଅକର୍ମ, ବିବେକର ପ୍ରୟୋଗରୁ ଜୀବନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସ୍ଥିତି ସ୍ପଷ୍ଟ ହୋଇଥାଏ। ସୃଷ୍ଟିର ପ୍ରତ୍ୟେକ ଘଟଣାକ୍ରମରେ କିଛି ନା କିଛି ସାକ୍ଷୀ ଥାଏ ତାହା ଦୃଶ୍ୟମାନରେ ଥାଏ ଅଥବା ଅଦୃଶ୍ୟ ମାନରେ ହୋଇଥାଏ। କୌଣସି ଘଟଣାକ୍ରମର ସାକ୍ଷୀ ପ୍ରାମାଣିକ ତଥ୍ୟା ଉପରେ ପର୍ଯ୍ୟବସିତ ହେଲେ ତାହା ମନୁଷ୍ୟକୃତ ହୋଇଥାଏ ଓ ଘଟଣାକ୍ରମର ଅନ୍ୟ ଉପାୟ ଥିଲେ ତାହା ଅଲୌକିକ ଘଟଣା ପ୍ରବାହ ଉପରେ ନିର୍ଭର କରିଥାଏ। ମଣିଷ ବିବର୍ତ୍ତନର ଇତିହାସରୁ କ୍ରମବର୍ଦ୍ଧିଷ୍ଣୁ ବିକାଶ ହେଉଛି ମଣିଷର ଉଦ୍ଦେଶ୍ୟ ଓ ଉକ୍ତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ମଣିଷ ନିଜର କର୍ମର ସ୍ଥିତିକୁ ପରବର୍ତ୍ତୀ ସମୟ ପାଇଁ ସାଇତି ରଖିବାକୁ ଯାଇ ସୃଷ୍ଟି କରିଥିଲା କାଗଜ କଲମର ଲେଖା। ଯେକୌଣସି ରଚନା, ଉଦ୍ଭାବନ, ଆବିଷ୍କାର ଇତ୍ୟାଦିର ପୂର୍ଣାଙ୍ଗ ରୂପରେଖ ପୂର୍ବରୁ ମଣିଷ ତାହାର ଏକ ରେଖାଙ୍କିତ ଆକୃତି ବା ରଫ୍ କରିଥାଏ, ଯାହା ପରବର୍ତ୍ତୀ ସମୟରେ ଉତ୍ତରୋତ୍ତର ସଂଶୋଧନ ହୋଇ କ୍ରମେ ପୂର୍ଣ୍ଣାଙ୍ଗ ରୂପରେଖରେ ପରିଣତ ହୋଇ ଏକ ସୁନ୍ଦର ଉପହାରରେ ପରିଣତ ହୋଇଥାଏ। ତେଣୁ ଯେଉଁଠାରୁ ଆରମ୍ଭ ହୋଇଥାଏ ତାହାକୁ ରଫ୍ କୁହାଯାଏ ଓ ଯେଉଁଥିରେ ରଫ୍‌କୁ ଲିପିବଦ୍ଧ କରାଯାଇଥାଏ ତାହାକୁ ରଫ୍‌ଖାତା କୁହାଯାଏ।

ରଫ୍‌ଖାତା ହେଉଛି ଏକ ଭାବର ଆବେଗ। ମଣିଷର ଶୈଶବରୁ ମୃତ୍ୟୁ ପର୍ଯ୍ୟନ୍ତ ରଫ୍‌ଖାତା ସହ ଜଡିତ ଥାଏ କାରଣ ଯେକୌଣସି କର୍ମ କରିବାକୁ ହେଲେ ପ୍ରଥମେ ଏକ ରଫ କରାଯାଇଥାଏ ଓ ତତ୍ପରେ ଆବଶ୍ୟକ ସଂଶୋଧନ କରି ତାହା ଅନ୍ୟ ଏକ ସୁନ୍ଦର ସ୍ଥାୟୀ ଖାତାରେ ଲିପିବଦ୍ଧ କରାଯାଇଥାଏ। ଶିକ୍ଷାଦାନର ପ୍ରାରମ୍ଭରୁ ଛାତ୍ରୀଛାତ୍ରମାନେ ପ୍ରଥମେ ରଫ୍‌ଖାତାରେ ଶିକ୍ଷାର ଅୟମାରମ୍ଭ କରିଥାନ୍ତି। ରଫ୍‌ଖାତାରୁ ସୁନ୍ଦର ଖାତାକୁ ଆବଶ୍ୟକ ତଥ୍ୟ ସଂଶୋଧିତ ହୋଇ ରହିଲା ପରେ ସୁନ୍ଦର ଖାତାର ଆଦର ଯଥେଷ୍ଟ ଅଧିକ ଥାଏ ଓ ରଫ୍‌ଖାତା କେତେ କଷ୍ଟ ସ୍ୱୀକାର କରି ଉଦ୍ଦେଶ୍ୟର ଅୟମାରମ୍ଭ କରିଥାଏ ତାହା ଗୌଣ ହୋଇଯାଏ ଓ ତାହାର ସ୍ଥିତି ଧୀରେ ଧୀରେ ଅଳିଆ ଗଦା ବା ଅନ୍ୟ ଏକ ନିଭୃତ କ୍ଷେତ୍ର ମଧ୍ୟକୁ ନିକ୍ଷେପ ହୋଇଥାଏ ; ଯେଉଁଠାରେ ନା ଥାଏ ଆଦର, ନା ଥାଏ ସେଥିପ୍ରତି ଆକର୍ଷଣ। ମାତ୍ର ଏହା ଭୁଲିଯିବା ଉଚିତ ନୁହେଁ ଯେ ରଫ୍‌ଖାତା କେବେ ସ୍ରଷ୍ଟାର ଅନିଷ୍ଟ କରି ନ ଥାଏ। ହୃଦୟର କର୍ମକ୍ଷେତ୍ର ମଧ୍ୟକୁ ରଫ୍‌ଖାତାର ପ୍ରାମାଣିକତ୍ୱକୁ ଜାହିର କରିଥାଏ, ମାତ୍ର ତାହା ଥାଏ ଚିରନ୍ତନ ସତ୍ୟ। ଉକ୍ତ ରଫ୍‌ଖାତା ଉପରେ କେତେ କଟାକଟି, ଚିରାଚିରି ଇତ୍ୟାଦି ହୋଇଥାଏ, ମାତ୍ର ରଫ୍‌ଖାତା ନୀରବ ରହି ମଣିଷକୁ କେବଳ ଆଗକୁ ବଢିବାର ସହାୟକ ହୋଇଥାଏ। ମଣିଷର ସାହସକୁ ପରିପକ୍ୱତା ଦେଇଥାଏ ରଫଖାତା ଓ ସାହସର ବଳିଷ୍ଠ ନିର୍ଦ୍ଦେଶ ରଫ୍‌ଖାତାରୁ ଆସିଥାଏ କାରଣ ଏହା ହେଉଛି ଶିକ୍ଷାର କର୍ମ ଭୂମି। ସମୟ କ୍ରମେ ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ବା ରଚନାର ସଂଶୋଧନ ପାଇଁ ଆବଶ୍ୟକ ପଡେ ସେତେବେଳେ ରଫ୍‌ଖାତାର ଆବଶ୍ୟକତା ପଡିଥାଏ ଓ ସେତେବେଳେ ମଣିଷର ନିଜର ହୋଇଥାଏ ରଫ୍‌ଖାତା।

ବର୍ତ୍ତମାନ ସମାଜରେ ସମୟର କାଳ ଚକ୍ରରେ ପରିବର୍ତ୍ତନର ମଣିଷ କେବଳ ଖୋଜି ବୁଲୁଛି ସେଇ ଅବହେଳିତ ରଫ୍‌ଖାତାକୁ, ଯାହାକୁ ଦୀର୍ଘ ବର୍ଷ ଧରି ଅବହେଳା କରିଆସୁଥିଲା। ଆଜି ପ୍ରାୟଶ୍ଚିତ୍ତର ଚକ୍ରବ୍ୟୂହ ମଧ୍ୟରେ ମଣିଷ ନିଜର ମାତାପିତା, ମାତୃଭୂମି ଆଦିକୁ ରଫ୍‌ଖାତା ଭଳି ବ୍ୟବହାର କରି ଅଲୋଡା ମନେକରୁଛି। ମାତ୍ର ସମୟର ପରିବର୍ତ୍ତନରେ ପରିସ୍ଥିତିର ନିର୍ଦ୍ଦେଶରେ ପୁଣି କେତେବେଳେ ମଣିଷ ନିଜର ହୃତ ଧନକୁ ପାଇବା ପାଇଁ ଚେଷ୍ଟା କରୁଛି ଓ ସେଥିପାଇଁ ମଣିଷକୁ ଅନେକ କଷ୍ଟ ସହିବାକୁ ପଡୁଛି। ବର୍ଷ ବର୍ଷ ଧରି ମଣିଷ ନିଜର ମାତୃଭୂମି ଓ ମାତାପିତା ତଥା ଆତ୍ମୀୟସ୍ୱଜନମାନଙ୍କୁ ଉପେକ୍ଷା କରିଆସୁଥିଲେ ହେଁ ବର୍ତ୍ତମାନ ପୁଣି ସେହି ମାତୃଭୂମି, ମାତାପିତା ଓ ଆତ୍ମୀୟସ୍ୱଜନ ହିଁ ହେଉଛନ୍ତି ପ୍ରକୃତ ନିଜର ଆଦରର ରଫ୍‌ଖାତା। ସମୟର ବ୍ୟବସ୍ଥା ମଧ୍ୟରେ ମଣିଷ ରଫଖାତାର ଆଦର କରିପାରିଲେ ପ୍ରକୃତ ଜୀବନର ମୂଲ୍ୟାୟନକୁ ଉପଲବ୍ଧି କରିହେବ। ଅବସାଦଯୁକ୍ତ ମଣିଷ ଯେତେବେଳେ ଅତୀତର ରଫଖାତାକୁ ପଢିଥାଏ ସେଥିରୁ ସେ ପାଇଥାଏ କେବଳ ଶିକ୍ଷାର ଅନୁଭୂତି ତଥା ପରିମାର୍ଜିତ ପଥର ରାସ୍ତା। ମଣିଷ ନିଜର ପରାକାଷ୍ଠା ତଥା ଉନ୍ନତିରେ କେବେହେଲେ ଅତୀତକୁ ବା ଅତୀତର ସ୍ମୃତିକୁ ଉପେକ୍ଷା କରିବା ଉଚିତ ନୁହେଁ। ରଫଖାତାକୁ ସମ୍ମାନ କଲେ ସୂକ୍ଷ୍ମ ସୁନ୍ଦର ସ୍ଥାୟୀ ଖାତା ମଧ୍ୟ ସମ୍ମାନର ଅଧିକାରୀ ହୋଇପାରିବ। ନିଭୃତ ଅଳିଆ ଗଦାରୁ ସସମ୍ମାନେ ରଫ୍‌ଖାତାକୁ ଉଦ୍ଧାର କରି କର୍ତ୍ତବ୍ୟର ଡୋରିରେ ବାନ୍ଧି ରଖିଲେ ମଣିଷର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଆଲୋକିତ ହେବ।

ମୋ–୯୯୩୭୩୪୫୯୦୦

## ଏଇ ଭାରତରେ

ଶିକାରୀଙ୍କ କବଳରୁ ବନ୍ୟଜନ୍ତୁଙ୍କୁ ବଞ୍ଚାଇବାରେ ଲାଗିଛନ୍ତି ପଶ୍ଚିମବଙ୍ଗର ମେଘନା ବାନାର୍ଜୀ। ସେ ୨୦୧୭ରୁ ହ୍ୟୁମାନ ଆଣ୍ଡ ଏନ୍‌ଭାଇରୋନ୍‌ମେଣ୍ଟ ଆଲିଆନ୍ସ ଲିଗ(ଏଚ୍‌ଇଏଏଲ୍)ଏନଜିଓ ଗଠନ କରି ବନ୍ୟଜନ୍ତୁଙ୍କ ସୁରକ୍ଷା ଲାଗି କାର୍ଯ୍ୟ କରୁଛନ୍ତି। ପେସାରେ ମେଘନା ଜଣେ ଆଇନଜୀବୀ। ତାଙ୍କ ସଂଗଠନରେ ୬୦ ଜଣ ସ୍ୱେଚ୍ଛାସେବୀ ରହିଛନ୍ତି। ଶିକାରୀଙ୍କ କବଳରୁ ଏମାନେ ୨୫୦ ପ୍ରାଣୀ ଓ ୧୬୦ ପକ୍ଷୀଙ୍କୁ ଉଦ୍ଧାର କରିସାରିଲେଣି। ୧୫ ଜଣ ଶିକାରୀଙ୍କୁ ଗିରଫ କରାଇବାରେ ସକ୍ଷମ ହୋଇଛନ୍ତି। ପଶିମବଙ୍ଗର ବିଭିନ୍ନ ଜିଲାରେ ମେ'ରୁ ଜୁନ୍ ମଧ୍ୟରେ ହଣ୍ଟିଂ ଫେଷ୍ଟିଭାଲ୍‌ରେ ପ୍ରାୟ ୫,୦୦୦ ପ୍ରାଣୀଙ୍କୁ ହତ୍ୟା କରାଯାଏ। ନିରିହ ଜୀବଙ୍କ ଜୀବନ ବଞ୍ଚାଇବାକୁ ସେ ଶିକାର ବନ୍ଦ କରିବା ଲାଗି ଲୋକମାନଙ୍କୁ ସଚେତନ କରୁଛନ୍ତି। ସ୍କୁଲ ଓ କଲେଜଗୁଡିକରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଛାତୀଛାତ୍ରମାନଙ୍କୁ ବି ଅବଗତ କରୁଛନ୍ତି। କେବଳ ଝାରଗ୍ରାମ ନୁହେଁ ପୁରୁଲିଆ, ପଶ୍ଚିମ ମେଦିନାପୁର, ବାଙ୍କୁଡା ଓ ମୁର୍ଶିଦାବାଦ ଜିଲାରେ ପଶୁପକ୍ଷୀ ଶିକାର ରୋକିବା ଲାଗି ସେ ଅଭିଯାନ ଚଳାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ସେପ୍ଟେମ୍ବର ୧୯୯୫**

- ଶ୍ରୀଲଙ୍କା ବିମାନବାହିନୀର ଏକ ବିମାନ ରାଜଧାନୀ କଲମ୍ବୋ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୮୧ଜଣଙ୍କ ମୃତ୍ୟୁ।
- ରୁଆଣ୍ଡାର ଉତ୍ତରପଶ୍ଚିମ ଦିଗରେ ଅବସ୍ଥିତ ଜିସେନି ସହରରେ କେତେକ ବନ୍ଧୁକଧାରୀ ୧୦୦ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- ଉତ୍ତରପ୍ରଦେଶର ସୋନେଭଦ୍ରା ଜିଲାର ଘାଘରା ରନା ନଦୀରେ ନୌକା ଓଲଟି ପାଣିରେ ବୁଡ଼ିଯାଇ ୫ ମହିଳା, ୧୦ ଶିଶୁଙ୍କ ସମେତ ୧୯ଜଣ ପ୍ରାଣ ହରାଇଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | 3 | 2 | | 8 | | | | | | | | | D |
| | | | E | 1 | | | | C | | | | 8 | | 7 |
| | | | 4 | 3 | 6 | | 2 | | 0 | | | | B | |
| B | | | | | | D | 0 | 5 | 6 | | 8 | | | 1 |
| | | | | | | | | E | | A | | | | 4 |
| | 8 | | 0 | 5 | | | | | | | | C | | |
| | 4 | E | B | | A | | | | 9 | | | | | |
| 3 | | 1 | | | | E | | 0 | | | | | D | |
| | | 9 | | | | 1 | 8 | D | | | | | | 6 |
| | | | | | D | 2 | 5 | | | | 0 | | A | |
| | E | 7 | 8 | | 2 | | | | | | | | 4 | |
| A | | | | E | | 9 | B | | | 0 | 1 | | 5 | 8 |
| | | | C | B | | 3 | | | | | | | | 9 |
| 9 | | | 3 | | 7 | | C | | 2 | | A | | 1 | |
| C | 2 | | | | | | 4 | | 5 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | 1 | B | D | 3 | E | 6 | 4 | C | 0 | 2 | 8 | A | 5 |
| A | 2 | 0 | 8 | 1 | 6 | B | 7 | 5 | D | 9 | E | 4 | 3 | C |
| 3 | D | B | 4 | A | 0 | 2 | 8 | C | 5 | 6 | 7 | 9 | 1 | E |
| 4 | E | C | 7 | 2 | 5 | A | 3 | 9 | 1 | 8 | B | D | 6 | 0 |
| 8 | 5 | 6 | E | C | 9 | 1 | 0 | D | A | 4 | 3 | 7 | 2 | B |
| C | 1 | 4 | A | 7 | B | D | 9 | 2 | 3 | 5 | 0 | E | 8 | 6 |
| 5 | B | 3 | 0 | 4 | 8 | C | E | 6 | 7 | D | 1 | A | 9 | 2 |
| 0 | 8 | 2 | 3 | 5 | D | 4 | 1 | A | 6 | E | 9 | C | B | 7 |
| 9 | A | 7 | 6 | E | C | 3 | 5 | 0 | 2 | B | 8 | 1 | 4 | D |
| E | 6 | D | 1 | 9 | 2 | 8 | B | 7 | 4 | C | A | 0 | 5 | 3 |
| 2 | 0 | A | 9 | 8 | 4 | 6 | D | B | E | 3 | C | 5 | 7 | 1 |
| 1 | 7 | 9 | D | 3 | A | 5 | C | 8 | 0 | 2 | 6 | B | E | 4 |
| B | 4 | 8 | C | 6 | 1 | 0 | 2 | E | 9 | 7 | 5 | 3 | D | A |
| 6 | 3 | E | 5 | 0 | 7 | 9 | 4 | 1 | B | A | D | 2 | C | 8 |
| D | C | 5 | 2 | B | E | 7 | A | 3 | 8 | 1 | 4 | 6 | 0 | 9 |

ଗତକାଲିର ଉତ୍ତର

# ନଦୀର ସ୍ୱାସ୍ଥ୍ୟ



ବାଦଲ ଭୂୟାଁ

ଇତିମଧ୍ୟରେ ଓଡ଼ିଶାରେ ଲଘୁଚାପଜନିତ ବର୍ଷା ଓ ପରବର୍ତ୍ତୀ ସମୟରେ କିଛି ନଦୀରେ ବନ୍ୟା ବିଶେଷକରି ଉପକୂଳବର୍ତ୍ତୀ ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଛି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଓ ଅନେକ ସମୟରେ ଏହି ରାଜ୍ୟ ବିଶେଷକରି ବନ୍ୟା ଓ ବର୍ଷା ପରି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛି। ଏହିପରି ଏକ ସମୟରେ ନିକଟରେ ଏକ ଜାତୀୟସ୍ତରର ଗଣମାଧ୍ୟମର ଖବରଟି ଚର୍ଚ୍ଚା ସୃଷ୍ଟି କରିଛି। ତାହାହେଉଛି ବିଶ୍ୱ ବ୍ୟାଙ୍କର ତଥ୍ୟ ଓ ନଦୀଗୁଡ଼ିକର କ୍ଷତି ପରିମାଣ। ୨୦୧୮ ମସିହାରେ ବିଶ୍ୱ ବ୍ୟାଙ୍କ ଦ୍ୱାରା କରାଯାଇଥିବା ଏକ ଆକଳନ ଅନୁସାରେ ପାରିବେଶିକ ଅବକ୍ଷୟ ଯୋଗୁ ଭାରତକୁ ନିହାତି କମ୍‌ରେ ୯୧ ବିଲିଅନ ଡଲାର ମୂଲ୍ୟ ଦେବାକୁ ପଡୁଛି ଏବଂ ଦେଶର ନଦ ନଦୀଗୁଡ଼ିକର କ୍ଷତି ଏହି ପରିମାଣର ଏକ ଉଲ୍ଲେଖନୀୟ ଅଂଶ। ତେଣୁ ନଦ ନଦୀଗୁଡ଼ିକର କ୍ଷତି ଦେଶ ପାଇଁ କେତେ ମହତ୍ତ୍ୱ ରଖେ, ତାହା ଏଥିରୁ ସହଜରେ ଅନୁମେୟ। କିଛି ମାସ ପୂର୍ବେ ଏନଜିଟିର ନିର୍ଦ୍ଦେଶରେ ସିପିସିବି ଦେଶର ନଦୀମାନଙ୍କର ଅବସ୍ଥା ସମ୍ପର୍କରେ ଏକ ସମୀକ୍ଷା କରିଥିଲା। ଏହି ସମୀକ୍ଷା ରିପୋର୍ଟ ଅନୁସାରେ ମାତ୍ର ଦୁଇ ବର୍ଷ ଭିତରେ ଭୀଷଣ ପ୍ରଦୂଷିତ ହୋଇଥିବା ନଦୀଗୁଡ଼ିକ ସଂଖ୍ୟା ୩୦୨ରୁ ବଢ଼ି ୩୫୧ରେ ପହଞ୍ଚିଛି। ଅର୍ଥାତ୍ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ କାର୍ଯ୍ୟ କରୁଥିବା ଦେଶର ସଂସ୍ଥାଗୁଡ଼ିକ କିପରି କାର୍ଯ୍ୟ କରୁଛନ୍ତି, ତାହା ଏହି ସମୀକ୍ଷା ସୂଚାଉଛି। ପରିବେଶର ପ୍ରଦୂଷଣକୁ ରୋକିବା ନିମନ୍ତେ ଦେଶରେ ଅନେକ ଆଇନକାନୁନ, ନୀତି ନିୟମ ତିଆରି କରାଯାଇଛି। କିନ୍ତୁ ସେଗୁଡ଼ିକ ଯେ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ଜଳର ଗୁଣାତ୍ମକ ମାନ ବଜାୟ ରଖିବା ନିମନ୍ତେ ବିଶେଷ କିଛି ସହାୟକ ହୋଇନାହିଁ, ତାହା ଏଥିରୁ ଜଣାପଡ଼େ। କେବଳ ଏତିକି ନୁହେଁ, ନଦ ନଦୀଗୁଡ଼ିକର ରକ୍ଷଣାବେକ୍ଷଣ, ଆର୍ଦ୍ର ଅଞ୍ଚଳଗୁଡ଼ିକର ସଂରକ୍ଷଣ ଇତ୍ୟାଦି ନିମନ୍ତେ ରାଷ୍ଟ୍ରୀୟ ସ୍ତରରେ ବେଶ୍ କେତେକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଚାଲୁ ରହିଛି। କିନ୍ତୁ ସେଗୁଡ଼ିକ ମଧ୍ୟ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛନ୍ତି ବୋଲି ଉପରୋକ୍ତ ତଥ୍ୟ ପୁଷ୍ଟ କରୁଛି। ଉଦାହରଣ ଭାବରେ ଗଙ୍ଗାନଦୀକୁ ନିଆଯାଇପାରେ। ନମାମି ଗଙ୍ଗେ ଯୋଜନା କଥା ସମସ୍ତେ ଜାଣନ୍ତି। ସରକାରୀ ତଥ୍ୟ ଅନୁସାରେ କେବଳ ଗଙ୍ଗା ନଦୀର ପରିଷ୍କରଣ ପାଇଁ ୩୬୯୬କୋଟି ଟଙ୍କାର କେନ୍ଦ୍ରୀୟ ପାଣ୍ଠି ସାଢ଼େ ତିନିବର୍ଷ ଭିତରେ ପ୍ରଦାନ କରାଯାଇଛି। କିନ୍ତୁ ଅବସ୍ଥା କ'ଣ ହୋଇଛି, ତାହା ସମସ୍ତଙ୍କୁ ଜଣା। କେବଳ ଉତ୍ତରପ୍ରଦେଶରେ ଏହି ଯୋଜନା ଯାହା କିଛିଟା ସଫଳତା ହାସଲ କରିଛି। ଗୋଟିଏ ନଦୀ ପାଇଁ ଏତେ ପରିମାଣର ଟଙ୍କା ବ୍ୟୟ କରାଯାଉଥିବା ବେଳେ ଦେଶର ଆଉ ୧୪ଟି ରାଜ୍ୟର ୩୨ଟି ପ୍ରଦୂଷିତ ନଦୀର ପରିଷ୍କରଣ ପାଇଁ ଉପରୋକ୍ତ ଅବଧି ମଧ୍ୟରେ ପ୍ରଦାନ କରାଯାଇଛି ମାତ୍ର ୩୫୧ କୋଟି ଟଙ୍କା। ଏହା ସମୁଦ୍ରକୁ ଶଙ୍ଖେ ନୁହେଁ କି? ଦେଶର ସବୁଠାରୁ ପ୍ରଦୂଷିତ ନଦୀଗୁଡ଼ିକ ରହିଛନ୍ତି ମହାରାଷ୍ଟ୍ର, ଗୁଜରାଟ ଏବଂ ଆସାମରେ। ଏହି ସବୁ ରାଜ୍ୟରେ ନଦୀକୂଳିଆ ଅଞ୍ଚଳମାନଙ୍କରେ ଗଢ଼ି ଉଠିଛି ଅନେକ କଳ କାରଖାନା, ସହର ବଜାର, ଯାହାର ବର୍ଜ୍ୟବସ୍ତୁ ନଦୀମାନଙ୍କର ସ୍ୱାସ୍ଥ୍ୟ ବିଗାଡ଼ିବା ପାଇଁ ଦାୟୀ। ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଏସବୁ ରାଜ୍ୟର ନଦୀଗୁଡ଼ିକର ଅବସ୍ଥା ତେଣୁ ଶୋଚନୀୟ। ତେଣୁ ସିପିସିବି ଏସବୁ ଉପରେ ନିରନ୍ତର ନଜର ରଖିବା ବିଧେୟ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ରତି ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରହିଛି। ଏମାନଙ୍କ ଜରିଆରେ ସିପିସିବି ପ୍ରଦୂଷଣ ସୃଷ୍ଟିକାରୀ ପଦାର୍ଥଗୁଡ଼ିକର ବିଲୋପ ଘଟାଇବା ଉପରେ ଗୁରୁତ୍ୱ ଦେବା ଉଚିତ।

କଳ କାରଖାନାର ବର୍ଜ୍ୟବସ୍ତୁ ଓ ସହରାଞ୍ଚଳର ଦୂଷିତ ପାଣି ନିକଟବର୍ତ୍ତୀ ନଦୀ ନାଳ ଓ ଜଳ ଭଣ୍ଡାରଗୁଡ଼ିକର ପ୍ରଦୂଷଣର ମୁଖ୍ୟ କାରଣ ପାଲଟୁଥିବା ବେଳେ ପ୍ରଦୂଷିତ ଜଳର ପରିଚାଳନା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ୱାଟର ଟ୍ରିଟ୍‌ମେଣ୍ଟ ବା ଜଳ ଚିକିତ୍ସା ପ୍ଲାଣ୍ଟ ସ୍ଥାପନ କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ପାଣ୍ଠି ବ୍ୟବସ୍ଥା କରାଯିବା ଉଚିତ। ସହରାଞ୍ଚଳର ଦ୍ରୁତ ଅଭିବୃଦ୍ଧି ପ୍ରଦୂଷଣର ନିୟନ୍ତ୍ରଣ ପଥରେ ଅନ୍ତରାୟ ସୃଷ୍ଟି କରିଥାଏ, କାରଣ ଯେଉଁଭଳି ଭାବରେ ଘର ତିଆରି ବଢ଼ି ଚାଲିଛି, ଭିତ୍ତିଭୂମି ଯୋଜନା ତା' ସହିତ ତାଳ ଦେଇପାରୁନାହିଁ। ତେବେ ଏସବୁଠାରୁ ବଳି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟଗୁଡ଼ିକର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ପ୍ରଦୂଷଣ ନିୟନ୍ତ୍ରଣ କମିଟିଗୁଡ଼ିକ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ ଆଇନକାନୁନ୍‌ଗୁଡ଼ିକୁ କଡ଼ାକଡ଼ି ଭାବରେ ଲାଗୁ କରିବା ଉଚିତ। ଏହି ସଂସ୍ଥାଗୁଡ଼ିକ ଯଦି କାର୍ଯ୍ୟ କ୍ଷେତ୍ରରେ ଆଇନକୁ ଲାଗୁ କରିବାରେ ଅବହେଳା କରନ୍ତି, ଯାହା ପ୍ରାୟତଃ ଆଜିଯାଏ ହୋଇ ଆସିଛି, ତା'ହେଲେ ଯେତେ ଆଇନ ହେଲେ ବି ତାହା କୌଣସି କାମରେ ଲାଗିବ ନାହିଁ। ପୁନଶ୍ଚ, ପ୍ରଦୂଷଣର ନିରାକରଣ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟଭିତ୍ତିକ କାର୍ଯ୍ୟ ହାତକୁ ନେବାକୁ ସରକାରଙ୍କ ଉପରେ ସିଭିଲ ସୋସାଇଟି ନିରନ୍ତର ଚାପ ପ୍ରୟୋଗ କରିବା ଉଚିତ। ତେବେ ଏସବୁ ବାଦ ଅଧିକରୁ ଅଧିକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ ଉପରେ ଗୁରୁତ୍ୱାରୋପ କରାଯିବା ଅପରିହାର୍ଯ୍ୟ। ଅପରପକ୍ଷରେ ଶିଳ୍ପାନୁଷ୍ଠାନ ବିଶେଷକରି ବସ୍ତ୍ର ଶିଳ୍ପ ଓ ଚମଡ଼ା ଶିଳ୍ପାନୁଷ୍ଠାନଗୁଡ଼ିକରୁ ନିର୍ଗତ ତରଳ ପଦାର୍ଥଗୁଡ଼ିକର ମାତ୍ରାକୁ ସମ୍ପୂର୍ଣ୍ଣ କମାଇବାକୁ ଉଦ୍ୟମ କରାଯିବା ଉଚିତ। ଏଥିପାଇଁ ସରକାରୀ ଭାବରେ ଏ ଧରଣର ଶିଳ୍ପାନୁଷ୍ଠାନଗୁଡ଼ିକୁ ଉତ୍ତମ ଯାନ୍ତ୍ରିକ କୌଶଳ ଅବଲମ୍ବନ କରିବା ପାଇଁ ସହାୟତା ପ୍ରଦାନ କରାଯିବା ଉଚିତ। ନଦୀଗୁଡ଼ିକ ଦେଶର ଜୀବନରେଖା। ପ୍ରାଣୀ ସମାଜର ଜୀବନ ଧାରଣ ପାଇଁ ଏମାନେ ପାନୀୟ ଜଳ ଯୋଗାଇବା ସହିତ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଆବଶ୍ୟକ ଜଳ ଯୋଗାଇଥାନ୍ତି। ନଦୀଗୁଡ଼ିକର ସ୍ୱାସ୍ଥ୍ୟ ସହିତ ପ୍ରାଣୀ ସମାଜର ସ୍ୱାସ୍ଥ୍ୟ ଯେ ଓତପ୍ରୋତ ଭାବେ ଜଡ଼ିତ, ତାହା ସମସ୍ତେ ବୁଝିବା ଉଚିତ। ତେଣୁ ନଦୀଗୁଡ଼ିକର ସ୍ୱାସ୍ଥ୍ୟରକ୍ଷା ପାଇଁ କେବଳ ସରକାର ନୁହନ୍ତି, ଜନସାଧାରଣ ମଧ୍ୟ ଯତ୍ନବାନ ହେବା ବିଧେୟ।

ପୁରୁଣା ସୋନାରୀ, ଜାମ୍‌ସେଦପୁର
ମୋ : ୭୪୮୮୯୯୮୫୩୨

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟା ସହାୟତା ମିଳୁ

ମହାଶୟ,

କରୋନା ସଂକ୍ରମଣ ସାଙ୍ଗକୁ ଲଗାତର ବର୍ଷା ଯୋଗୁଁ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ରାଜନଗର ବ୍ଲକ ଓସ୍ତିଆ ଗ୍ରାମପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଗାଁ ଗୁଡ଼ିକରେ ପିଇବା ପାଣିର କଷ୍ଟ କହିଲେ ନ ସରେ। ଇତିମଧ୍ୟରେ ସରକାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ୫୦ କିଲୋ ଚାଉଳ ଓ ୫୦୦ ଟଙ୍କା ଜରୁରୀ ସହାୟତା ରାଶି ଘୋଷଣା କରିଛନ୍ତି, ଯାହା କି ପ୍ରଶଂସନୀୟ। ସ୍ଥାନୀୟ ବିଧାୟକ ନଳଦିଆ, ଓସ୍ତିଆ, ବନ୍ଧପାଟଣା, ବେଲପାଳ ଓ ନଗଡ଼ ମୌଜା ପରିଦର୍ଶନ କରି କ୍ଷତିଗ୍ରସ୍ତଙ୍କ ଅବସ୍ଥା ଅନୁଧ୍ୟାନ କରିଛନ୍ତି। ସୁତରାଂ ଜରୁରୀ ସହାୟତା ରାଶି ହେର୍‌ଫେର୍ ନ ହୋଇ ପ୍ରତ୍ୟେକ ପୀଡ଼ିତ ପରିବାର ପାଆନ୍ତୁ ସେଥିପ୍ରତି ସ୍ଥାନୀୟ ପ୍ରଶାସନ ଧ୍ୟାନ ଦେବା ଉଚିତ। ଧାନ ଫସଲ ନଷ୍ଟ ପାଇଁ ଚାଷୀଙ୍କୁ ସରକାରୀ ସହାୟତା ମିଳୁ।

–ବିଶ୍ୱନାଥ ଜେନା
ବରିଷ୍ଠ ନାଗରିକ, ନଗଡ଼, ରାଜନଗର, କେନ୍ଦ୍ରାପଡ଼ା

### ସାପକାମୁଡ଼ା ଇଞ୍ଜେକ୍ସନ ମିଳୁ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ମାଗଣାରେ ସାପକାମୁଡ଼ା ଇଞ୍ଜେକ୍ସନ ଯୋଗାଇ ଦିଆଯାଉ। ବିଶେଷତଃ ବନ୍ୟାପାଣିରେ ବିଷଧର ସର୍ପଗୁଡ଼ିକ ଭାସିଆସି ଲୋକମାନଙ୍କୁ କାମୁଡିଥାନ୍ତି। ବିଲବାଡ଼ିରେ କାମ କରୁଥିବାବେଳେ ସର୍ପାଘାତରେ ବେଶି ଆକ୍ରାନ୍ତ ହେବା ଦେଖାଯାଏ। ମେଡିକାଲକୁ ଦୈନନ୍ଦିନ ସାପକାମୁଡ଼ା ରୋଗୀ ଦୂରଦୂରାନ୍ତରୁ ଆସୁଥିବାରୁ ପର୍ଯ୍ୟାପ୍ତ ଟିକା ଗଚ୍ଛିତ ରଖାଯାଉ। ବିଳମ୍ବ ନ କରି ତୁରନ୍ତ ଚିକିତ୍ସାଳୟରେ ପ୍ରତିଷେଧକ ନେବା ସହ ଔଷଧ ସେବନ ପ୍ରତି ଦୃଷ୍ଟି ଦିଅନ୍ତୁ। କୌଣସି ଘରୋଇ ଚିକିତ୍ସା କିମ୍ବା ଝଡ଼ା ଫୁଙ୍କା ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ। କାରଣ ବିଳମ୍ବ ହିଁ ମୃତ୍ୟୁର ଏକ କାରଣ ହୋଇଥାଏ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

## ଚିରନ୍ତନୀ

ଜଡ଼ ଏ ଧରାରେ ଜାଗେ
ବିପୁଳ ଜୀବନ,
ମୂର୍ଚ୍ଛିତ ଦଶଦିଶ
ହୁଏ ସଚେତନ !

(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ଚଳଚ୍ଚିତ୍ର 'ହାକିମ ବାବୁ'ରେ ଅଭିନେତା ଅଜିତ ଦାସ।



ଯୁବକ ବୟସରେ କଳାକାର ଓ ଅନ୍ୟମାନଙ୍କ ସହ।



ଏକ ମଞ୍ଚ ନାଟକରେ ଅନ୍ୟମାନଙ୍କ ସହ ଅଜିତ।



ବିଜୟ ମହାନ୍ତିଙ୍କ ସହ।

# ଚାଲିଗଲେ 'ହାକିମ ବାବୁ'

**ତାଙ୍କ ରକ୍ତରେ ଥିଲା ଅଭିନୟର ନିଶା। ପିଲାବେଳୁ ଅଭିନୟର ନିଶା ବାରି ହୋଇପଡ଼ିଥିଲା। ବାପାଙ୍କ ବିରୋଧ ସତ୍ତ୍ୱେ ତାଙ୍କର ମନ ମାନି ନ ଥିଲା। ଦି'ପହରରେ ସମସ୍ତେ ଶୋଇଯିବା ପରେ ବଡ଼ବାପାଙ୍କ ଆଖଡ଼ା ଘରେ ଥିବା ଟ୍ରଙ୍କ ଖୋଲୁଥିଲେ ଓ ସେଥିରେ ଥିବା ରାଜା ପୋଷାକ ପିନ୍ଧୁଥିଲେ। ମୁକୁଟ ଲଗାଇ ଖଣ୍ଡା ଧରି ନିଜକୁ ଦର୍ପଣରେ ଦେଖୁଥିଲେ। ଅଜାଣତରେ ତାଙ୍କ ଭିତରେ ଅଭିନୟ ପାଇଁ ଆଗ୍ରହ ସୃଷ୍ଟି ହୋଇସାରିଥିଲା। ନବମ ଶ୍ରେଣୀରେ ପଢ଼ିବାବେଳେ ସେ ସ୍କୁଲଡ୍ରାମା 'ଝରାବଉଳ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ବାସ୍ ଏହାପରେ ଆଉ ପଛକୁ ଫେରି ନ ଥିଲେ। ଗୋଟିଏ ପରେ ଗୋଟିଏ ସୋପାନ ଚଢ଼ି ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଆଗଧାଡ଼ିର ଅଭିନେତା ହେବାର ଗୌରବ ଅର୍ଜନ କରିଥିଲେ 'ହାକିମ ବାବୁ' ଭାବେ ପରିଚିତ ଅଜିତ ଦାସ।**

## ପୋଲିସ ଚାକିରି, ପରିବାରର ବିରୋଧ ରୋକିପାରି ନ ଥିଲା

ଅଜିତଙ୍କ ବାପା ଶୈଳେଶ ଚନ୍ଦ୍ର ଦାସ ଜଣେ ଓକିଲ ଥିଲେ ଓ ବଡ଼ବାପା ସୁଧୀର ଚନ୍ଦ୍ର ଦାସ ଜଣେ ନାଟକ ଅଭିନେତା ଥିଲେ। ମୟୂରଭଞ୍ଜରେ ତାଙ୍କର ଏକ ନାଟକ ଦଳ ଥିଲା। ସେଠାରେ ନାଟକ ଦେଖୁ ଦେଖୁ ଅଜିତ ନାଟକ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲେ। ହେଲେ ଅଭିନେତା ହେବା ପାଇଁ ତାଙ୍କ ଇଚ୍ଛା ବିରୋଧରେ ଛିଡ଼ା ହୋଇଥିଲେ ବାପା। ଅଜିତ ଅଭିନୟ କରୁ ବୋଲି ବାପା ଚାହୁଁ ନ ଥିଲେ। ଏପରି କି ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍ଏସ୍ଡି)ରେ ପଢିବାକୁ ମନୋନୀତ ହୋଇ ଘରକୁ ଫେରିବା ପରେ ସେଠାରେ ପଢିବାକୁ ଘରେ ବିରୋଧ କରିଥିଲେ। ଅଜିତଙ୍କ ଭିଣୋଇ ସେତେବେଳେ ଓଡ଼ିଶା ପୋଲିସରେ ଡିଆଇଜି ଥିବାରୁ ସେ ତାଙ୍କୁ ପୋଲିସ ଚାକିରି ଦେବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ହେଲେ ଅଜିତ କିନ୍ତୁ ନିଜ ଜିଦ୍‌ରେ ଅଟଳ ଥିଲେ। ପୋଲିସ ଚାକିରିକୁ ତୁଚ୍ଛ କରି ବାପାଙ୍କ ବିରୋଧରେ ଯାଇ ଏନ୍ଏସ୍ଡି ଓ ଅଭିନୟକୁ ବାଛିଥିଲେ।

## ରାଜ୍ ବବ୍ବରଙ୍କ ଘନିଷ୍ଠ ଥିଲେ

ବଲିଉଡର ପ୍ରସିଦ୍ଧ ଅଭିନେତା ତଥା କଂଗ୍ରେସ ନେତା ରାଜ ବବ୍ବର ଓ ଚଳଚ୍ଚିତ୍ର ଅଭିନେତା ଅଜିତ୍ ବଛାନିଙ୍କ ନିକଟତର ସହପାଠୀ ଥିଲେ ଅଜିତ। ଏନ୍ଏସ୍ଡିରୁ ପାସ୍ କଲା ପରେ ୩ଜଣ ଏକାଠି ବମ୍ବେ ଯିବା ପାଇଁ ଟିକେଟ କାଟିଥିଲେ। ତେବେ ପରିବାରରେ କୌଣସି ଅସୁବିଧା ପାଇଁ ଅଜିତ ବଛାନିଙ୍କ ଟିକେଟ ବାତିଲ ହୋଇଥିଲା। ଏପଟେ ବମ୍ବେ ଯିବାକୁ ସ୍ଥିର କରି ଅଜିତ ଓଡ଼ିଶା ଫେରି ଆସିଥିଲେ। ବାସ୍ ଏହାପରେ ଓଡ଼ିଶା ମୋହ ତାଙ୍କୁ ବମ୍ବେ ଯିବାକୁ ଦେଇ ନ ଥିଲା। ବାପାଙ୍କ ନିର୍ଦ୍ଦେଶକ୍ରମେ ସେ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ପାଇଁ ଆବେଦନ କରିଥିଲେ ଓ ଚୟନ ମଧ୍ୟ ହୋଇଥିଲେ। ତାଙ୍କ ସହ ବିଜୟ ମହାନ୍ତି ମଧ୍ୟ ଅଧ୍ୟାପକ ଭାବେ ସେଠାରେ ଯୋଗଦେଇଥିଲେ। ଉଭୟ ମିଶି ହିନ୍ଦୀ ସିନେମା ପରିବର୍ତ୍ତେ ଓଡ଼ିଆ ସିନେମାରେ ଏକ ନୂଆ ଯୁଗ ଆଣିଥିଲେ।

## ବିଜୟଙ୍କ ପାଇଁ ବହୁତ କାନ୍ଦିଥିଲେ



ଅଜିତ ଦାସ ଓ ବିଜୟ ମହାନ୍ତି ଘନିଷ୍ଠ ବନ୍ଧୁ ଥିଲେ। ସ୍ନାତକ ସରିବା ବର୍ଷ ତାଙ୍କର ବିଜୟଙ୍କ ସହ ପ୍ରଥମଥର ପାଇଁ ବାରିପଦାରେ ଦେଖାହୋଇଥିଲା। ସେତେବେଳେ ବିଜୟ ଏନ୍ଏସ୍ଡିରେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଅଜିତ ମଧ୍ୟ କିଛି ନାଟକରେ ଅଭିନୟ କରି ସାରିଥିଲେ। ବିଜୟଙ୍କ ଜଣେ ବନ୍ଧୁ ତାଙ୍କୁ ଅଜିତଙ୍କ ସହ ଚିହ୍ନା କରାଇଥିଲେ। ଲମ୍ବା ବାଳ ସହ ଦିଲ୍ଲୀ ଷ୍ଟାଇଲରେ ବିଜୟ କଥା ହେଉଥିଲେ। ଅଜିତଙ୍କୁ ପ୍ରଥମଥର ପାଇଁ ଦେଖି ବିଜୟ କହିଥିଲେ, ବଢିଆ ଫିଗର ରଖିଛ ହୋ, ଭଲ ଚେହେରା ଅଛି। ଏନ୍ଏସ୍ଡିରେ ଆବେଦନ କର। ଏହାପରେ ପ୍ରସନ୍ନ ମହାନ୍ତି ଓ ବିଜୟଙ୍କ ସହାୟତାରେ ଅଜିତ୍ ଏନ୍ଏସ୍ଡିରେ ଆବେଦନ କରିଥିଲେ। ସେଠାରେ ଓମ୍ ପୁରୀ ତାଙ୍କ ସିନିୟର ଥିଲେ। ଏନ୍ଏସ୍ଡି ଶେଷରାଉଣ୍ଡ ସାକ୍ଷାତ୍‌କାର ପାଇଁ ଓମ୍ ପୁରୀ ଓ ବିଜୟ ମହାନ୍ତି ମିଶି ତାଙ୍କୁ ରିହର୍ସାଲ୍‌ରେ ସାହାଯ୍ୟ କରିଥିଲେ।

## ସ୍ତ୍ରୀଙ୍କ ପାଇଁ ନିରାମିଷାଶୀ ହୋଇଥିଲେ

ଦିଲ୍ଲୀରେ ପଢୁଥିବାବେଳେ ସ୍ତ୍ରୀ ମାୟାଙ୍କ ସହ ଅଜିତ୍‌ଙ୍କ ସାକ୍ଷାତ ହୋଇଥିଲା। ମାୟା ଜଣେ ନୃତ୍ୟଶିଳ୍ପୀ ଥିଲେ। ଉଭୟ ପ୍ରଥମେ ଭଲ ବନ୍ଧୁ ହେବାପରେ ୧୯୭୬ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ମାୟା କର୍ଣ୍ଣାଟକୀ ଥିଲେ। ଅଜିତ୍ ଦାସ ଆମିଷ ଖାଉଥିବାରୁ ମାୟାଙ୍କ ଘରେ ତାଙ୍କୁ ଗ୍ରହଣ କରିବା ପାଇଁ ଅରାଜି ଥିଲେ। ବିବାହ ପରେ ଆମିଷ ନ ଖାଇବା ପାଇଁ ମଧ୍ୟ ମାୟା ସର୍ତ୍ତ ରଖିଥିଲେ। ତେବେ ମାୟାଙ୍କୁ ଜୀବନ ସାଥୀଭାବେ ପାଇବାକୁ ଅଜିତ ଆମିଷ ଛାଡ଼ିବାକୁ ରାଜି ହୋଇଯାଇଥିଲେ। ମାୟା ଓ ଅଜିତ ମିଶି 'ଅଜିତ' ନାଟ୍ୟାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ଅଜିତ କେବଳ ନିର୍ଦ୍ଦେଶନା ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବାବେଳେ ମାୟା ଅନ୍ୟ ସମସ୍ତ କାମ ବୁଝାଶୁଝା କରୁଥିଲେ। ମାୟାଙ୍କୁ ଜୀବନସାଥୀ ରୂପେ ପାଇ ନିଜକୁ ଭାଗ୍ୟବାନ୍ ବୋଲି କହୁଥିଲେ ଅଜିତ।

## ରାଜନୀତି ଜୀବନ

୨୦୧୭ରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ଅଜିତ୍ ଦାସ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିବା ଏକ ସାକ୍ଷାତ୍‌କାରରେ ସେ କହିଥିଲେ। ହେଲେ ଜଣେ ସରଳ ମଣିଷହୋଇଥିବାରୁ ରାଜନୀତିକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ରାଜନେତାଙ୍କ ସହ ଖାପଖାଇ ଚାଲିବା ତାଙ୍କ ପକ୍ଷେ ସମ୍ଭବ ହେଲାନି। ତେଣୁ ପରବର୍ତ୍ତୀ ସମୟରେ ସ୍ୱତଃପ୍ରବୃତ୍ତଭାବେ ଭାଜପା ଛାଡ଼ିବା ସହ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ।

## ନାଟକର ହେଡ୍‌ମାଷ୍ଟର୍

ଚଳଚ୍ଚିତ୍ର ଅପେକ୍ଷା ମଞ୍ଚ ଅଭିନୟକୁ ଅଧିକ ପସନ୍ଦ କରୁଥିଲେ ଅଜିତ। ଓଡ଼ିଆ କଥା ସାହିତ୍ୟର ଅନେକ ଗଳ୍ପ, ଉପନ୍ୟାସକୁ ସେ ନାଟକରେ ରୂପାନ୍ତରିତ କରିଥିଲେ। 'ରେବତୀ', 'ମାମୁଁ', 'ଲଛମା', 'ବୁଢାଶଙ୍ଖାରୀ' ଭଳି ବହୁ ନାଟକ ତାଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ନାଟକର ସଙ୍ଗୀତ ମଧ୍ୟ ସେ ନିଜେ ଲେଖୁଥିଲେ, ଯାହାକି ତାଙ୍କ ନାଟକର ବିଶେଷତ୍ୱ ଥିଲା। ଖୁବ୍ କମ୍ ନାଟକରେ ସେ ଅଭିନୟ କରିଥିଲେ ମଧ୍ୟ ତାଙ୍କ ନିର୍ଦ୍ଦେଶିତ ବହୁ ନାଟକ ରହିଛି। ଏନ୍ଏସ୍ଡିରୁ ମଞ୍ଚସଜ୍ଜା ଓ ମଞ୍ଚ ପରିଚାଳନାରେ ପାଠ ପଢିଥିବା ଅଜିତ ନାଟକ କରିବାରେ ଏତେ ମାହିର ଥିଲେ ଯେ ଲୋକେ ତାଙ୍କୁ ହେଡ୍‌ମାଷ୍ଟର ବୋଲି ଡାକୁଥିଲେ। କେହିକେହି ତାଙ୍କୁ ଚାଣକ୍ୟ ବୋଲି ମଧ୍ୟ ଡାକନ୍ତି।

## ବହୁ ଶିଷ୍ୟ ସୃଷ୍ଟି କରିଥିଲେ

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଧ୍ୟାପନା ସମୟରେ ବହୁ କଳାକାର ସୃଷ୍ଟି କରିଥିଲେ ଅଜିତ। ସେମାନଙ୍କୁ ଏନ୍ଏସ୍ଡିଶୈଳୀରେ ଶିକ୍ଷା ଓ ତାଲିମ୍ ଦେଉଥିଲେ। ସେହିସମୟରେ ବିଜୟ ମହାନ୍ତି ମଧ୍ୟ ସଙ୍ଗୀତ ମହାବିଦ୍ୟାଳୟରେ ତାଙ୍କର ସହକର୍ମୀ ଥିଲେ। ଉଭୟଙ୍କ ପ୍ରଚେଷ୍ଟାରେ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ସୃଷ୍ଟିହୋଇଥିଲେ ବହୁଦମ୍‌ଦାର୍ ଓ ନାମକରା କଳାକାର। ଏମାନଙ୍କ ଭିତରେ ଥିଲେ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀବିକାଶ ଦାସ, ପୀତବାସ, ମୀନକେତନ, ରାଇମୋହନ, ହର ପଟ୍ଟନାୟକ, ହରି ମହାପାତ୍ର ପ୍ରମୁଖ। ସେହିଭଳି ସୁବୋଧ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଧୀର ମଲ୍ଲିକ, ଅବିନାଶ ଦଣ୍ଡପାଟଙ୍କ ଭଳି ନାଟ୍ୟ ନିର୍ଦ୍ଦେଶକମାନେ ସେଠାରୁ ବାହାରିଥିଲେ।

## ବାପାଙ୍କ ବରବାଦ ଖାତାରେ ଅଜିତ

ଏକ ସାକ୍ଷାତକାରରେ ଅଜିତ ତାଙ୍କ ବାପାଙ୍କ ବରବାଦ ଖାତା ସମ୍ପର୍କରେ କହିଥିଲେ। ଏହିଖାତାରେ ଅଜିତଙ୍କ ବାପା ନିଜେ ହରାଇଥିବା ସାମଗ୍ରୀର ତାଲିକା ରଖୁଥିଲେ। ତେବେ ଏନ୍ଏସ୍ଡି ଓ ଅଭିନୟକୁ ବାଛିବା ପରେ ଅଜିତଙ୍କ ବାପା ସେହି ବରବାଦ ଖାତାରେ ଅଜିତଙ୍କ ନାମ ଲେଖିଥିଲେ। ଏହାର କିଛିବର୍ଷ ପରେ ଅଜିତ ମାଡ୍ରାସରେ ଏକ ଫିଲ୍ମ ଶୁଟିଂ କରିବା ପରେ ପାରିଶ୍ରମିକ ବାବଦରେ ୫ ହଜାର ଟଙ୍କା ପାଇଥିଲେ। ୧୯୭୦ରେ ୫ ହଜାର ଟଙ୍କା ବହୁତ ବଡ଼ ଥିଲା। ଅଜିତ ସେହିଟଙ୍କାକୁ ବାପାଙ୍କୁ ଦେଇଥିଲେ। ଏତେଟଙ୍କା ଦେଖି ବାପାଙ୍କର ବିଶ୍ୱାସ ହୋଇ ନ ଥିଲା। ବାପାଙ୍କୁ ବରବାଦ ଖାତାରୁ ନିଜ ନାମ କାଟିବାକୁ କହିଥିଲେ। ବାପା ହସିହସି ଖାତାରେ ଅଜିତଙ୍କ ନାମ ପାଖରେ ନିଜେ ଭୁଲ୍ କରିଥିବା ଉଲ୍ଲେଖ କରିଥିଲେ।

**– ରିପୋର୍ଟ: ସସ୍ମିତା ପାଢ଼ୀରାୟ, ଭୁବନେଶ୍ୱର**

## ଝୁରୁଛି ଓଡ଼ିଆ ସିନେଜଗତ...

ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ଏକ ଦୁଃଖଦ ସମୟ ଚାଲିଛି। ନିକଟରେ ବିଜୟଭାଇଙ୍କୁ ହରାଇବାର ଦୁଃଖ ମନରୁ ନ ଯାଉଣୁ ଆଉ ଜଣେ ବଡ଼ଭାଇ ଅଜିତ ଭାଇଙ୍କୁ ହରାଇଛି। ତାଙ୍କ ଦେହାନ୍ତ କେବଳ ମୋତେ ନୁହେଁ ସାରା ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରିଛି। ତାଙ୍କର ସ୍ଥାନ ଆଉ କେହି ନେଇପାରିବେନି। ମୋର ପ୍ରଥମ ଫିଲ୍ମ 'ଅଭିମାନ'ରେ ତାଙ୍କ ସହ କାମ କରିବାର ସୁଯୋଗ ମିଳିଥିଲା। ମୁଁ ନାୟକ ଭାବେ ଅଭିନୟ କରିଥିଲି ଓ ସେ ସହନାୟକ ଭାବେ ଅଭିନୟ କରିଥିଲେ। ଏହାପରେ ଅନେକ ଚଳଚ୍ଚିତ୍ରରେ ଆମେ ଏକାଠି କାମ କରିଛୁ। ଏଭଳି ଅକସ୍ମାତ୍ ମୁଁ ତାଙ୍କୁ ହରାଇବି ବୋଲି ଭାବି ନ ଥିଲି। ଏତିକି କହିବି ତାଙ୍କ ଆତ୍ମାକୁ ଭଗବାନ ସଦ୍‌ଗତି ଦିଅନ୍ତୁ।

**– ଉତ୍ତମ ମହାନ୍ତି, ଅଭିନେତା**

ଅଜିତ ଭାଇଙ୍କ ସହ ମୋର ବ୍ୟକ୍ତିଗତ ବହୁତ ଭଲ ସମ୍ପର୍କ ଥିଲା। ପ୍ରଥମେ 'ସିନ୍ଦୂରବିନ୍ଦୁ'ରେ ସେ ଖଳନାୟକ ଭୂମିକାରେ ଥିବାବେଳେ ମୁଁ ସେଥିରେ ଏକ ଗ୍ରୁପ୍ ଡ୍ୟାନ୍ସରେ କ୍ୟାରିଅର ଆରମ୍ଭ କରିଥିଲି। ତା' ପରେ ତାଙ୍କ ସହ 'ଗୌରୀ' ଫିଲ୍ମରେ ଅଭିନୟ କରିଥିଲି। ଏହାପରେ ଆମେ ମିଶି ଅନେକ ଫିଲ୍ମ କରିଛୁ। ତାଙ୍କୁ ଯେଉଁ ଚରିତ୍ର ଦିଆଯାଉଥିଲା, ସେ ସେଥିରେ ଅତି ସୁନ୍ଦର ଭାବେ ଅଭିନୟ କରୁଥିଲେ। ତାଙ୍କ ଷ୍ଟାଇଲ୍, ଲୁକ୍, ଡାଇଲଗ୍ ଡେଲିଭରି ସବୁକିଛି ଭିନ୍ନ ଥିଲା। ଏମିତି ହଠାତ୍ ତାଙ୍କ ବିୟୋଗ ହୋଇଯିବ ବୋଲି ମୁଁ ସ୍ୱପ୍ନରେ ସୁଧା ଭାବି ନ ଥିଲି।

**– ମହାଶ୍ୱେତା ରାୟ, ଅଭିନେତ୍ରୀ**

ଭାଙ୍ଗିପଡିଲି ସାର୍। ପାରିବେ ତ ସଜାଡ଼ି ଦିଅନ୍ତୁ। ଅଢ଼େଇ ବର୍ଷର ହେଇଥିଲି, ଆପଣ ମୋତେ କ୍ୟାମେରା ଆଗରେ ଠିଆକରି ଦେଇଥିଲେ। ଜୀବନରେ ପ୍ରଥମ ଆକ୍ସନ ଶବ୍ଦଟି ଆପଣଙ୍କ ପାଟିରୁ ଶୁଣିଥିଲି। ୨୦୦୨ ମସିହାର ସମ୍ପର୍କ ଆଜି ସମ୍ପର୍କ ହେଇ ରହିଗଲା। ମୁଁ ମର୍ମାହତ। ଏ ଯନ୍ତ୍ରଣା ଅସହନୀୟ। ଫେରିଆସନ୍ତୁ ସାର୍।

**–ସ୍ୱରାଜ ବାରିକ, ଅଭିନେତା**

ପ୍ରଖ୍ୟାତ ଅଭିନେତା, ଲେଖକ, ନିର୍ଦ୍ଦେଶକ ଅଜିତ ଦାସ ବାହୁଡ଼ି ଗଲେ। ମୋ ଅଭିନୀତ ପ୍ରଥମ ସିନେମାର ବାପା, ସହକଳାକାର ଓ ମୋର ଅନ୍ୟତମ ନିର୍ଦ୍ଦେଶକ ଭାବେ ମୋ ଜୀବନରେ ଅଜିତ ଦାସଙ୍କ ପ୍ରଭାବ ଅତୁଳନୀୟ। ସ୍ୱର୍ଗତଃ ଆତ୍ମାଙ୍କ ବୈକୁଣ୍ଠ ପ୍ରାପ୍ତି ହେଉ।

**– କୁନା ତ୍ରିପାଠୀ, ଅଭିନେତା**

ଅଜିତ ଦାସଙ୍କ ଭଳି ଜଣେ ବର୍ଷିୟାନ୍ ଅଭିନେତାଙ୍କ ବିୟୋଗରେ ଆଜି ସମସ୍ତେ ଦୁଃଖିତ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରୁଛି ଓ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରୁଛି।

**– ଆକାଶ ଦାସ ନାୟକ, ଅଭିନେତା**

ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷିୟାନ୍ କଳାକାର ଓ ନିର୍ଦ୍ଦେଶକ ଅଜିତ ଦାସ ସାର୍‌ଙ୍କ ବିୟୋଗ ଖବର ଶୁଣି ମୁଁ ମର୍ମାହତ। ଏଭଳି ସମୟରେ ତାଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା।

**– ବର୍ଷା ପ୍ରିୟଦର୍ଶିନୀ, ଅଭିନେତ୍ରୀ**

**INDIAN PORT RAIL & ROPEWAY CORPORATION LTD.**
SAGARMALA
(A JV Company under Ministry of Shipping, Govt.of India)
**EXPRESSION OF INTEREST**
1. Tender No. IPRCL/BBS/Projects/DFC/EOI/Bridges/01
IPRCL invites "EOI TO ENGAGE SUBCONSULTANT OF IPRCL TO UNDERTAKE PREPARATION OF GADs OF BRIDGES AND THEIR PRELIMINARY DESIGN & CONDUCTING HYDROLOGICAL STUDIES, & DESIGN OF STRUCTURES AND COST ESTIMATION IN THE EAST COAST DFC DPR RFP PROPOSED TO BE BID BY IPRCL
2. Tender No. IPRCL/BBS/Projects/BQ/GT/01
EOI TO ENGAGE A SUB-CONSULTANT TO UNDERTAKE GEOTECHNICAL INVESTIGATION FOR THE EASTERN DFC CORRIDOR AT LOCATIONS LIKE BRIDGES, ROBs, RAIL FLYOVERS, FORMATION, DESIGN, ETC., AS PER SCOPE GIVEN HEREIN
Bidding documents will be available for downloading from 14.09.2020 on the website https://www.iprcl.in/tender.php
Any corrigendum/addendum would be hosted on the above website only.

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BANSAL TOWER**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା ୨0,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
20yrs Court Agreement
Bansal Tower B Wing, Bangalore, Karnataka-400021.
7055041635
7599929291

**Hindustan Tower Group**
(ପଞ୍ଜୀକୃତ) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଟାଓ୍ୱାର୍ ଲଗାନ୍ତୁ। ୨0 ଲକ୍ଷ ଆଡଭାନ୍ସ, 60,000ର ଭଡ଼ା + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
9473618663

**MUDRA FINANCE**
(Govt. Registered.)
ମାର୍କସିଟ, ପର୍ସନାଲ, ସମ୍ପତି, BPL, ଭଉ।, କୁକୁଡା ପାଳନ, ଇତ୍ୟାଦି ସମସ୍ତ ଋଣ ଓ CBIL କମ ଥିବା ଲୋକ ସ୍କିମରେ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
0% ସୁଧ ଏବଂ 50% ଛାଡ
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7428959168
9311834637

**BUSINESS**
Jeevansh & Company Pvt. Ltd.
କମ୍ପାନୀକୁ ସାରା ଓଡିଶାରେ ଲୋନ୍, ଏଜେଣ୍ଟ, ଡିଲରସିପ୍ ଆବଶ୍ୟକ କରୁଅଛି।
ଓଡିଶାରୁ ସମସ୍ତ ଜିଲ୍ଲା/ସହର/ଗ୍ରାମିଣରେ ବ୍ରାଞ୍ଚ ଖୋଲିବା ପାଇଁ ବ୍ରାଞ୍ଚ ମ୍ୟାନେଜର, ଏରିଆ ମ୍ୟାନେଜର ଆବଶ୍ୟକ। ନୋଟ- ମାଇକ୍ରୋଫାଇନାନ୍ସ/ବ୍ୟାଙ୍କ/ ଇନ୍ସୁରାନ୍ସ କର୍ମଚାରିଙ୍କୁ ଅଗ୍ରାଧିକାର ଦିଆଯିବ।
6399121671
6399121670

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
ଫ୍ରୀ ସେବା ୩ ଘଣ୍ଟାରେ ଘରେବସି ୧୦୦% ସମାଧାନ

ଯେପରୀ- ମନଚାହାଁ ପ୍ରେମ, ଲଭ୍ ମ୍ୟାରେଜ୍, ବ୍ୟବସାୟ, ବିଦେଶ ଯାତ୍ରା, ଗୃହକ୍ଳେଶ, ବିବାହରେ ବାଧା, ସଉତୁଣୀ, ଶତ୍ରୁମୁକ୍ତି, କର୍ଜମୁକ୍ତି, ଚାକିରୀ, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୁତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ଘରେବସି ତୁରନ୍ତ ସମାଧାନ।
ବାବା ମୁସ୍ତାନ ଆଲମ
ସ୍ପେ- ବଶୀକରଣ, ମହାମୁଠକରଣୀ ଏବଂ ବ୍ୟବସାୟ
9654196674
9667700474

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ଖୋର୍ଦ୍ଧା ଉପଖଣ୍ଡରେ ସୁସ୍ଥ ହାର ୭୮%

**ଆକ୍ରାନ୍ତ ହେଲେଣି ୪୮୬୮**

**ଖୋର୍ଦ୍ଧା ଅଫିସ,୧୩।୯**

ଖୋର୍ଦ୍ଧା ଉପଖଣ୍ଡରେ ରବିବାର ସୁଦ୍ଧା ୪୮୬୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୩୮୦୬ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨୮ଜଣଙ୍କ ମୃତ୍ୟୁ ହୋଇଛି। ୧୦୩୪ଜଣ ସକ୍ରିୟ ରହିଥିବା ବେଳେ ସେଥିରୁ ୮୮୦ଜଣ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ଉପଖଣ୍ଡରେ ସୁସ୍ଥ ହାର ୭୮% ରହିଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ସୂଚନା ଅନୁଯାୟୀ, ବାଣପୁରରୁ ସୁସ୍ଥ ୫୬୬, ସକ୍ରିୟ ୧୩୯ ଏବଂ ୩ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଚିଲିକାର ସୁସ୍ଥ ୫୬୫, ସକ୍ରିୟ ୧୪୯ ଓ ୩ଜଣଙ୍କ ମୃତ୍ୟୁ ଘଟିଛି। ଟାଙ୍ଗୀର ସୁସ୍ଥ ୫୮୮, ସକ୍ରିୟ ୧୧୨ ଓ ୫ଜଣଙ୍କ ମୃତ୍ୟୁ ଘଟିଛି। ବୋଲଗଡ଼ର ସୁସ୍ଥ ୫୨୫ ସକ୍ରିୟ ୯୯ ଓ ୪ଜଣଙ୍କ ମୃତ୍ୟୁ ଘଟିଛି। ବେଗୁନିଆର ସୁସ୍ଥ ୩୫୪, ସକ୍ରିୟ ୧୬୬ ଓ ୩ଜଣଙ୍କ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ବ୍ଲକର ସୁସ୍ଥ ୩୬୫, ସକ୍ରିୟ ୧୨୭ ଓ ୨ଜଣଙ୍କ ମୃତ୍ୟୁ ଘଟିଛି। ବାଣପୁର ଏନ୍ଏସିରେ ସୁସ୍ଥ ୩୦୪, ସକ୍ରିୟ ୫୩ ଏବଂ ୪ଜଣଙ୍କ ମୃତ୍ୟୁ ହୋଇଛି। ବାଲୁଗାଁ ଏନ୍ଏସିରେ ସୁସ୍ଥ ୧୮୩, ସକ୍ରିୟ ୬୩ ଓ ୩ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ପୌର ପରିଷଦରେ ସୁସ୍ଥ ୩୫୬, ସକ୍ରିୟ ୧୨୬ ଓ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ପୌରାଞ୍ଚଳରେ ଅଗଷ୍ଟ ୯ସୁଦ୍ଧା ୩୦୦ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ୧୧୧ ସକ୍ରିୟ କେସ୍ ରହିଛି। ଖୋର୍ଦ୍ଧା ସହରରେ ଆରୋଗ୍ୟ ହାର ୬୦ପ୍ରତିଶତ ରହିଥିବା ବେଳେ ୨୪ପ୍ରତିଶତ ସକ୍ରିୟ ହାର ଏବଂ ୧୬ ପ୍ରତିଶତ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ଟୁଇଟ୍ କରି ଜଣାଇଛନ୍ତି।

**PARADIP PORT TRUST**
CORRIGENDUM TO E-TENDER CALL NOTICE
No. EM/MM/P/HW-16/2020/163 Dt. 07.08.2020
FOR SUPPLY OF FENCING OIL BOOM
The technical specification of Fencing oil boom in Annexure-II 1(e) is hereby amended as below : f; Boom Colour; Existing : International Orange; Amended to : No colour limitation. (1) Last date of submission of tender is hereby extended upto **17.00 hrs. of 24.09.2020**. (2) Opening of Tech. Bid at **11.00 hrs. of 28.09.2020**. All other terms and conditions in the original tender remained unaltered. For details, log on to our website : **https://eprocure.gov.in/eprocure/app** or contact the office of the undersigned. The revised specification also upload in Anex-II.
Sr. Dy. Materials Manager
PPT/PR/209/20-21 Dt : 11.09.2020

**RITES THE INFRASTRUCTURE PEOPLE**
**ରାଇଟ୍ସ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ)
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ମେସର୍ସ ଏନ୍ଏସ୍‌ପିସିଏଲ୍, ରାଉରକେଲା ତରଫରୁ ମହାପ୍ରବନ୍ଧକ (ସିଭିଲ), ରାଇଟ୍ସ ଲିଃ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ(ଗୁଡ଼ିକ) ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀରେ ଅନ୍‌ଲାଇନ୍ ଶତକଡ଼ା ଦର ବିଡ୍ ଆମନ୍ତ୍ରଣ କରୁଛନ୍ତି:
**୧. ଏନ୍ଆଇଟି ନଂ. ରାଇଟ୍ସ/ଆର୍‌ପିଓ/ବିବିଏସ୍ଆର୍/ଏନ୍ଏସ୍‌ପିସିଏଲ୍/ଏସ୍ଆଣ୍ଡଟି/ଓଟି-୦୬/୨୦୨୦, ତାରିଖ ୧୪।୦୯।୨୦୨୦।**
**କାର୍ଯ୍ୟର ନାମ:** ''ସେଲ୍/ଆର୍‌ଏସ୍‌ପିର ଓବିବିପି ଓ ମାର୍ଶାଲିଂ ୟାର୍ଡ ସହିତ ଇଣ୍ଟର-ସ୍ଲଟିଂ ଆରେଞ୍ଜମେଣ୍ଟର ବ୍ୟବସ୍ଥା ସହିତ ଏନ୍ଏସ୍‌ପିସିଏଲ୍ ୟାର୍ଡ, ରାଉରକେଲାଠାରେ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ବ୍ୟବସ୍ଥା ନିମନ୍ତେ ସମସ୍ତ ଆଉଟଡୋର୍ ଗିୟର, କେବଲ୍ ଇତ୍ୟାଦି ସମେତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରଣାଳୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ''। **ଅଟକଳ ମୂଲ୍ୟ: ଟ.୧୧,୩୭,୭୭,୦୭୯.୦୦, ଅମାନତ ରାଶି: ଟ.୧୧,୩୭,୭୭୧.୦୦, ସମାପ୍ତି ଅବଧି: ୧୫ (ପନ୍ଦର) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୦୮।୧୦।୨୦୨୦, ୧୧.୦୦ ଘଟିକା (ଆଇଏସ୍‌ଟି)।**
**୨. ଏନ୍ଆଇଟି ନଂ. ରାଇଟ୍ସ/ଆର୍‌ପିଓ/ବିବିଏସ୍ଆର୍/ଏନ୍ଏସ୍‌ପିସିଏଲ୍/ଇଏଲ୍‌ଇସି/ଓଟି-୦୭/୨୦୨୦, ତାରିଖ ୧୪।୦୯।୨୦୨୦।**
**କାର୍ଯ୍ୟର ନାମ:** ''ଏନ୍ଏସ୍‌ପିସିଏଲ୍, ରାଉରକେଲା ପିପି-II ଏକ୍ସପାନ୍ସନ୍ (୧x୨୫୦ମେଗାୱାଟ୍)ଠାରେ ୨୫କେଭି ଓଏଚ୍ଇ ସିଷ୍ଟମ୍‌ର ଡିଜାଇନ୍, ଡ୍ରଇଂ, ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ, ବିସ୍ତାରଣ ଏବଂ ଏସ୍ଏସ୍‌ପିର ସଂଶୋଧନ, ଏସ୍‌ସିଏଡିଏ ପ୍ରଣାଳୀର ବ୍ୟବସ୍ଥା ଏବଂ ବୈଦ୍ୟୁତିକ ସାଧାରଣ କାର୍ଯ୍ୟ ଯାହା ମଧ୍ୟରେ ୩୦/୨୦ ମିଟର ହାଇମାଷ୍ଟର ୟାର୍ଡ /ବିଲ୍ଡିଂ/ପାଥ୍‌ୱେର ଆଲୋକୀକରଣ ଅନ୍ତର୍ଭୁକ୍ତ, ବିଦ୍ୟମାନ ୬୬କେଭି ୧ସି x ୪୦୦ ବର୍ଗ ମିମି କେବୁଲ୍, ହାଇ ମାଷ୍ଟ ଓ ଷ୍ଟ୍ରିଟ୍‌ଲାଇଟ୍‌ର ସ୍ଥାନାନ୍ତର ଏବଂ ତାହାକୁ ନୂଆ ସ୍ଥାନକୁ ସ୍ଥାନାନ୍ତର କରିବା ତଥା ଏନ୍ଏସ୍‌ପିସିଏଲ୍ ରେଲ୍‌ୱେ ସାଇଡିଂ ନିମନ୍ତେ ରେକ ସଂଯୋଗୀକରଣର ବିଭିନ୍ନ ଆକାରର ୬.୬ କେଭି ଏଚ୍‌ଟି ଏକ୍ସଏଲ୍‌ପିଇ ଏବଂ ଏଲ୍‌ଟି ଏକ୍ସଏଲ୍‌ପିଇ କେବଲ୍ ବିଛାଇବା''। **ଅଟକଳ ମୂଲ୍ୟ: ଟ.୮,୮୪,୩୫,୯୯୫.୦୦, ଅମାନତ ରାଶି: ଟ.୮,୮୪,୩୫୯.୦୦, ସମାପ୍ତି ଅବଧି: ୧୨ (ବାର) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୩୦।୦୯।୨୦୨୦, ୧୧.୦୦ ଘଟିକା (ଆଇଏସ୍‌ଟି)।**
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍: https://etenders.gov.in/eprocure/appରୁ ହାସଲ କରାଯାଇପାରିବ। ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ ହେବ।

**ସମ୍ବଲପୁରୀ ବସ୍ତ୍ରାଳୟ**

ପବିତ୍ର ମହାଳୟା ଉପଲକ୍ଷେ
ବିଶେଷ ସରକାରୀ ରିହାତି
10% + 20%
ଅବଧି
ତା୧୩।୦୯।୨୦୨୦ରୁ ତା୧୭।୦୯।୨୦୨୦ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ରାଜ୍ୟ ଭିତରେ ଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

## ସ୍ଥାୟୀ ଜମା ହାର ହ୍ରାସ କଲା ଏସ୍‌ବିଆଇ

**ନୂଆଦିଲ୍ଲୀ:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ସ୍ଥାୟୀ ଜମା (ଏଫ୍‌ଡି) ସୁଧ ହାରରେ ହ୍ରାସ କରାଯାଇଛି। ନୂଆ ହାର ଚଳିତ ବର୍ଷ ସେପ୍ଟେମ୍ବର ୧୦ରୁ ଲାଗୁ ହେବ। ୧ ବର୍ଷ ଠାରୁ ୨ ବର୍ଷରୁ କମ୍ ଅବଧି ଏଫ୍‌ଡି ଉପରେ ସୁଧହାର ୨୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ ହୋଇଥିବା ଜଣାପଡିଛି।

**ସଂକ୍ଷେପରେ**

## ୩ ପେଟ୍ରୋଲିୟମ ପ୍ରକଳ୍ପ ଲୋକାର୍ପଣ କଲେ ମୋଦି

**ନୂଆଦିଲ୍ଲୀ, ୧୩।୯:** ବିହାରରେ ୩ ପେଟ୍ରୋଲିୟମ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଭିଡିଓକନଫରେନ୍ସି ଯୋଗୁ ଏହି ପ୍ରକଳ୍ପଗୁଡିକୁ ଲୋକାର୍ପଣ କରାଯାଇଥିଲା। ପାରାଦୀପ-ହଳଦିଆ-ଦୁର୍ଗାପୁର ପାଇପଲାଇନ ପ୍ରକଳ୍ପର ସମ୍ପ୍ରସାରଣ କାର୍ଯ୍ୟ ଅନ୍ତର୍ଗତ ଦୁର୍ଗାପୁର-ବାଙ୍କା ସେକ୍ସନ ସହ ୨ ଏଲପିଜି ବଟଲିଂ ପ୍ଲାଣ୍ଟ ଏହା ମଧ୍ୟରେ ସାମିଲ ରହିଛି। ଏହି ପ୍ରକଳ୍ପଗୁଡିକୁ ଲୋକାର୍ପଣ କରି ଅତ୍ୟନ୍ତ ଗର୍ବିତ ବୋଲି ମୋଦି ଏହି ଅବସରରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସରକାର ଭିତ୍ତିଭୂମି ବିକାଶ ଉପରେ ବର୍ତ୍ତମାନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବିହାର ପାଇଁ ପ୍ୟାକେଜ ଘୋଷଣା ହେବା ପୂର୍ବରୁ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ସରକାର ପୂର୍ବରୁ କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଘୋଷଣା ହୋଇଥିବା ପ୍ରକଳ୍ପଗୁଡିକ ମଧ୍ୟରେ ପେଟ୍ରୋଲିୟମ ଏବଂ ଗ୍ୟାସ କ୍ଷେତ୍ରର ପ୍ରାୟ ୧୦ ବଡ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପରେ ମୋଟ ୨୧ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯିବ।

## ନିୟନ୍ତ୍ରଣକୁ ଆସିବ ମୁଦ୍ରାସ୍ଫୀତି:ସିଇଏ

**ନୂଆଦିଲ୍ଲୀ, ୧୩।୯:** ଦେଶରେ ବଢୁଥିବା ମୁଦ୍ରାସ୍ଫୀତି ସମ୍ପର୍କରେ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) କେ.ଭି. ସୁବ୍ରମଣ୍ୟନ ସୋମବାର ମତ ରଖିଛନ୍ତି। ସେ କହିଛନ୍ତି, ଆଗାମୀ ଦିନ ଗୁଡିକରେ ଦରଦାମ ନିୟନ୍ତ୍ରଣକୁ ଆସିବ। ଲକ୍‌ଡାଉନ କଟକଣା ଧୀରେ ଧୀରେ ଉଠୁଥିବାରୁ ଆଗାମୀ ଦିନରେ ସ୍ଥିତିରେ ସୁଧାର ଆସିବା ନେଇ ସେ ଆଶାବାଦି ରହିଛନ୍ତି। ସରକାରୀ ଡାଟା ଅନୁସାରେ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୬.୯୩% ସ୍ତରରେ ରହିଛି। ସେହିଭଳି ପାଇକାରୀ ମୁଦ୍ରାସ୍ଫୀତି ୦.୫୮% ସ୍ତରକୁ ଖସିଛି। ଯୋଗାଣ ବାଧାପ୍ରାପ୍ତ ହେବାରୁ ଏହାର ପ୍ରଭାବ ବଜାର ଉପରେ ପଡିଛି। ବର୍ତ୍ତମାନ ଲକ୍‌ଡାଉନ ଉଠୁଥିବାରୁ ଆଗାମୀ ଦିନରେ ବଜାରରେ ଏଭଳି ସମସ୍ୟା ଦେଖାଯିବ ନାହିଁ। ବଜାରର ସ୍ଥିତି ସୁଧୁରିଲେ ଏହା ଦରଦାମ ନିୟନ୍ତ୍ରଣକୁ ଆସିବ ବୋଲି ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି।

# ଏମ୍‌ଏସ୍‌ଏମ୍‌ଇକୁ ୧.୧୮ ଲକ୍ଷ କୋଟିର ସହାୟତା

**ନୂଆଦିଲ୍ଲୀ, ୧୩।୯**

ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ (ଇସିଏଲଜିଏସ୍)ରେ ଦେଶର ୨୫ ଲକ୍ଷ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକୁ ୧.୧୮ ଲକ୍ଷ କୋଟି ଟଙ୍କାର ଋଣ ସହାୟତା ଯୋଗାଇ ଦିଆଯାଇଛି। ଆତ୍ମନିର୍ଭର ଭାରତ ଯୋଜନାରେ ସରକାର ଏହି ବର୍ଗରେ ୩ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯିବା ନେଇ ଘୋଷଣା କରିଥିଲେ। ମୋଟ ୪୨ ଲକ୍ଷ କ୍ଷୁଦ୍ର ଶିଳ୍ପ ଲାଗି ୧.୬୩ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। କୋଭିଡ ଦ୍ୱାରା ପ୍ରଭାବିତ ଏମ୍‌ଏସ୍‌ଏମ୍‌ଇକୁ ସହାୟତା କରିବାକୁ ସରକାର ଏଭଳି ଘୋଷଣା କରିଥିଲେ। ସେପ୍ଟେମ୍ବର ୧୦ ସୁଦ୍ଧା ୨୩ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୧.୧୮ ଲକ୍ଷ କୋଟି ଋଣ ଯୋଗାଇ ଦେଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୂଚନା ଦେଇଛନ୍ତି।


ନିର୍ମଳା ସୀତାରାମନ

କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତରେ ଘୋଷଣା ହୋଇଥିବା ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସୀତାରାମନ ରବିବାର ସୂଚନା ଦେଇ କହିଛନ୍ତି, ନ୍ୟାଶନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(ନାବାର୍ଡ) ପକ୍ଷରୁ କୃଷକଙ୍କ ଲାଗି ୩୦ ହଜାର କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଜରୁରିକାଳୀନ ପରିଚାଳନା ପୁଞ୍ଜି ବାବଦ ଏଭଳି ଅର୍ଥ ପ୍ରଦାନ କରାଯାଉଛି। ଏହା ଅଧୀନରେ ବର୍ତ୍ତମାନ ସୁଦ୍ଧା ୨୫ ହଜାର କୋଟି ଟଙ୍କା ଦିଆଯାଇଛି। ସେହିଭଳି ସ୍ପେଶାଲ ଲିକ୍ୟୁଡିଟି ଫାସିଲିଟି(ଏସ୍‌ଏଲ୍‌ଏଫ୍)ରେ ନାବାର୍ଡକୁ ବଳକା ୫ ହଜାର କୋଟି ଟଙ୍କା ମିଳିଛି। ଏହା ଏନ୍‌ବିଏଫ୍‌ସି ଏବଂ ଏନ୍‌ବିଏଫ୍‌ସି-ଏମ୍‌ଏଫ୍‌ଆଇକୁ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି। ଏ ନେଇ ଶୀଘ୍ର ଗାଇଡ ଲାଇନ ଜାରି କରାଯିବ।

ସେହିଭଳି ପାର୍ସିଆଲ କ୍ରେଡିଟ ଗ୍ୟାରେଣ୍ଟି ସ୍କିମ ୨.୦ରେ ବର୍ତ୍ତମାନ ୨୫,୦୫୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଅତିରିକ୍ତ ୪,୩୬୭ କୋଟି ଟଙ୍କା ମଞ୍ଜୁରୀ ଅପେକ୍ଷାରେ ରହିଛି। ଏହାବାଦ ସେପ୍ଟେମ୍ବର ୮ ସୁଦ୍ଧା ୨୭.୫୫ ଲକ୍ଷ ଟିକସଦାତାଙ୍କୁ ୧.୦୧ ଲକ୍ଷ କୋଟି ଟଙ୍କାର ଆୟକର ରିଫଣ୍ଡ ଦିଆଯାଇଛି। ସେହିଭଳି ଚାପରେ ରହିଥିବା ଏନ୍‌ବିଏଫ୍‌ସି ଏବଂ ମାଇକ୍ରୋ ଫାଇନାନ୍ସ ପ୍ରତିଷ୍ଠାନଗୁଡିକୁ ୧୦,୫୯୦ କୋଟି ଟଙ୍କା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉଛି ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ଇସିଏଲ୍‌ଜିଏସ୍‌କୁ କେନ୍ଦ୍ର କ୍ୟାବିନେଟ ମେ ୨୦ରେ ମଞ୍ଜୁରୀ ପ୍ରଦାନ କରିଥିଲା। ଏହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇଗୁଡିକୁ ୯.୨୫% ସୁଧ ହାରରେ ଋଣ ସହାୟତା ପ୍ରଦାନ କରିବା ଲାଗି ଯୋଜନା ରଖାଯାଇଛି।

## 'ଜେଇଇ ମେନ'ରେ ଆକାଶର ବାଜିମାତ




**ଭୁବନେଶ୍ୱର, ୧୩।୯**

ନ୍ୟାଶନାଲ ଟେଷ୍ଟି ଏଜେନ୍ସି (ଏନଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ-୨୦୨୦ ପରୀକ୍ଷାରେ ଆକାଶ ଇନଷ୍ଟିଚ୍ୟୁଟର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜେଇଇ ମେନ୍ ଫଳାଫଳର ପ୍ରଥମ ୨୦ ଜଣଙ୍କ ମଧ୍ୟରେ ଆକାଶରୁ ଜଣେ ଥିବା ବେଳେ, ଟପ୍ ୫୦ରେ ୩ ଜଣ ଏବଂ ଟପ୍ ୧୦୦ ମଧ୍ୟରେ ୬ ଜଣ ପରୀକ୍ଷାର୍ଥୀ ସ୍ଥାନ ପାଇଥିବା ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ନିର୍ଦ୍ଦେଶକ ଓ ସିଇଓ ଆକାଶ ଚୌଧୁରୀ ଏହି ସୂଚନା ଦେଇଛନ୍ତି। ଆକାଶର ଚିରାଗ ଫାଲୋର (୧୨), ସୁରଜ ଶ୍ରୀନିବାସ (୩୪), ଆଭାଲ ଅମିଲ (୪୩), ପ୍ରୀତି ପଲିୱାଲା (୭୫), ଇରା ସାରାଦା (୭୯) ଏବଂ ଶ୍ରୀଖର ଅଗ୍ରୱାଲା (୯୯) ର୍ୟାଙ୍କ ସହ ଟପ ୧୦୦ରେ ସ୍ଥାନ ପାଇଛନ୍ତି। ସେହିଭଳି ଭୁବନେଶ୍ୱର ଶାଖାରୁ ଅନିମେଶ ସାହୁ, ଶିବାଶିଷ ରାଉତ, ରିତେଶ୍ୱର ରାଜଗୁରୁ, ପ୍ରୀତି ନିଲଞ୍ଜନା,ସତାଂଶ ପଟ୍ଟନାୟକ, ଶ୍ରୀସ ମହାପାତ୍ର, ଶୁଭମ ଶୁଭାଶିଷ ସାହୁ, ଆଶୁତୋଷ ମିଶ୍ର, ଓଜସ୍ୱୀ ଦାସ, ସୁବ୍ରତ ଶେଖର ସାହୁ ଏବଂ ଦୀପ୍ତି ସାହୁ ପ୍ରମୁଖ ୯୯% ରୁ ଊର୍ଦ୍ଧ୍ୱ ସ୍କୋର କରି ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ମାସ ୨୭ରେ ଜେଇଇ ଆଡଭାନ୍ସ ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷାରେ ଆକାଶ ଭୁବନେଶ୍ୱରର ଶାଖାରୁ ପ୍ରାୟ ୧୨୦ ଜଣ ଛାତ୍ର ଆଇଆଇଟି ଜେଇଇ ପରୀକ୍ଷା ଦେବେ ବୋଲି ଶାଖାର ନିର୍ଦ୍ଦେଶକ ଏ.ବି. ସିଂହ ସୂଚନା ଦେଇଛନ୍ତି। ଜେଇଇ ମେନ ରେ ସଫଳତା ଅର୍ଜନ କରିଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଭୁବନେଶ୍ୱର ଶାଖା ପକ୍ଷରୁ ସେ ଅଭିନନ୍ଦନ ଜଣାଇଥିଲେ।

## ଭୁବନେଶ୍ୱରରେ ରାଜରତନ ଶୋ'ରୁମ

**ଭୁବନେଶ୍ୱର, ୧୩।୯**

କଟକର ପ୍ରମୁଖ ଫ୍ୟାଶନ ଶୋ'ରୁମ୍ ରାଜରତନ ତାର ୨ୟ ଶୋ ରୁମ ଭୁବନେଶ୍ୱରର ଶ୍ରୀୟା ଛକଠାରେ ଶୁଭାରମ୍ଭ କରିଛି। ସଂସ୍ଥାର ଏହି ନୂଆ ଷ୍ଟୋରଟି ୩ ମହଲା ବିଶିଷ୍ଟ ଏବଂ ୧୦ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ପ୍ରତିଷ୍ଠା ହୋଇଛି। ଏଠାରେ ସବୁ ବର୍ଗର ଗ୍ରାହକଙ୍କ ମନ ପସନ୍ଦର ପୋଷାକ ଉପଲବ୍ଧ ହେଉଥିବା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ପର୍ବପର୍ବାଣିକୁ ଆଖି ଆଗରେ ରଖି ଗ୍ରାହକଙ୍କୁ ବିଭିନ୍ନ ବ୍ରାଣ୍ଡେଡ କମ୍ପାନୀର ପୋଷାକ ଯୋଗାଣ ଦିଗରେ ଏହା କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି। ଗ୍ରାହକଙ୍କର ସୁବିଧା ପାଇଁ ତଳ ମହଲାରେ ଶାଢି,ଲେଡିଜୱେର, ବ୍ଲାଉଜ, ବେଡଶିଟ,କମ୍ପର୍ଟର,ଡୋର ମାର୍ଟ, ଯୋଗ ମାର୍ଟ ଓ ଟାୱେଲ ଆଦି ରହିଥିବା ବେଳେ ୧ମ ମହଲାରେ କିଡସୱେର, ଇନଫାଣ୍ଟ ୱେର, କୁର୍ତ୍ତି, ସାଲେୱେର ସୁଟ, ଗାଉନ,ସ୍କର୍ଟ ଟପ୍‌ସ, ଟ୍ରାକ ପ୍ୟାଣ୍ଟ କପେରି ଏବଂ ଲେଗିନ୍ସ ଆଦି ରହିଛି। ସେହିଭଳି ଦ୍ୱିତୀୟ ମହଲାରେ ସେରୱାନୀ, ସୁଟ, ଶାର୍ଟ, କାଜୁଆଲ, ଫର୍ମାଲ ୱେର, ଲୁଙ୍ଗି, ଧୋତି, ଯୋଡା,ବ୍ଲେଜର ଆଦି ସାମଗ୍ରୀ ଉପଲବ୍ଧ ରହିଛି। ଏହି ଉଦ୍‌ଘାଟନୀ ଅବସରରେ ଗ୍ରାହକଙ୍କୁ ପ୍ରତି କ୍ରୟ ଉପରେ ଉପହାର ପ୍ରଦାନ କରାଯାଇଥିବା ସଂସ୍ଥାର ମୁଖ୍ୟ ବିଶ୍ୱପ୍ରକାଶ ମୁନ୍ଦ୍ରା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ପାର୍ବଣ ଅଫର ଲୋକମାନଙ୍କୁ ପ୍ରଦାନ କରାଯିବ ବୋଲି ସେ ମତ ଦେଇଛନ୍ତି। ଏହି ଅବସରରେ ସଂସ୍ଥାର ପ୍ରମୁଖ ଅନିଲ ମୁନ୍ଦ୍ରା ଓ ଶୋ'ରୁମ କର୍ମଚାରୀ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ।




## ବିମାନରେ ଫଟୋଗ୍ରାଫି ବ୍ୟାନ କରାଯାଇନି:ଡିଜିସିଏ

**ନୂଆଦିଲ୍ଲୀ, ୧୩।୯**

ବିମାନରେ ଫଟୋଗ୍ରାଫିକୁ ବ୍ୟାନ କରାଯାଇନାହିଁ। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ସୋମବାର ଏ ନେଇ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ବିମାନ ଯାତ୍ରୀ ଅନ୍‌ବୋର୍ଡ ଫ୍ଲାଇଟରେ ପୂର୍ବଭଳି ଫଟୋ ଉଠାଇ ପାରିବେ। ମାତ୍ର ଡିଫେନ୍ସ ଏୟାରଫିଲ୍ଡଗୁଡିକରେ ଫ୍ଲାଇଟ ଚାଲୁ ରହିଥିବା ବେଳେ ଯାତ୍ରୀଙ୍କୁ ଫଟୋ ଉଠାଇବା ନେଇ ବାରଣ କରାଯାଇଛି ବୋଲି ଡିଜିସିଏ ସ୍ପଷ୍ଟ କରିଛି। ଏହାବାଦ ପୂର୍ବଭଳି ବିମାନ ଲ୍ୟାଣ୍ଡ ଏବଂ ଟେକ୍ ଅଫ୍ କରୁଥିବା ବେଳେ ଯାତ୍ରୀ ଷ୍ଟିଲ ଏବଂ ଭିଡିଓଫଟୋଗ୍ରାଫି କରିପାରିବେ। ମାତ୍ର ଲୋକମାନେ କୌଣସି ରେକର୍ଡିଂ ଇକ୍ୱିପମେଣ୍ଟ ବ୍ୟବହାର କରିପାରିବେ ନାହିଁ। ସେହିଭଳି ବିମାନ ପରିଚାଳନାରେ ଏଭଳି କାର୍ଯ୍ୟ ବାଧା ଉପୁଜାଉଥିବାରୁ କ୍ରିଓ ଏହାକୁ ବାରଣ କରିଥାନ୍ତି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଯାତ୍ରୀ ଧ୍ୟାନରେ ରଖିବାକୁ କୁହାଯାଇଛି।

## ଓମ୍‌ଜୟ ଇଭି ଲିଃ ସହ ଏରିସ୍‌ର ସହବନ୍ଧିତା

**ଭୁବନେଶ୍ୱର, ୧୩।୯**

ଇଣ୍ଟରନେଟ ଅଫ୍ ଥିଙ୍ଗସ(ଆଇଓଟି) ଟେକ୍ନୋଲୋଜି ପାର୍ଟନର ଏରିସ୍ କମ୍ୟୁନିକେସନ ସହ ଇଭି ଇଣ୍ଡିଆର ପ୍ୟାରେଣ୍ଟ କମ୍ପାନୀ ଓମ୍ ଜୟ ଇଭି ଲିଃର ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଏରିସ୍ ଇଭି ଇଣ୍ଡିଆର ବାହନଗୁଡିକ ପାଇଁ ଟେଲିମ୍ୟାଟିକ୍ସ ସମାଧାନ ପ୍ରଦାନ କରିବ। ନୂଆ ଯୋଜନା ଦ୍ୱାରା ଇଭିକୁ ଓଡିଶାର ପ୍ରଥମ ଆଇଓଟି ସକ୍ଷମ ଟୁ-ହ୍ୱିଲର ନିର୍ମାତାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଇଭି ବର୍ତ୍ତମାନ ପୂର୍ବାଞ୍ଚଳ ଭାରତ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ ଆଦି ରାଜ୍ୟରେ ନିଜର ଉପସ୍ଥିତି ଜାହିର କରିଛି। ବର୍ତ୍ତମାନ ସୁଦ୍ଧା ୩୦୦୦ରୁ ଅଧିକ ଏରିସ୍ ପରିଚାଳିତ ୨ଚକିଆ ବାହନ ବିକ୍ରି କରିବାକୁ ସକ୍ଷମ ହୋଇଛି। ଏହା ଗ୍ରାହକଙ୍କୁ ଟେଲିମ୍ୟାଟିକ୍ସ ସକ୍ଷମ କନେକ୍ଟେଡ ଟୁ-ହ୍ୱିଲର ସେବାର ସମ୍ପୂର୍ଣ୍ଣ ରେଞ୍ଜ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଏରିସ କମ୍ୟୁନିକେଶନ ଇଣ୍ଡିଆ ଏବଂ ସାର୍କ କଣ୍ଟ୍ରି ସେଲସ ହେଡ ସମୀର ମହାପାତ୍ର କହିଛନ୍ତି ଯେ, ଇଭିକୁ ଆମର ଅତ୍ୟାଧୁନିକ ଏରିସ ଆଇଓଟି ସମାଧାନ ପ୍ରଦାନ କରି ଗର୍ବିତ। ସେହିଭଳି ଓମ୍‌ଜୟ ଇଭି ଲିମିଟେଡର ସହପ୍ରତିଷ୍ଠାତା ହର୍ଷବର୍ଦ୍ଧନ ଦିଦୱାନିଆ କହିଛନ୍ତି ଯେ, ଏରିସ ଆମର ମନପସନ୍ଦର ସହଯୋଗୀ କାରଣ ଏହାର ଆଇଓଟି ପୋର୍ଟଫୋଲିଓ ଆମକୁ ଭାରତ ଓ ବିଦେଶରେ ଆମର ଗ୍ରାହକଙ୍କୁ ନୂତନ ଏବଂ ଅତ୍ୟାଧୁନିକ କନେକ୍ଟେଡ ଟୁହ୍ୱିଲର ପ୍ରଦାନ କରିବା ପାଇଁ ସକ୍ଷମ କରୁଛି।

**ରାଜ୍ୟ ଖବର**

# ଐତିହ୍ୟ ରକ୍ଷା ପାଇଁ ପ୍ରଶିକ୍ଷଣ ନେଲେ ୬ ଯୁବକ

**କଟକ ଅଫିସ,୧୩।୯**

ନୟାଗଡ଼ ଜିଲା ପଦ୍ମାବତୀ ପଞ୍ଚାୟତର ମହାନଦୀ ଜଳରାଶିରେ ୫୦୦ବର୍ଷ ତଳର ଏକ ଗୋପୀନାଥ ମନ୍ଦିର ବୁଡି ରହିଛି। କିଛିଦିନ ତଳେ ଏହି ମନ୍ଦିରକୁ ଚିହ୍ନଟ କରାଯିବା ସହିତ ଏ ସମ୍ପର୍କିତ ଭିଡିଓ ଓ ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ହେଲେ ଏହା ପରଠାରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଏବେ ପଞ୍ଚାୟତବାସୀ ଏହି ସ୍ଥାନର ସୁରକ୍ଷା ଓ ଏହାକୁ ପର୍ଯ୍ୟଟନସ୍ଥଳୀ ଭାବେ ପରିଚୟ ଦେବାକୁ ଆଗେଇ ଆସିଛନ୍ତି। ପଞ୍ଚାୟତର ୬ଜଣ ଯୁବକ ରବିବାରଠାରୁ କଟକରେ ଜଳକ୍ରୀଡ଼ା ପ୍ରଶିକ୍ଷଣରେ ଯୋଗଦେଇଛନ୍ତି। ଅନ୍ତର୍ଜାତୀୟ ସମୁଦ୍ର ବୁଡ଼ାଳି ସବୀର ବକ୍ସଙ୍କ ନେତୃତ୍ୱରେ ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଛି। ନିଜର ଐତିହ୍ୟକୁ ବଞ୍ଚାଇବାକୁ ଯାଇ ଏହି ୬ ଯୁବକ ଗଭୀର ପାଣିରେ ବୁଡ଼ିବା ଓ ଅନ୍ୟକୁ ସୁରକ୍ଷା ଦେବାର ସ୍ୱତନ୍ତ୍ର କୌଶଳ ହାସଲ କରିବେ ବୋଲି ସବୀର କହିଛନ୍ତି।


ଯୁବକଙ୍କୁ ଜଳକ୍ରୀଡ଼ା ପ୍ରଶିକ୍ଷଣ ଦିଆଯାଉଛି।

- ମହାନଦୀରେ ବୁଡ଼ି ରହିଥିବା ଗୋପୀନାଥ ମନ୍ଦିର
- ସବୀରଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ଆରମ୍ଭ
- ନୟାଗଡ଼ରେ ହେବ ଆଣ୍ଡାମାନର ବ୍ୟବସ୍ଥା
- ଚାଲିବ ଗ୍ଲାସ୍ ବଟମ୍ ବୋଟ୍

ମହାନଦୀ ପାଣିରେ ବୁଡି ରହିଥିବା ଏହି ପୁରାତନ ମନ୍ଦିର ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଉତ୍କଣ୍ଠାର ବିଷୟ। ହେଲେ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବା ଯୋଗୁ ଉକ୍ତ ସ୍ଥାନକୁ ଯିବା ପାଇଁ ସାଧାରଣରେ ଭୟ ସୃଷ୍ଟି ହେଉଛି। ପଦ୍ମାବତୀ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ ଏ କ୍ଷେତ୍ରରେ ଆଗଭର ହୋଇଥିଲେ। ପ୍ରଥମେ ଅନ୍ତର୍ଜାତୀୟ ସମୁଦ୍ର ବୁଡ଼ାଳି ସବୀରଙ୍କ ସହ ସେ ଯୋଗାଯୋଗ କରିଥିଲେ। ସ୍ଥାନୀୟ ଯୁବକମାନେ ପାଣି ଭିତରେ ବୁଡ଼ିବା ଓ ଲୋକଙ୍କୁ ନେଇ ମନ୍ଦିର ଦେଖାଇବା କଳା କିପରି ଶିଖିବେ ସେ ଦିଗରେ ପ୍ରଶିକ୍ଷଣ ଦେବାକୁ ସବୀରଙ୍କ ସହ ଆଲୋଚନା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୮୦ଜଣ ଯୁବକ ନାମ ପଞ୍ଜୀକରଣ କରିବା ପରେ ଚୂଡ଼ାନ୍ତ ପର୍ଯ୍ୟାୟକୁ ୬ଜଣ ବଛା ଯାଇଥିଲେ। ଏହି ୬ଜଣ ଯୁବକ କଟକର ମହାନଦୀ ପଠାରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ୬ଜଣଙ୍କ ନାମ ଇନ୍‌ଲାଣ୍ଡ ୱାଟର ଟ୍ରାନ୍ସପୋର୍ଟ ସଂସ୍ଥାରେ ପଞ୍ଜୀକରଣ କରାଯିବ। ପରେ ସେମାନଙ୍କୁ ଗୋଆରେ ପ୍ରଶିକ୍ଷଣ ଦିଆଯିବ ବୋଲି ସବୀର କହିଛନ୍ତି। ପ୍ରଶିକ୍ଷଣ ହାସଲ କରିବା ପରେ ଏକ ଗ୍ଲାସ ବଟମ୍ ବୋଟ୍ କିଣାଯିବ। ଏହି ବୋଟ୍ ମୁଖ୍ୟତଃ ଆଣ୍ଡାମାନରେ ବ୍ୟବହାର କରାଯାଏ। ବୋଟ୍‌ର ତଳ ପାର୍ଶ୍ୱ କାଚରେ ତିଆରି। ଏଣୁ ପର୍ଯ୍ୟଟକ ଡଙ୍ଗାରେ ବସି ପାଣି ଭିତରକୁ ଦେଖି ପାରିବେ। ସାଢେ ୩ଲକ୍ଷ ଟଙ୍କା ବ୍ୟୟରେ ଏବେ ଉକ୍ତ ୬ଜଣ ଯୁବକଙ୍କୁ ଏକ ୱାଟରସ୍କୁଟର ପ୍ରଦାନ କରାଯିବ ବୋଲି ସବୀର ସୂଚନା ଦେଇଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଇନଜୀବୀ ଶ୍ରୀନିବାସ ମହାନ୍ତି, ପୂର୍ବ ନୌସେନା ଅଧିକାରୀ ପୀତବାସ ସାମଲ ଉପସ୍ଥିତ ଥିଲେ।

## ନନ୍ଦନକାନନରେ ଶମ୍ବର ମୃତ

**ବାରଙ୍ଗ,୧୩।୯(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ତୃଣଭୋଜି ସଫାରିରେ ରହୁଥିବା ସମ୍ବରମାନଙ୍କ ମଧ୍ୟରୁ ରବିବାର ଏକ ମାଈ ସମ୍ବରର ମୃତ୍ୟୁ ହୋଇଛି। ପ୍ରାୟ ୩ବର୍ଷ ବୟସ୍କା ଏହି ସମ୍ବରଟି ଗତ କିଛିଦିନ ହେବ ଅସୁସ୍ଥ ଅବସ୍ଥାରେ ବିଚରଣ କରୁଥିବାର ଦେଖି ଦାୟିତ୍ୱରେ ଥିବା କର୍ମଚାରୀମାନେ ଡାକ୍ତରଙ୍କୁ ସୂଚନା ଦେଇଥିଲେ। ଏ ନେଇ ଶନିବାର ଡାକ୍ତରମାନେ ସମ୍ବରଟିକୁ ଏକ ଆଣ୍ଟିବାୟଟିକ୍ ଇଞ୍ଜେକ୍ସନ ଦେଇଥିଲେ। ନିଶ୍ଚେତକ ପାଇଁ ବ୍ୟବହାର ବନ୍ଧୁକରେ ଏହି ଇଞ୍ଜେକ୍ସନ ଦିଆଯାଇଥିବାବେଳେ ଛୁଞ୍ଚିଟି ବାହାରିପାରି ନ ଥିଲା। କର୍ମଚାରୀମାନେ ଯେତେ ଚେଷ୍ଟା କରିଥିଲେ ମଧ୍ୟ ସମ୍ବରଟି ଧରାଦେଇ ନ ଥିଲା। ତେବେ ରବିବାର ସକାଳେ ପୁଣି କର୍ମଚାରୀମାନେ ଚେଷ୍ଟା କରି ଛୁଞ୍ଚିକୁ ବାହାର କରିବାରେ ସମର୍ଥ ହୋଇଥିବାବେଳେ ଅପରାହ୍ନରେ ସମ୍ବରଟି ମୃତ୍ୟୁ କରିଥିବା ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି। ଏହି ସମ୍ବରଟିର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୮ରେ ପହଞ୍ଚିଛି।

## ୪ ରେକର୍ଡର ଅଧିକାରୀ ଦେବାଂଶ

**କଟକ ଅଫିସ,୧୩।୯**

ବୟସ ୪ବର୍ଷ। ସ୍କୁଲ ଶିକ୍ଷା ଆରମ୍ଭ ହୋଇନି। ହେଲେ ତାଙ୍କ ପ୍ରତିଭା ଅସାଧାରଣ। ଚମତ୍କାର ଶୈଳୀରେ ଗପ ବର୍ଣ୍ଣନା କରିପାରନ୍ତି ଓ ଅବିରତ ଭାବେ କହିପାରନ୍ତି ୩୫ଟି ରାଇମ୍‌ସ। ତାଙ୍କର ପ୍ରଖର ଜ୍ଞାନ ନିମନ୍ତେ ତାଙ୍କୁ ଏକସଙ୍ଗରେ ୪ଟି ଜାତୀୟ, ଅନ୍ତର୍ଜାତୀୟ ସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଏହି ପ୍ରତିଭାବାନ ବାଳକ ଜଣଙ୍କ ହେଲେ କଟକ କାଠଗଡା ସାହିର ସୁଜିତ କୁମାର ଅଗ୍ରୱାଲ ଓ ନୀଲମ ଅଗ୍ରୱାଲଙ୍କ ପୁଅ ଦେବାଂଶ।

- ଚମତ୍କାର ଶୈଳୀରେ ଗପ ବର୍ଣ୍ଣନା କରନ୍ତି
- ଅବିରତ କୁହନ୍ତି ରାଇମ୍‌ସ

କୋମଳ ବୟସରେ ଦେବାଂଶ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ, ୱାର୍ଲଡ ଜିନିୟସ ରେକର୍ଡସ-ନାଇଜେରିଆ, ଏକ୍ସକ୍ଲୁସିଭ ୱାର୍ଲଡ ରେକର୍ଡସ ଓ ଏକ୍ସକ୍ଲୁସିଭ ଟ୍ୟାଲେଣ୍ଟ ଆୱାର୍ଡ-୨୦୨୦ ପାଇଛନ୍ତି। ଗତ ସପ୍ତାହରେ କୋରିୟର ଯୋଗେ ମାନପତ୍ରଗୁଡ଼ିକ ଘରେ ପହଞ୍ଚିଛି ବୋଲି ପିତା ସୁଜିତ କହିଛନ୍ତି। ସୁଜିତଙ୍କ କହିବା ମୁତାବକ, ଗତ ମେ' ମାସରେ ଦେବାଂଶର କିଛି ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲୁ। ପରେ ରେକର୍ଡ ସମ୍ପର୍କରେ ଖବରପାଇ ଏକ୍ସକ୍ଲୁସିଭ ୱାର୍ଲଡ ରେକର୍ଡସର କମିଟିକୁ ଭିଡିଓ ପଠାଇଥିଲୁ। ସେମାନେ ସେଗୁଡିକ ଯାଞ୍ଚ କରିବା ପରେ ଦେବାଂଶଙ୍କୁ ଯୋଗ୍ୟ ବିବେଚିତ କରିଥିଲେ। ପରେ ଅନ୍ୟ ସମସ୍ତ କମିଟିକୁ ଭିଡିଓ ପଠାଯାଇଥିଲା। ଦେବାଂଶଙ୍କ ସାଧାରଣ ଜ୍ଞାନ ମଧ୍ୟ ବିଚକ୍ଷଣ। ସେ ବିଶ୍ୱର ସମସ୍ତ ବିଷୟରେ ଖବର ରଖିବାକୁ ଇଚ୍ଛା ପ୍ରକାଶ କରନ୍ତି। ପଣିକିଆ ପ୍ରାଞ୍ଜଳ ଭାବେ କହିପାରନ୍ତି। ଏପରି କି ଗାଣିତିକ ସଂଖ୍ୟାଗୁଡିକ ମଧ୍ୟ ବିପରୀତ କ୍ରମରେ କହିପାରନ୍ତି ବୋଲି ସୁଜିତ କହିଛନ୍ତି। ପ୍ରତିଷ୍ଠିତ ବ୍ୟବସାୟୀ ଅରୁଣ କୁମାର ଅଗ୍ରୱାଲ ଓ ମୀନା ଅଗ୍ରୱାଲଙ୍କ ନାତି ହେଉଛନ୍ତି ଦେବାଂଶ।



ଦେବାଂଶ ଅଗ୍ରୱାଲ

## ୪.୭୯ କୁଇଣ୍ଟାଲ ଗଞ୍ଜେଇ, ୯.୭୭ ଲକ୍ଷ ଟଙ୍କା ଜବତ

**ଭୁବନେଶ୍ୱର,୧୩।୯ (ବ୍ୟୁରୋ)/ ସୁବର୍ଣ୍ଣପୁର (ନି.ପ୍ର)**

- ଆନ୍ତଃରାଜ୍ୟ ର୍ୟାକେଟ ଧରିଲା ଏସ୍‌ଟିଏଫ୍
- ସୁବର୍ଣ୍ଣପୁରରୁ ୪ ଅଭିଯୁକ୍ତ ଗିରଫ
- ପିକ୍‌ଅପ୍ ଭ୍ୟାନ୍ ଓ କାର୍ ଜବତ

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଆଉଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ର୍ୟାକେଟକୁ ଧରିଛି। ରବିବାର ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଞ୍ଚଳରୁ ୪.୭୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ର୍ୟାକେଟରେ ସଂପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ ୯.୭୭ ଲକ୍ଷ, ଚୋରା ଚାଲାଣରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ ଓ ଏକ ହୋଣ୍ଡା ସିଟି କାରକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବଳୟା ଥାନା କାସଲପୁର ଅଞ୍ଚଳର ନରାୟଣ ପାତ୍ର ଓରଫ ମୁନୁ, ରେଢାଖୋଲା ଥାନା କଦଳୀଗଡ ଅଞ୍ଚଳର ସଞ୍ଜୟ ମେଶ୍ୱ, ବୀରମହାରାଜପୁର ଥାନା ହିଲୁଙ୍ଗ ଅଞ୍ଚଳର ସୌରଭ କୁମାର ବାରିକ ଓ ମଧ୍ୟପ୍ରଦେଶର ସୁଶୀଲ ମିଶ୍ର। ସୂଚନା ମୁତାବକ, ସୁବଳୟା ଥାନାଞ୍ଚଳରୁ ବିପୁଳ ପରିମାଣ ଗଞ୍ଜେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ନେଇ ଗୋଇନ୍ଦା ଖବର ପହଞ୍ଚିଥିଲା। ଏସ୍‌ଟିଏଫ୍ ଟିମ୍ ପ୍ରାୟ ୨ ଦିନ ଧରି ଉକ୍ତ ଥାନାଞ୍ଚଳରେ ଗୁପ୍ତରେ ଡେରା ପକାଇବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ରବିବାର ଭୋର୍‌ରେ ହୋଣ୍ଡା ସିଟି କାର (ଡବ୍ଲ୍ୟୁ ବି୦୨ ଏକ୍ସ ୭୮୧୨ )କୁ ସନ୍ଦେହଜନକ ଅବସ୍ଥାରେ ଦେଖିବା ପରେ ତାହା ଉପରେ ଏସ୍‌ଟିଏଫ୍ ଅଧିକାରୀମାନେ ନଜର ରଖିଥିଲେ। ଉକ୍ତ କାର୍‌ଟ ପିତାମାହୁଲ ରୋଡ୍‌ରେ ଏକ ନମ୍ବର ବିହୀନ ପିକ୍‌ଅପ୍ ଭ୍ୟାନ ନିକଟରେ ଅଟକିଯିବା ପରେ ଏସ୍‌ଟିଏଫ୍ ଟିମ ଚାରପଟୁ ଘେରାଉ କରି ପ୍ରଥମେ ୪ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ପିକଅପ ଭ୍ୟାନକୁ ଯାଞ୍ଚ କରିବା ପରେ ସେଥିରୁ ଗଞ୍ଜେଇ, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ଏ ନେଇ ସୁବଳୟା ଥାନାରେ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ୭୦/୨୦ରେ ମାମଲା ରୁଜୁ କରାଯିବା ସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

## କରୋନାରେ ପୁଣି ୬୦ ଆକ୍ରାନ୍ତ

ନୟାଗଡ ଅଫିସ: ନୟାଗଡ଼ ଜିଲାରେ ରବିବାର ପୁଣି ୬୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୮୯୧ରେ ପହଞ୍ଚିଛି। ଏଥିରୁ ୩,୧୭୫ ସୁସ୍ଥ ହୋଇଥିବା ଜଣାପଡିଛି। ସେହିପରି କରୋନା ଆକ୍ରାନ୍ତରେ ୧୬ଜଣଙ୍କ ମୃତ୍ୟୁ ହୋଇଛି। ଫଳରେ ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ବାପାଙ୍କ ଦଶାହରେ ନଦୀରେ ଭାସିଗଲେ ପୁଅ

**କେନ୍ଦ୍ରାପଡା ଅଫିସ, ୧୩।୯:** ବାପାଙ୍କ ଦଶାହ ଶୁଦ୍ଧିକ୍ରିୟା ବେଳେ ୧୭ବର୍ଷର କଲେଜ ପଢୁଆ ପୁଅ ନଦୀରେ ଭାସିଯାଇଛି। ଏପରି ଦୁଃଖଦ ଘଟଣା ଘଟିଛି କେନ୍ଦ୍ରାପଡ଼ା ସହରରେ। ସହରର ମୀରପାଟଣାର ପରିକ୍ଷିତ ଦାସଙ୍କର ରବିବାର ଦଶାହ ଶୁଦ୍ଧିକ୍ରିୟା ନିକଟସ୍ଥ ଗୋବରୀ ନଦୀକୂଳରେ ହେଉଥିଲା। ନିକିରାଇ କଲେଜରେ ପଢୁଥିବା ତାଙ୍କ ପୁଅ ଅଙ୍କିତ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନଦୀ ସ୍ରୋତରେ ଭାସି ଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହ ଦମକଲବାହିନୀ ଖୋଜାଖୋଜି ଜାରି ରଖିଥିଲେ ସୁଦ୍ଧା ରିପୋର୍ଟ ଲେଖା ପର୍ଯ୍ୟନ୍ତ ତାଙ୍କ ସନ୍ଧାନ ମିଳିପାରିନାହିଁ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଧର୍ମଶାଳା, ୧୩।୯ (ଡି.ଏନ୍.ଏ.):** ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବ୍ରହ୍ମବରଦା ପଞ୍ଚାୟତର ଜଣେ ଯୁବକ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ୩୭୨/୨୦ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୭ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

**ବାଲିକୁଦା, ୧୩।୯(ସ୍ୱ.ପ୍ର.):** ଜଗତସିଂହପୁର ସ୍ପେସାଲ ସ୍କ୍ୱାଡ୍ ଶନିବାର ରାତିରେ ଜଣେ ଗଞ୍ଜେଇ ବେପାରୀଙ୍କୁ କାବୁ କରିବା ସହ ତାଙ୍କଠାରୁ ୭ କିଲୋ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜାଣି ସ୍କ୍ୱାଡ୍ ତାଙ୍କୁ ପିଛା କରି ଡେଙ୍ଗାପୋଲ-ନାଉଗାଁ ରାସ୍ତାରେ ଧରିଥିଲା। ପରେ ବାଲିକୁଦା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ବାଲିକୁଦା ପୋଲିସ ପହଞ୍ଚି ଗଞ୍ଜେଇ ସମେତ ଏକ ବାଇକ୍ ଓ ସମ୍ପୃକ୍ତ ବେପାରୀଙ୍କୁ ଥାନାକୁ ଆଣିଥିଲା। ସମ୍ପୃକ୍ତ ଚୋରା ବେପାରୀ ହେଲେ ବାଲିକୁଦା ଥାନା ତିତିରା ପଞ୍ଚାୟତ ତିତିରା ଗାଁର ରାଜେଶ ମହାନ୍ତି(୩୨)। (ନଂ-୨୧୭)ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

### ସୋଲପଟା କଣ୍ଟେନମେଣ୍ଟ ଜୋନ୍

**ନୟାଗଡ ଅଫିସ, ୧୩।୯:** ଓଡ଼ଗାଁ ବ୍ଲକ ସୋଲପଟା ପଞ୍ଚାୟତର ସୋଲପଟା ଗାଁକୁ ୬ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଏଠାରେ ୧୨ ତାରିଖ ସନ୍ଧ୍ୟା ୭ଟାରୁ ୧୮ ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କଟକଣା ଲାଗୁ ହେବବୋଲି ଓଡଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର ସୂଚନା ଦେଇଛନ୍ତି।

### ନିଯୁକ୍ତି ପାଇଲେ ୮୬ ପ୍ରଧାନଶିକ୍ଷକ

**ନୟାଗଡ ଅଫିସ, ୧୩।୯:** ନୟାଗଡ଼ ଜିଲା ପ୍ରମୋସନ କମିଟିର ସୁପାରିସ ଅନୁସାରେ କନିଷ୍ଠ ଶିକ୍ଷକ ସେବାରୁ ବରିଷ୍ଠ ଶିକ୍ଷକ ସେବାକୁ ଜିଲାର ୮୬ ଜଣଙ୍କୁ ପଦୋନ୍ନତି ଦିଆଯାଇ ପ୍ରଧାନଶିକ୍ଷକଭାବେ ଅବସ୍ଥାପିତ କରାଯାଇଛି। ଏହି ପ୍ରଧାନଶିକ୍ଷକମାନେ ଆସନ୍ତା ୧୮ ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ରହିଛି। ଏନେଇ ସେକେଣ୍ଡାରୀ ଏଜୁକେଶନ ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୧୯୦୭୦/୧୧।୯।୨୦୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଏକ ସପ୍ତାହ ଦଶପଲ୍ଲା ବଜାର ବନ୍ଦ

**ନୟାଗଡ ଅଫିସ/ଦଶପଲ୍ଲା, ୧୩।୯ (ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ସହରର ଦୋକାନ ବଜାର ଏକ ସପ୍ତାହ ଧରି ବନ୍ଦ ରହିବ। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପରେ ମହାବୀର ବଣିକ ମହାସଂଘ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ବଣିକ ମହାସଂଘ ସହ ସମ୍ପାଦକ ସନ୍ତୋଷ ପଣ୍ଡା ଓ କାର୍ଯ୍ୟକାରୀ ସଭାପତି ତାରାକାନ୍ତ ସାହୁଙ୍କ ସୂଚନା ଅନୁସାରେ, କରୋନା ସଂକ୍ରମଣକୁ ଆଖି ଆଗରେ ରଖି ଦଶପଲ୍ଲା ସହରରେ ଦୋକାନ ବଜାର ଆସନ୍ତା ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ସେହିପରି ୨୨ ତାରିଖରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ। ତେବେ ମେଡିସିନ୍ ଷ୍ଟୋର, ଗ୍ୟାସ ଓ ପେଟ୍ରୋଲ ପମ୍ପ ଖୋଲା ରହିବ। ୧୧ ତାରିଖରେ ଅନୁଷ୍ଠିତ ବୈଠକର ଆଲୋଚନା ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି।

# ବାଲିବସ୍ତାରେ ପୋତା ହେଉଛି ଘାଇ

**କେନ୍ଦ୍ରାପଡା ଅଫିସ/ଡେରାବିଶ (ସ୍ୱ.ପ୍ର,), ୧୩।୯**

## ବେଣୀପୁର ଘାଇ ମରାମତିରେ ଅନିୟମିତତା


ବନ୍ୟାରେ ସୃଷ୍ଟି ହୋଇଥିବା ବେଣୀପୁର ଘାଇ। (ଫାଇଲ୍ ଫଟୋ)

- ପ୍ରକଳ୍ପ ଅନୁଦାନ ସମ୍ପର୍କରେ ନାହିଁ ସୂଚନାଫଳକ
- ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

କେନ୍ଦ୍ରାପଡା ଜଳସମ୍ପଦ ବିଭାଗ ଅଧୀନ ଡେରାବିଶ ବ୍ଲକ ବେଣୀପୁରଠାରେ ବିରୂପା ନଦୀ ଘେରିବନ୍ଧ ଗତ ବନ୍ୟାରେ ଭାଙ୍ଗିଯାଇଛି। ପ୍ରାୟ ୧୦୦ଫୁଟର ଏହି ଘାଇ ବିଭାଗ ପକ୍ଷରୁ ମରାମତି ଆରମ୍ଭ ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହେଉଥିବା ଆଲୋଚନା ହେବା ସହ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଜଳସମ୍ପଦ ବିଭାଗ ସଚିବ, ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଏକ ଅଭିଯୋଗ ପତ୍ର ଶନିବାର ଇମେଲ ଯୋଗେ ପଠାଇଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବାନାମ୍ବର ସାହୁ ସୂଚନା ଦେଇଛନ୍ତି, ଘାଇ ମରାମତିରେ ବାଲିବସ୍ତା ପକାଯାଉଛି। ମରାମତି ପାଇଁ ହେଉଥିବା ଖର୍ଚ୍ଚ ସମ୍ପର୍କରେ କୌଣସି ସୂଚନାଫଳକ ଲଗାଯାଇନାହିଁ। ଘାଇ ମରାମତିରେ ଅନିୟମିତତା ହେଉଥିବାରୁ ଆସନ୍ତାବର୍ଷ ପୁଣି ବନ୍ୟା ହେବା ଆଶଙ୍କା ଦେଖାଦେଇଛି। ଫଳରେ ପ୍ରାୟ ୭୦୦ ପରିବାରଙ୍କ ଜୀବନ ବିପଦାପୂର୍ଣ୍ଣ ଅଛି। ତୁରନ୍ତ ଏହି କାର୍ଯ୍ୟର ତଦନ୍ତ କରାଯାଇ ନଦୀବନ୍ଧକୁ ସୁଦୃଢ଼ କରାଯାଉ ବୋଲି ସେ ପ୍ରକାଶ କରିଛନ୍ତି।

ବୁଦ୍ଧିଜୀବୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି ଯେ, ୪୫ ବର୍ଷ ଧରି ଏହି ଘେରିବନ୍ଧରେ କୌଣସି ମରାମତି କାର୍ଯ୍ୟ ହୋଇ ନ ଥିବା ବେଳେ ଘାଇ ହୋଇ ନ ଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ସ୍ଥାନରେ ୧.୪ କୋଟି ଟଙ୍କା ମାଟି କାର୍ଯ୍ୟ ଓ ୪.୫ କୋଟି ଟଙ୍କାର ପଥର କାମ ହୋଇଥିଲା। ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମାତ୍ର ୬ ମାସ ମଧ୍ୟରେ ବନ୍ୟାପାଣି ଆସିବାରୁ ଘାଇ ସୃଷ୍ଟି ହୋଇଛି। ନଦୀବନ୍ଧ ସୁଦୃଢ଼ୀକରଣ ବଦଳରେ ଠିକାଦାର ଦୁର୍ବଳ କରି ଦେଇଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏବେ ମରାମତି କାର୍ଯ୍ୟ ସମ୍ପୃକ୍ତ ଠିକାଦାରଙ୍କୁ ଦିଆଯାଇଥିବା ବେଳେ ମରାମତି ଆରମ୍ଭରୁ ଅନିୟମିତତା କରାଯାଉଥିବାରୁ ତୁରନ୍ତ ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ଏ ନେଇ ଜିଲା ଜଳସମ୍ପଦ ବିଭାଗକୁ ସୂଚନା ଦିଆ ଯାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସ୍ୱାଇଁ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି ଯେ, ପୂର୍ବରୁ ଏହି ସ୍ଥାନରେ ମରାମତି କାର୍ଯ୍ୟ ଓସିସି କରିଥିଲା। ଘାଇ ମରାମତି ଦାୟିତ୍ୱ ସେହି କମ୍ପାନୀଙ୍କୁ ଦିଆଯାଇଛି। ଅନିୟମିତତା ଅଭିଯୋଗକୁ ନେଇ ବିଭାଗୀୟ ତଦନ୍ତ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଅସହାୟ ବୃଦ୍ଧଙ୍କ ନିକଟରେ ପହଞ୍ଚିଲା ଡାକ୍ତରୀ ଟିମ୍

**ଖଣ୍ଡପଡ଼ା, ୧୩।୯(ସ୍ୱ.ପ୍ର.)**

୪ ବର୍ଷ ହେଲା ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାସାୟୀ ଥିବା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ୭ନଂ ୱାର୍ଡ ବାଉରୀସୁବୁଦ୍ଧିପାଟଣା ଗ୍ରାମର ଅସହାୟ ତଥା ନିଃସନ୍ତାନ ବ୍ୟକ୍ତି ଦୁର୍ଯ୍ୟୋଧନ ନାୟକ(୭୧)ଙ୍କ ସମ୍ପର୍କରେ ଅଗଷ୍ଟ ୨୬ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ନୟାଗଡ ଜିଲାପାଳ ଡ. ପୋମା ଟୁଡୁଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟର ମ୍ୟାଲେରିଆ ଅଧିକାରୀ ଡା. ତାରକ ପ୍ରସନ୍ନ ତ୍ରିପାଠୀ, ସହଯୋଗୀ ବାଳକୃଷ୍ଣ ଦାଶ ଓ ମାନସ ସାହୁ ପ୍ରମୁଖ ଦୁର୍ଯ୍ୟୋଧନଙ୍କ ନିକଟରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଡା. ତ୍ରିପାଠୀ କହିଛନ୍ତି, ଦୁର୍ଯ୍ୟୋଧନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର। ତାଙ୍କ ପାଇଁ ଉଚ୍ଚତର ଚିକିତ୍ସା ଜରୁରୀ ହୋଇପଡିଛି। ତାଙ୍କୁ ଆବଶ୍ୟକ ଔଷଧ ମେଡିକାଲରୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି। ଜିଲା ପ୍ରଶାସନ ତାଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ରିପୋର୍ଟ ଦିଆଯାଇଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଦୁର୍ଯ୍ୟୋଧନଙ୍କ ଅବସ୍ଥା ଦେଖିଯିବା ପରେ ତାଙ୍କ ମନରେ ସୁସ୍ଥ ହେବାର ଆଶା ସଂଚାର ହୋଇଛି। ପୁନଶ୍ଚ କିଛି କର୍ମ କରି ନିଜର ତେଲଲୁଣ ସଂସାରକୁ ଆଗକୁ ବଢ଼ାଇପାରିବି ବୋଲି ଦୁର୍ଯ୍ୟୋଧନ ପ୍ରକାଶ କରିଛନ୍ତି।

# କିସମ ନ ବଦଳିବା ଯାଏ ହେବନି ନିର୍ମାଣ କାର୍ଯ୍ୟ

## ମଣିକୁଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଏନ୍‌ଜିଟି ଝଟକା

**କେନ୍ଦ୍ରାପଡା ଅଫିସ, ୧୩।୯**

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ତହସିଲ ଅଧୀନ ମଣିକୁଣ୍ଡାଠାରେ ବସୁଧା ଯୋଜନାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ପୁଣି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)। ଜମିର କିସମ ପରିବର୍ତ୍ତନ କରା ନ ଯିବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ହେବ ନାହିଁ ଓ ଗ୍ରାମ୍ୟ ଜଙ୍ଗଲ ଜମିକୁ କ୍ଷତି କରିଥିବାରୁ କ୍ଷତିପୂରଣ ବାବଦ ଅର୍ଥ କେତେ ଆକଳନ ହେବ କେନ୍ଦ୍ରୀୟ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସ୍ଥିର କରିବ ବୋଲି ଗତ ୮ ତାରିଖରେ ଏନ୍‌ଜିଟି ପକ୍ଷରୁ କୁହାଯାଇଛି। ମଣିକୁଣ୍ଡାଠାରେ ନିର୍ମାଣାଧୀନ ଏହି ପାନୀୟ ଜଳ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ନଭେମ୍ବର ୮ ତାରିଖରେ ଶିଳାନ୍ୟାସ କରିଥିଲେ। ଏଲ୍‌ଆଣ୍ଡଟି ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଛି। ତେବେ, ପ୍ରକଳ୍ପଟି ଗ୍ରାମ୍ୟ ଜଙ୍ଗଲ ଜମିରେ ନିର୍ମାଣ ହେଉଥିବାରୁ ସାମାଜିକ କର୍ମୀ ଆଳୟ ସାମନ୍ତରାୟ, ସମ୍ପଦ ସ୍ୱାଇଁ ଏନ୍‌ଜିଟିରେ ୨୦୧୭ ମସିହାରେ ଅଭିଯୋଗ କରିଥିଲେ। ଏନ୍‌ଜିଟି ପକ୍ଷରୁ ଏ ସମ୍ପର୍କରେ ତଦନ୍ତ କମିଟି ଗଠନ କରାଯାଇ ଠିକାସଂସ୍ଥା ଉପରେ ୫୦ ହଜାର ଟଙ୍କା ଜରିମାନା କରାଯାଇଛି।

# ଦିଗାମ୍ବର ହତ୍ୟାକାଣ୍ଡ: ଭାଇ, ପୁତୁରା ଗିରଫ

**ବରୀ, ୧୩।୯ (ଡି.ଏନ୍.ଏ.)**

ବରୀ ବ୍ଲକ ବାଲିବିଲି ଗ୍ରାମର ଏକାଦୁଶୀ ମଳିକଙ୍କ ସାନପୁଅ ଦିଗାମ୍ବରଙ୍କୁ ସାମାନ୍ୟ ଘରୋଇ କଳିରୁ ହତ୍ୟା ଘଟଣାରେ ପୋଲିସ ରବିବାର ତାଙ୍କ ବଡ଼ଭାଇ ଓ ପୁତୁରାଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଗାମ୍ବରଙ୍କ ବଡ଼ ଭାଇ ହୃଷୀକେଶ ଓ ତାଙ୍କ ପୁଅ ପ୍ରଶାନ୍ତ। ସାମାନ୍ୟ ଘରୋଇ କଳିରୁ ହୃଷୀକେଶ ଓ ପ୍ରଶାନ୍ତ ଏକ ଠେଙ୍ଗାରେ ଦିଗାମ୍ବରଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିଗାମ୍ବରଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଦିଗାମ୍ବରଙ୍କ ସ୍ତ୍ରୀ ରିମା ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଥିଲା।

# ୧୦୮ କରୋନା ପଜିଟିଭ୍ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ, ୧୩।୯**

ଜଗତ୍‌ସିଂହପୁର ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। ରବିବାର ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ୧୦୮ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ପଜିଟିଭ୍ ସଂଖ୍ୟା ୨,୯୯୦ରେ ପହଞ୍ଚିଛି। ନୂଆ ପଜିଟିଭ୍‌ଙ୍କ ମଧ୍ୟରୁ ତିର୍ତ୍ତୋଲ ବ୍ଲକ ଅଞ୍ଚଳରୁ ୨୧, ଜଗତ୍‌ସିଂହପୁର ୧୬, କୁଜଙ୍ଗ ୧୩, ବିରିଡ଼ି ୧୧, ବାଲିକୁଦା ୧୦, ରଘୁନାଥପୁର ୮, ଏରସମା ୩, ନାଉଗାଁ ୨, ପାରାଦୀପ ୧୨, ଜଗତ୍‌ସିଂହପୁର ପୌର ପରିଷଦ ୧୧ ଓ ଅନ୍ୟ ଜିଲାର ୩ ଜଣ ଚିହ୍ନଟ ହୋଇଛନ୍ତି। ୧୨ ତାରିଖରେ ୧୦୦, ୧୧ରେ ୧୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ।

# ୩ ଦିନରେ ୫୪ ଆକ୍ରାନ୍ତ, ଜଣେ ମୃତ

**ଡେରାବିଶ, ୧୩।୯ (ସ୍ୱ.ପ୍ର.)**

## ଡେରାବିଶ ବ୍ଲକ

ଡେରାବିଶ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରବିବାର ବ୍ଲକର ବିଭିନ୍ନ ସ୍ଥାନରୁ ୨୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଗତ ୩ ଦିନ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୫୪ରେ ପହଞ୍ଚିଛି। ଏହାସହ ଜଣଙ୍କର ମୃତ୍ୟୁ ଘଟିଛି। ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ସର୍ବାଧିକ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଗୋଲରାହାଟ ପଞ୍ଚାୟତରେ ୪ ଏବଂ ପଲେଇ, ବାଲିଆ, କାଉପଡ଼ା, କୁରୁଜଙ୍ଗା ଓ ଯଅଁରାବାରିମୂଳରୁ ଜଣେ ଲେଖାଏ ଆକ୍ରାନ୍ତ ହୋଇଛନ୍ତି। ଶନିବାର ଉକ୍ତ ବ୍ଲକ ଅଞ୍ଚଳରୁ ୨୧ ଜଣ ଚିହ୍ନଟ ହୋଇଥିବା ବେଳେ ଶୁକ୍ରବାର ୧୧ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ ବୋଲି ବିଡିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି। ଏଥିସହିତ ଗୋଲରାହାଟ ପଞ୍ଚାୟତର ଜଣେ ୪୫ ବର୍ଷୀୟ ଯୁବକ ଶନିବାର କରୋନାରେ ପ୍ରାଣ ହରାଇଥିବା ସୂଚନା ମିଳିଛି।

# ନ୍ୟାୟ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ



ହଂସୁଆ ସେତୁ ନିକଟରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

**ରାଜନଗର, ୧୩।୯ (ଡି.ଏନ୍.ଏ.)**

## ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା ଅଭିଯୋଗ

ଯୋଜନାବଦ୍ଧ ଭାବେ ୨୦ ବର୍ଷୀୟ ଯୁବକଙ୍କୁ ରାଜନଗର ପେଣ୍ଠ ବେଳାଭୂମିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବକଙ୍କ ମା' ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୩୧/୨୦୨୦) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ରବିବାର ଗ୍ରାମବାସୀ ହଂସୁଆ ସେତୁ ନିକଟରେ ରାସ୍ତାରୋକୋ କରିଥିଲେ।

ପ୍ରକାଶ ଯେ, ରାଜଗଡ ଗ୍ରାମର ନୀଳକାନ୍ତ ବେହେରାଙ୍କ ପୁଅ ସୁଧାଂଶୁ (୨୦)ଙ୍କୁ ରାଜନଗର ଗାଁର ଘନଶ୍ୟାମ ପାଣିଙ୍କ ପୁଅ ରାଜକିଶୋର ଶନିବାର ତ୍ରିନାଥ ବଜାରକୁ ଡାକିଥିଲେ। ସେଠାରୁ ଏକ ଦୋକାନରୁ ବିରିୟାନି କିଣିବା ପରେ ଥଣ୍ଡା ପିଇଥିଲେ। ଏହି ସମୟରେ ରାଜଗଡ଼ର ପ୍ରଶାନ୍ତ କୁମାର ସାହୁ ଷ୍ଟେଟବ୍ୟାଙ୍କ ଛକରେ ସୁଧାଂଶୁଙ୍କୁ ଦେଖି ଘରକୁ ଯିବାକୁ ଡାକିବାରୁ ସେ ପେଣ୍ଠକୁ ଯିବେ ବୋଲି ରାଜକିଶୋର କହିଥିଲେ। ଏହାର କିଛି ସମୟ ପରେ ସୁଧାଂଶୁ ତାଙ୍କ ସାଙ୍ଗ କାହ୍ନୁଚରଣ ବେହେରାଙ୍କୁ ଫୋନ୍ କରି ତାଙ୍କୁ ମେଡିକାଲ ନେବାକୁ କହିଥିଲେ। ମେଡିକାଲ ନ ନେଲେ ସେ ମରିଯିବେ ବୋଲି ଫୋନ୍‌ରେ କହିଥିଲେ। ଏହାପରେ ସୁଧାଂଶୁଙ୍କର ମୃତ୍ୟୁ ହୋଇଥିଲା। ତେବେ ରାଜକିଶୋର ତାଙ୍କୁ ଯୋଜନାବଦ୍ଧ ଭାବେ ବିଷ ଦେଇ ମାରିଦେଇଥିବା ଅଭିଯୋଗ କରି ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ତେବେ ତଦନ୍ତ ପରିସରକୁ ଯେଉଁମାନେ ଆସିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ତପନ କୁମାର ନାୟକ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଥାଉ କି, ସୁଧାଂଶୁ ପୂର୍ବରୁ ରାଜନଗର ଗ୍ରାମର ଘନଶ୍ୟାମଙ୍କ ଟ୍ରାକ୍ଟର ଚଳାଉଥିଲେ। କିନ୍ତୁ ସେ ଠିକ୍ ଭାବେ ଟଙ୍କା ନ ଦେବାରୁ ସୁଧାଂଶୁ ଅନ୍ୟତ୍ର ଗାଡ଼ି ଚଳାଉଥିଲେ। ଏହାକୁ ଦେଇ ରାଜକିଶୋର ଓ ତାଙ୍କ ଭାଇ ବାବୁଲି ଅନେକ ସମୟରେ ସୁଧାଂଶୁଙ୍କ ଘରକୁ ଯାଇ ମାରିଦେବାକୁ ଧମକ ଦେଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି।

# ଉପନିର୍ବାଚନ ପାଇଁ କଂଗ୍ରେସର ପ୍ରସ୍ତୁତି

**ବାଲିଆ, ୧୩।୯**

ନଭେମ୍ବର ୨୯ ମଧ୍ୟରେ ତିର୍ତ୍ତୋଲ ଉପନିର୍ବାଚନ ହେବ। ଏଥିପାଇଁ ବିରିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ଯୁବନେତା ଦେବୀପ୍ରସାଦ ତ୍ରିପାଠୀଙ୍କ ଆହ୍ୱାନରେ ରବିବାର ଅନୁଷ୍ଠିତ ଦଳର ସାଂଗଠନିକ ବୈଠକରେ ବରିଷ୍ଠ କଂଗ୍ରେସ ନେତା ଲିଙ୍ଗରାଜ ମଲ୍ଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିରିଡି ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ସରପଞ୍ଚ ଅଶୋକ ଜେନା, ରେଣୁବାଳା ପାଳ, ସୁଦର୍ଶନ ମହାରଣା, ସୁନୀଲ ଦାସ, ସୁନିତା ନାୟକ ଓ ଅନ୍ୟମାନେ ଯୋଗଦେଇ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଶପଥ ନେଇଥିଲେ। ତେବେ ବୈଠକରେ ଶୀଘ୍ର ପ୍ରାର୍ଥୀ ଘୋଷଣା କରିବାକୁ ଦଳର ଉଚ୍ଚପଦାଧିକାରୀଙ୍କ ନିକଟରେ ଦାବି ହୋଇଥିଲା।

# ମା' ସିଦ୍ଧିଦାତ୍ରୀଙ୍କ ବୈଷ୍ଣବୀ ବେଶ

**ନାଉଗାଁ, ୧୩।୯(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ବ୍ଲକ ସରାପ୍ୟୋସ୍ଥିତ ମା' ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହେଉଛି। ରବିବାର ୪ର୍ଥ ଦିବସରେ ମା'ଙ୍କୁ ବୈଷ୍ଣବୀ ବେଶରେ ସୁସଜ୍ଜିତ କରାଯାଇଥିଲା। ପ୍ରତ୍ୟେହ ପାର୍ବଣ ଅବସରରେ ପଣ୍ଡିତଙ୍କ ଦ୍ୱାରା ଷୋଡଶ ଉପଚାର ପୂଜା କରାଯାଉଛି। କାର୍ଯ୍ୟକ୍ରମକୁ ପୀଠାଧିଶ ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ପରିଚାଳନା କରୁଥିବା ବେଳେ ସମ୍ପାଦକ ଅକ୍ଷୟ ମିଶ୍ର ଓ ଅନ୍ୟ ଆଶ୍ରମବାସୀ ସହଯୋଗ କରୁଛନ୍ତି।



# ମଦ ପିଇବାକୁ ନେଇ ଗଣ୍ଡଗୋଳ

**ବାଲିକୁଦା, ୧୩।୯(ସ୍ୱ.ପ୍ର.)**

ମଦପିଇବାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ଦୁଇ ଭାଇଙ୍କ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଅନନ୍ତପୁର ଫାଣ୍ଡି ଅଧୀନ କୁଷ୍ଟପୁର ପଞ୍ଚାୟତ ଖଡିକାଦଣ୍ଡା ଗାଁରେ। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ସାନଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବଡ଼ ଭାଇ ଗାଁରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଗିରଫ ନ କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଘଟଣାରେ ବାଲିକୁଦା ଥାନାରେ (ନଂ-୨୧୩/୨୦)ରେ ମାମଲା ରୁଜୁ କରାଯାଇଛି।

ସୂଚନା ମୁତାବକ, ଗାଁର ସମୀର ପ୍ରଧାନ, ଜଟାଧାରୀ ସ୍ୱାଇଁ (୩୫) ଓ ଅନ୍ୟ ଜଣେ ମଦ ପିଇଥିଲେ। ନିଶାହେବା ପରେ ସମୀର ଜଟାଧାରୀଙ୍କ ମୋବାଇଲ ନେଇ ଯାଇଥିଲେ। ମୋବାଇଲ ଫେରାଇବା ପାଇଁ ଜଟାଧାରୀ ସମୀରଙ୍କୁ ଅନୁରୋଧ କରିଥିଲେ। ମାତ୍ର ସେ ଫେରାଇ ନ ଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ସମୀର ଜଟାଧାରୀଙ୍କୁ ଆକ୍ରମଣ କରିଥିଲା। ପରେ ସମୀରଙ୍କ ବଡ଼ଭାଇ ରୋହିତ ଆସି ଜଟାଧାରୀଙ୍କୁ ମାଡ ମାରିଥିଲେ। ଦୁଇ ଭାଇ ଜଟାଧାରୀଙ୍କୁ କାଠ ଫାଳିଆରେ ପିଟିଥିଲେ। ଜଟାଧାରୀ ଗୁରୁତର ହେବାରୁ ତାଙ୍କୁ ମେଡିକାଲ ନିଆ ଯାଇଥିଲା। ବାଲିକୁଦା ପୋଲିସ ସମୀରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ରୋହିତଙ୍କୁ ଗିରଫ କରା ନ ଯିବା ପ୍ରସଙ୍ଗରେ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

# ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

**ନୟାଗଡ ଅଫିସ, ୧୩।୯**

## ଡିଏଫଓଙ୍କ କ୍ୱାର୍ଟର ମରାମତି, ରେଞ୍ଜରଙ୍କ ପୁରୁଣା କାର୍ଯ୍ୟାଳୟ ସଫେଇରେ ଅର୍ଥ ଅପବ୍ୟୟ ଅଭିଯୋଗ

ନୟାଗଡ଼ ଡିଏଫଓଙ୍କ କ୍ୱାର୍ଟର ମରାମତି ଓ ନୟାଗଡ଼ ରେଞ୍ଜରଙ୍କ ପୁରୁଣା କାର୍ଯ୍ୟାଳୟ ସଫେଇରେ ଅର୍ଥ ଅପବ୍ୟୟ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ସରକାରୀ ଅନୁଦାନ ଖର୍ଚ୍ଚର ଠିକ୍ ସମୀକ୍ଷା ହେଉ ନ ଥିବାରୁ ଅପବ୍ୟୟକୁ ରୋକା ଯାଇ ପାରୁନି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜଳନ୍ଧର ଜେନା ନାମକ ସାମାଜିକ କର୍ମୀ ଏହି ଅଭିଯୋଗ ଆଣି ତଦନ୍ତ ପାଇଁ ନିବେଦନ କରିଛନ୍ତି।

ସୂଚନା ଅଧିକାରରେ ମିଳିଥିବା ତଥ୍ୟ ଅନୁସାରେ ଡିଏଫଓଙ୍କ କ୍ୱାର୍ଟର ମରାମତି ଓ ନୂଆଘର ପାଇଁ ୧।୨।୨୦୧୩ରୁ ୩୧।୧୨।୨୦୧୯ ମଧ୍ୟରେ ୧୯ ଲକ୍ଷ ୬୫ ହଜାର ୯୫୪ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ପୁରୁଣା ନୟାଗଡ ରେଞ୍ଜର କାର୍ଯ୍ୟାଳୟ ସଫେଇ ପାଇଁ ୬ ଲକ୍ଷ ୪୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏନେଇ ସାମାଜିକ କର୍ମୀ ଜେନା କୁହନ୍ତି, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ କ୍ୱାର୍ଟର ମରାମତିରେ ଅର୍ଥ ଅପବ୍ୟୟ ହେଉଛି। ହେଲେ ଏହାକୁ ରୋକା ଯାଇ ପାରୁନି। ସ୍ୱଳ୍ପ କାମ କରାଯାଇ ଅଧିକ ଟଙ୍କାର ବିଲ୍ କରାଯାଉଛି। ଯାହାର ନଜିର ନୟାଗଡ଼ ଡିଏଫଓଙ୍କ କ୍ୱାର୍ଟର ମରାମତି ଓ ନୟାଗଡ ରେଞ୍ଜରଙ୍କ ପୁରୁଣା କାର୍ଯ୍ୟାଳୟ ସଫେଇକୁ ଦେଖିଲେ ଜଣାପଡ଼େ। ନୟାଗଡ ଡିଏଫଓଙ୍କ କ୍ୱାର୍ଟର ମରାମତିରେ ଖର୍ଚ୍ଚ ହୋଇଥିବା ଟଙ୍କାରେ ନୂଆ ଘର ହୋଇ ପାରିଥାନ୍ତା। ଅନ୍ୟପକ୍ଷେ ନୟାଗଡ ରେଞ୍ଜରଙ୍କର ପୁରୁଣା କାର୍ଯ୍ୟାଳୟକୁ ଦୁର୍ବୃତ୍ତ ଭାଙ୍ଗି ଉପକରଣ ଲୁଟି ନେଇଥିଲେ। ପରେ ଅବଶିଷ୍ଟ ଅଂଶକୁ ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ଜେସବି ଲଗାଇ ସଫେଇ କରାଯାଇଥିଲା। ଏଭଳିସ୍ଥଳେ ୬ ଲକ୍ଷ ୪୮ ହଜାର ଟଙ୍କା ଖର୍ଚ୍ଚର ହିସାବ ସନ୍ଦେହ ସୃଷ୍ଟି କରିଛି। ଯାହାକି ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ସୂଚନା ଅଧିକାରରେ ନୟାଗଡ ରେଞ୍ଜର ସୁଶାନ୍ତ ସ୍ୱାଇଁ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ସେଥିରେ ଅପବ୍ୟୟର ଗନ୍ଧ ଆସୁଛି। ଏ ସମ୍ପର୍କରେ ରେଞ୍ଜର ସ୍ୱାଇଁ କୁହନ୍ତି, ରେଞ୍ଜରଙ୍କ ପୁରୁଣା କାର୍ଯ୍ୟାଳୟ ସଫେଇ ଓ ଡିଏଫଓଙ୍କ କ୍ୱାର୍ଟର ମରାମତିରେ ଅର୍ଥ ଅପବ୍ୟୟ ହୋଇନାହିଁ। ଯାହା କିଛି ହୋଇଛି ସରକାରୀ ନିୟମ ମୁତାବକ ହୋଇଛି।

# ଓସାକାଙ୍କୁ ତୃତୀୟ ଗ୍ରାଣ୍ଡସ୍ଲାମ

## ୟୁଏସ୍ ଓପନ୍ ଟେନିସ୍

ନ୍ୟୁୟର୍କ, ୧୩।୯ (ଏପି)

ଜାପାନର ନାଓମି ଓସାକା ଏଥର ୟୁଏସ୍ ଓପନ୍ ଟେନିସ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଶନିବାର ସ୍ଥାନୀୟ ଆର୍ଥର ଆସ୍‌ଲେ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ୨୨ ବର୍ଷୀୟା ଓସାକା ୧-୬, ୬-୩, ୬-୩ ସେଟ୍‌ରେ ଅଣସିଡ୍ ବେଲରୁଷର ଅଭିଜ୍ଞ ତାରକା ଭିକ୍ଟୋରିଆ ଆଜାରେଙ୍କାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଏଥି ସହିତ ସେ କ୍ୟାରିୟରର ଦ୍ୱିତୀୟ ୟୁଏସ୍ ଓପନ୍ ଟାଇଟଲ ଜିତିଛନ୍ତି। ପୁଣି ପ୍ରଥମ ଏସୀୟ ପାଖାପାଖି ୨୨ କୋଟି ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ହାସଲ କରିଛନ୍ତି।

ଫାଇନାଲ ମୁକାବିଲାରେ ଚତୁର୍ଥ ସିଡ୍ ଓସାକା ଏକ ଘଣ୍ଟା ୫୩ ମିନିଟ୍‌ରେ ବିଜୟ ହାସଲ କରିଥିଲେ। ତେବେ ସେ ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ। ଏହା ପରେ ସେ ଦମ୍‌ଦାର ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଥିଲେ ଓ ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇ ବାଜି ମାରିଥିଲେ। ପ୍ରଥମ ସେଟ୍‌ରେ ବଡ଼



ସାତଟି ମ୍ୟାଚରେ ଭିନ୍ନଭିନ୍ନ ମାସ୍କ ପରିଧାନ କରିଥିଲେ ଟ୍ରଫି ବିଜୟିନୀ ଓସାକା।

ଖେଳାଳି ଭାବେ ସେ ତୃତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ କରିଛନ୍ତି। ଏହାପୂର୍ବରୁ ସେ ୨୦୧୮ ୟୁଏସ୍ ଓପନ୍ ଓ ୨୦୧୯ରେ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ଜିତିଥିଲେ। ଏଥିସହ ଓସାକା ୩୦ ଲକ୍ଷ ଆମେରିକୀୟ ଡଲାର ଅର୍ଥାତ ବ୍ୟବଧାନରେ ବିଜୟୀ ହୋଇଥିଲେ ମଧ୍ୟ ୩୧ ବର୍ଷୀୟା ଆଜାରେଙ୍କା ଏହି ପ୍ରଦର୍ଶନକୁ ବଜାୟ ରଖିପାରି ନ ଥିଲେ। ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ୟୁଏସ୍ ଓପନ୍ ଫାଇନାଲ ଜିତିବା ଘଟଣା ୨୫ ବର୍ଷ ତଳେ ଦେଖିବାକୁ ମିଳିଥିଲା। ୧୯୯୪ରେ ଷ୍ଟେଫି ଗ୍ରାଫ୍‌ଙ୍କ ବିପକ୍ଷରେ ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଆରାନସ୍କା ସାଞ୍ଚେଜ୍ ଭିକାରିଓ ୟୁଏସ୍ ଓପନ୍ ଟାଇଟଲ ଜିତିଥିଲେ।

## ବ୍ରାଏଣ୍ଟଙ୍କ ବିଚାର ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ଚାହାନ୍ତି ଓସାକା


ନ୍ୟୁୟର୍କ, ୧୩।୯ (ପି.ଟି.)

ୟୁଏସ୍ ଓପନ୍ ଚାମ୍ପିୟନ ଜାପାନର ନାଓମି ଓସାକା ଆମେରିକା ତଥା ସାରା ବିଶ୍ୱରେ ଥିବା ବର୍ଣ୍ଣବୈଷମ୍ୟବାଦ ବିରୋଧରେ ଏକ ପ୍ରକାର ଯୁଦ୍ଧ ଘୋଷଣା କରିଛନ୍ତି। ଆମେରିକାରେ ଚାଲିଥିବା କୃଷ୍ଣକାୟ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର ବିରୋଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି। ଏଥିପାଇଁ ସେ ୟୁଏସ୍ ଓପନ୍ ଟୁର୍ନାମେଣ୍ଟ ଅବସରରେ ୭ଟି ମ୍ୟାଚ୍ ଖେଳିବା ଅବସରରେ ଭିନ୍ନ ଭିନ୍ନ ମାସ୍କ ପିନ୍ଧିଥିଲେ। ଏହି ମାସ୍କଗୁଡକରେ ୭ଜଣ କୃଷ୍ଣକାୟ ଆମେରିକୀୟ ନାମ ଉଲ୍ଲେଖ ଥିଲା। ଏହି ବ୍ୟକ୍ତିମାନେ ପୂର୍ବରୁ ବର୍ଣ୍ଣବୈଷମ୍ୟଜନିତ ଅତ୍ୟାଚାରର ଶିକାର ହୋଇଥିଲେ। ଏହି ସାମାଜିକ କଳଙ୍କକୁ ରୋକିବା ପାଇଁ ମିଳୁଥିବା ସବୁ ପ୍ରକାର ସୁଯୋଗର ସେ ସଦ୍‌ବ୍ୟବହାର କରିବେ ବୋଲି କହିଛନ୍ତି।

ଫାଇନାଲରେ ଓସାକା ୧୨ ବର୍ଷୀୟ କୃଷ୍ଣକାୟ ବାଳକର ନାମ (ସାମିର ରାଇସ୍) ଲେଖାଥିବା ମାସ୍କ ବ୍ୟବହାର କରିଥିଲେ। ୨୦୧୪ରେ ଓହିଓରେ ଏହି ବାଳକକୁ ପୋଲିସ ଗୁଳିକରି ମାରି ଦେଇଥିଲା। ସେତେବେଳକୁ ଏହି ବାଳକ ଏକ ଖେଳଣା ବନ୍ଧୁକ ଧରିଥିଲା। ସେତେବେଳେ ଏ ନେଇ ବେଶ୍ ଚର୍ଚ୍ଚା ଓ ଆନ୍ଦୋଳନ ସୃଷ୍ଟି ହୋଇଥିଲା।

କିମ୍ବଦନ୍ତୀ ବାସ୍କେଟବଲ୍ ଖେଳାଳି କୋବ୍ ବ୍ରାଏଣ୍ଟଙ୍କୁ ଓସାକା ନିଜର ଆଦର୍ଶ ଭାବେ ବିବେଚନା କରନ୍ତି। ଚଳିତବର୍ଷ ଏକ ହେଲିକ୍ୟାପ୍ଟର ଦୁର୍ଘଟଣାରେ ବ୍ରାଏଣ୍ଟ ମୃତ୍ୟୁବରଣ କରିଥିଲେ। ବ୍ରାଏଣ୍ଟ ମୋ ବିଷୟରେ ଯାହା ଭାବୁଥିଲେ ତାହା କରି ଦେଖାଇବାକୁ ଚାହେଁ ବୋଲି ଓସାକା କହିଛନ୍ତି। ସାରା ଟୁର୍ନାମେଣ୍ଟରେ ସେ କୋବ୍ ବ୍ରାଏଣ୍ଟଙ୍କ ଲେକର୍ସ ଶାର୍ଟ ପିନ୍ଧି ମ୍ୟାଚ ସବୁ ଖେଳିଥିବାର ଦେଖାଯାଇଥିଲା।

ବ୍ରାଏଣ୍ଟଙ୍କ ପରମ୍ପରାକୁ ବଞ୍ଚାଇ ରଖିବାକୁ ଚାହେଁ ବୋଲି ସେ କହିଛନ୍ତି। ତାଙ୍କ ଭଳି ଜଣେ ଲୋକ କିପରି ବହୁତ ଲୋକଙ୍କୁ ପ୍ରେରଣା ଦେଇଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ସେ ଜଣେ ଭଲ ଖେଳାଳି ହେବା ସଙ୍ଗେସଙ୍ଗେ ଭଲ ମଣିଷ ଥିଲେ ବୋଲି ୟୁଏସ୍ ଓପନ୍ ଚାମ୍ପିୟନ ହେବା ପରେ ଓସାକା କହିଛନ୍ତି। ଭବିଷ୍ୟତରେ ଜଣେ ବଡ଼ ଖେଳାଳି ହେବି ବୋଲି ବ୍ରାଏଣ୍ଟ କହୁଥିଲେ। ଆଶା କରୁଛି ଏହା ହେବ। ତେବେ ସମୟ ସବୁକିଛି କହିବ। ୭ଟି ମ୍ୟାଚ୍ ଖେଳିବା ଅସବରରେ ତାଙ୍କ ମାସ୍କରେ ଯେଉଁ ଲୋକଙ୍କ ନାମ ଲେଖାଯାଇଥିଲା ସେମାନଙ୍କ ପରିବାର ଲୋକଙ୍କୁ ଓସାକା ସାକ୍ଷାତ କରିବାକୁ ଚାହାନ୍ତି। କୋଭିଡ୍-୧୯ ମହାମାରୀ କାରଣରୁ ଜାରି କରାଯାଇଥିବା ଲକ୍‌ଡାଉନ ଓ କ୍ୱାରାଣ୍ଟାଇନ୍ ଅବସରରେ ବହୁତ କିଛି ଶିକ୍ଷା କରିଛି। ଇତିମଧ୍ୟରେ ବହୁତ ପରିପକ୍ୱତା ହାସଲ କରିଛି। ଜଣେ ମଣିଷ ଭାବେ ସମ୍ପୂର୍ଣ୍ଣତା ହାସଲ କରିବା ପାଇଁ ପ୍ରୟାସ ଜାରି ରଖିବି ବୋଲି ସେ କହିଛନ୍ତି।


ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟ୍ରଫିକୁ ଚୁମ୍ବନ ଦେଉଛନ୍ତି ନାଓମି ଓସାକା।

ମ୍ୟାଚ୍ ଅବସରରେ ବିଜୟୀ ହେବା କଥା ଚିନ୍ତା କରୁ ନ ଥିଲି। କେବଳ ଭଲ ଖେଳିବାକୁ ପ୍ରୟାସ କରିଥିଲି। ଶେଷରେ ବିଜୟୀ ହୋଇଥିବାରୁ ବେଶ୍ ଆନନ୍ଦିତ ବୋଲି ଓସାକା ମ୍ୟାଚ୍ ପରେ କହିଛନ୍ତି। ଓସାକା ଜଣେ ଜାପାନୀ ମା' ଓ ହାଇତି ପିତାଙ୍କଠାରୁ ଜାପାନରେ ଜନ୍ମଗ୍ରହଣ କରିଥିଲେ। ୩ ବର୍ଷ ହୋଇଥିବା ବେଳେ ତାଙ୍କ ପରିବାର ଆମେରିକା ଚାଲିଯାଇଥିଲେ। ଓସାକା ଏବେ କାଲିଫର୍ନିଆରେ ରହୁଛନ୍ତି। ମ୍ୟାଚ୍ ଅବସରରେ ସେ ଏକ ମାସ୍କ ପିନ୍ଧିଥିଲେ। ଏଥିରେ ତାମିର ରାଇସ୍ ଲେଖାଯାଇଥିଲା। ରାଇସ୍ ଜଣେ କୃଷ୍ଣକାୟ ବାଳକ। ୨୦୧୪ରେ ତାଙ୍କୁ ଓହିଓରେ ପୋଲିସ ମାରି ଦେଇଥିଲା। ବର୍ଣ୍ଣବୈଷମ୍ୟବାଦ୍‌କୁ ବିରୋଧ କରି ସେ ଫାଇନାଲରେ ଏହି ମାସ୍କ ପିନ୍ଧିଥିଲେ। ଟୁର୍ନାମେଣ୍ଟରେ ସେ ଏପରି ୭ଟି ମାସ୍କ ପିନ୍ଧିଥିଲେ। ଅନ୍ୟ ୬ଜଣ କୃଷ୍ଣକାୟ ବ୍ୟକ୍ତି ଅତ୍ୟାଚାର ଶିକାର ହୋଇଥିବାରୁ ସମସ୍ତଙ୍କ ପାଇଁ ସେ ଏହି ମାସ୍କଗୁଡିକ ପିନ୍ଧିଥିଲେ। ଓସାକାଙ୍କ ପ୍ରଦର୍ଶନରେ ତାଙ୍କ କୋଚ୍ ୱିମ୍ ଫିସେଟ୍ ମଧ୍ୟ ଖୁସି ଜାହିର କରିଛନ୍ତି।

ଅନ୍ୟପଟେ ଆଜାରେଙ୍କା କ୍ରମାଗତ ୧୧ଟି ମ୍ୟାଚ୍‌ରେ ବିଜୟୀ ହୋଇ ଜବରଦସ୍ତ ଫର୍ମରେ ଥିଲେ। ସେମିଫାଇନାଲରେ ସେ ସେରେନା ୱିଲିୟମ୍ସଙ୍କୁ ୩ଟି ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଏହାପୂର୍ବରୁ ଆଜାରେଙ୍କା ୨୦୧୨ ଓ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ହାସଲ କରିଥିଲେ। ତେବେ ଏହି ଦୁଇବର୍ଷରେ ସେ ୟୁଏସ୍ ଓପନ୍ ଫାଇନାଲରେ ସେରେନାଙ୍କଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। କୋଭିଡ୍-୧୯ ମହାମାରୀ ପାଇଁ ଫାଙ୍କା ଷ୍ଟାଡିୟମରେ ମ୍ୟାଚ୍ ଖେଳାଯାଇଥିଲା।

## ଶ୍ରୀସନ୍ଥଙ୍କ ସ୍ପଟ ଫିକ୍ସିଂ ବାସନ୍ଦ ଶେଷ ହେଲା

ନୂଆଦିଲ୍ଲୀ, ୧୩।୯ (ପି.ଟି.): ସ୍ପଟ ଫିକ୍ସିଂ ମାମଲାରେ ଭାରତୀୟ ପେସ୍ ବୋଲର ଏସ. ଶ୍ରୀସନ୍ଥଙ୍କ ବାସନ୍ଦ ଦଣ୍ଡ ରବିବାର ଶେଷ ହୋଇଛି। ପ୍ରଥମେ ତାଙ୍କୁ ଆଜୀବନ ବାସନ୍ଦ କରାଯାଇଥିଲା, ମାତ୍ର ପରେ ଏହା ୭ ବର୍ଷକୁ ହ୍ରାସ କରାଯାଇଥିଲା। ୩୭ ବର୍ଷୀୟ କ୍ରିକେଟର ପୂର୍ବରୁ ସ୍ପଷ୍ଟ କରିସାରିଥିଲେ ଯେ, ବାସନ୍ଦ ଦଣ୍ଡ ଶେଷ ହେବା ପରେ ସେ ଅତି କମ୍‌ରେ ପୁଣି ଘରୋଇ କ୍ରିକେଟ କ୍ୟାରିୟର ଆରମ୍ଭ କରିବା ଲାଗି ଆଗ୍ରହୀ। ଫିଟ୍‌ନେସ ପ୍ରମାଣ କରିପାରିଲେ ତାଙ୍କୁ ଖେଳିବା ଲାଗି ସୁଯୋଗ ଦେବ ବୋଲି ନିଜ ରାଜ୍ୟ କେରଳ ପ୍ରତିଶ୍ରୁତି ଦେଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ଅଗଷ୍ଟରୁ ହେବାକୁଥିବା ଭାରତୀୟ ଘରୋଇ କ୍ରିକେଟ ସିଜନକୁ ଏଥର ସ୍ଥଗିତ ରଖାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ନିକଟରେ ସ୍ୱୀକୃତିପ୍ରାପ୍ତ ସଦସ୍ୟ ଆସୋସିଏଶନଗୁଡ଼ିକୁ ଏକ ଚିଠି ଲେଖିଛନ୍ତି। ମହାମାରୀ ପରିସ୍ଥିତିରେ ସୁଧାର ଆସିଲେ ଘରୋଇ ସିଜନ ଆରମ୍ଭ କରିବା ଲାଗି ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଆଇପିଏଲ୍ ୨୦୧୩ ସଂସ୍କରଣରେ ସ୍ପଟ ଫିକ୍ସିଂ ଅଭିଯୋଗରେ ଶ୍ରୀସନ୍ଥଙ୍କୁ ଆଜୀବନ ବାସନ୍ଦ କରାଯାଇଥିଲା। କିନ୍ତୁ ଗତବର୍ଷ ବିସିସିଆଇ ଓମ୍ବୁଡ୍ସମ୍ୟାନ ଦଣ୍ଡର ପରିମାଣ ୭ ବର୍ଷକୁ ହ୍ରାସ କରିଦେଇଥିଲେ।

## ଆଇସିସି ଦ୍ୱାରା ୟୁଏଇ କ୍ରିକେଟର ସସ୍‌ପେଣ୍ଡ


ଦୁବାଇ, ୧୩।୯ (ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁଇ କ୍ରିକେଟର ଆମିର ହାୟାତ ଓ ଆସଫାକ୍ ଅହମ୍ମଦଙ୍କୁ ସାମୟିକ ସସ୍‌ପେଣ୍ଡ କରିଛି। ଗତବର୍ଷ ଅକ୍ଟୋବରରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ କ୍ୱାଲିଫାୟରରେ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଓପନର ଆସଫାକ୍‌ଙ୍କୁ ସସ୍‌ପେଣ୍ଡ କରିଥିଲା। କିନ୍ତୁ ସେତେବେଳେ ତାଙ୍କ ବିରୋଧରେ କୌଣସି ଆନୁଷ୍ଠାନିକ ଅଭିଯୋଗ ନ ଥିଲା। ତଦନ୍ତ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିଲା। ୩୮ ବର୍ଷୀୟ ହାୟାତ ଜଣେ ମିଡିୟମ ପେସ୍ ବୋଲର। ସେ ୯ ଅନ୍ତର୍ଜାତୀୟ ଦିନିକିଆ ଓ ୪ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

## ହାମିଲଟନଙ୍କୁ ୯୦ତମ ଟାଇଟଲ

ମୁଗେଲୋ, ୧୩।୯ (ଇଟାଲି)

ରବିବାର ଅନୁଷ୍ଠିତ ପ୍ରଥମ ଟସ୍କାନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍‌ରେ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ ତାଙ୍କ ମର୍ସିଡିଜ୍ ଟିମ୍‌ମେଟ୍ ଭାଲ୍‌ଟେରି ବୋଟାସଙ୍କ ପଛରେ ପକାଇ ଟାଇଟଲ ବିଜୟୀ ହୋଇଛନ୍ତି। ଏହା ହେଉଛି ତାଙ୍କର ୯୦ ତମ ଗ୍ରାଁ ପ୍ରି ବିଜୟ। ଆଉ ଏକ ବିଜୟ ଦ୍ୱାରା ସେ ମାଇକେଲ ସୁମାକର (୯୧)ଙ୍କ ରେକର୍ଡ ସମକକ୍ଷ ହୋଇ ପାରିବେ। ଆସନ୍ତା ରବିବାର ରୁଷିଆର ସୋଚିଠାରେ ପରବର୍ତ୍ତୀ ରେସ୍ ହେବ। ହାମିଲଟନଙ୍କ ପାଇଁ ଏଥିରେ ସୁଯୋଗ ରହିଛି। ରେଡ୍‌ବୁଲ୍‌ର ଆଲେକ୍ସ ଆଲ୍‌ବନ ତୃତୀୟ ସ୍ଥାନ ସହ ପ୍ରଥମ ଥର ଫର୍ମୁଲା ୱାନ ପୋଡିୟମ ଫିନିଶ କରିଛନ୍ତି। ଡାନିଏଲ ରିକାର୍ଡୋ (ରେନଲ୍ଟ) ଚତୁର୍ଥ ଏବଂ ସର୍ଗିଓ ପେରେଜ (ରେସିଂ ପଏଣ୍ଟ) ୫ମ ହୋଇଛନ୍ତି।

୬ଷ୍ଠ ରୁ ୧୦ମ ସ୍ଥାନ ଯଥାକ୍ରମେ ଲାଣ୍ଡୋ ନୋରିସ୍(ମ୍ୟାକଲରେନ), ଡାନିଲ କ୍ୟାଟ୍ (ଆଲ୍‌ଫା ଟାଉରି), ଚାର୍ଲ୍ସ ଲେକ୍‌ଲେର୍କ (ଫେରାରି),


ଲୁଇସ୍ ହାମିଲଟନ

କିମି ରାଇକୋନେନ (ଆଲ୍‌ଫା ରୋମିଓ) ଓ ସେବାଷ୍ଟିଆନ ଭେଟେଲ (ଫେରାରି)ଅଧିକାର କରିଥିଲେ। ଘଟଣାବହୁଳ ଏହି ରେସ୍‌ର ପ୍ରଥମ ୮ ଲାପ୍ ମଧ୍ୟରେ ଦୁଇଥର ସେଫ୍ଟି କାର୍‌ର ସହାୟତା ନେବାକୁ ପଡ଼ିଥିଲା। କାର୍ଲୋସ ସେଞ୍ଜ (ମ୍ୟାକଲରେନ), ଲତିଫି (ୱିଲିୟମ୍ସ), କେଭିନ୍ ମାଗ୍ନସେନ୍ (ହାସ୍)ଙ୍କ କାର୍ ମଧ୍ୟରେ ସଂଘର୍ଷ ଘଟିଥିଲା। ଫଳରେ ରେସ୍‌ରେ ସେମାନେ ବାଦ୍ ପଡ଼ିଥିଲେ। ଦୁଇଥର ରେଡ୍ ଫ୍ଲାଗ୍ ହେବା ଦିବସର ଅନ୍ୟତମ ଉଲ୍ଲେଖନୀୟ ଘଟଣା।

## ଓନୁଙ୍କ ସହ ଓଡ଼ିଶା ଏଫସିର ଚୁକ୍ତି

ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି)

ସ୍ପାନିଶ୍ ଫୁଟବଲର ମାନୁଏଲ ଓନୁଙ୍କ ସହ ଓଡ଼ିଶା ଏଫସି ଏକବର୍ଷିଆ ଚୁକ୍ତି କରିଛି। ଫଳରେ ଏହି ସେଣ୍ଟର ଫରୱାର୍ଡ ଭୁବନେଶ୍ୱର ଭିତ୍ତିକ ଦଳ ପକ୍ଷରୁ ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ)ର ୭ମ ସଂସ୍କରଣରେ ଖେଳିବା ନିଶ୍ଚିତ ହୋଇ ଯାଇଛି। ୩୨ ବର୍ଷୀୟ ଓନୁ ଆଇଏସଏଲ-୬ ପ୍ରାରମ୍ଭରେ ବେଙ୍ଗାଲୁରୁ ଏଫସି ପକ୍ଷରୁ ଖେଳିଥିଲେ। ମାତ୍ର ଟୁର୍ନାମେଣ୍ଟ ଶେଷ ଭାଗରେ ସେ ଲୋନ୍ ଆକାରରେ ଓଡ଼ିଶା ଏଫସି ଦଳକୁ ଆସିଥିଲେ। ଏହି ପର୍ଯ୍ୟାୟରେ ସେ ଚମତ୍କାର ପ୍ରଦର୍ଶନ କରି ୭ଟି ଗୋଲ ସ୍କୋର କରିଥିଲେ। ଏହା ମଧ୍ୟରେ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ କଳିଙ୍ଗ ଷ୍ଟାଡିୟମରେ ଏକ ହ୍ୟାଟ୍ରିକ ମଧ୍ୟ ସାମିଲ ଥିଲା।

ସ୍ପେନର ଟୁଡେଲାଠାରେ ଜନ୍ମିତ ଓନୁ ୨୦୧୨ ମାର୍ଚ୍ଚରେ ସିଏ ଓସାସୁନା 'ବି' ଟିମ୍ ପକ୍ଷରୁ ଲା ଲିଗା କ୍ୟାରିୟର ଆରମ୍ଭ କରିଥିଲେ। ବେଙ୍ଗାଲୁରୁ ଏଫସିରେ ଯୋଗଦେବା ପୂର୍ବରୁ ସେ ଅନ୍ୟଏକ ସ୍ପାନିଶ୍ କ୍ଲବ ୟୁସିଏମ ମୁର୍ସିଆ ସିଏଫ ପକ୍ଷରୁ ୨୦୧୮-୧୯ ସିଜନରେ ସେଗୁଣ୍ଡା 'ବି' ଡିଭିଜନରେ ଖେଳିଥିଲେ। ସେ ଆଟଲେଟିକୋ ଭାଲଟିରାନୋ ପକ୍ଷରୁ ଖେଳିଥିଲେ ହେଁ ୨୦୦୬ରେ ସିଡି ଟୁଡେଲାନୋ ପକ୍ଷରୁ ଖେଳି ସିନିୟର କ୍ୟାରିୟର ଆରମ୍ଭ କରିଥିଲେ। ନିଜ ଦେଶ ଏବଂ ଭାରତରେ ବିଭିନ୍ନ କ୍ଲବରୁ ଖେଳିବା ବ୍ୟତୀତ ଏହି ସେଣ୍ଟର ଫରୱାର୍ଡ ଜର୍ଜିଆନ ପ୍ରଫେଶନାଲ କ୍ଲବ ଏଫସି ଡିନାମୋ ଟିବିଲିସି ପକ୍ଷରୁ ମଧ୍ୟ ଖେଳିଥିଲେ।

ଓନୁଙ୍କ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି ଓଡ଼ିଶା ଏଫସି କ୍ଲବ ସଭାପତି ରୋହନ ଶର୍ମା। ଗତବର୍ଷ ଓଡ଼ିଶା ଏଫସିକୁ ଆସିବାପରେ ଓନୁଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ତେଣୁ ତାଙ୍କୁ ଆଉ ଏକ ବର୍ଷ ପାଇଁ ଦଳକୁ ଆଣିବାରେ କୌଣସି ଦ୍ୱିଧା ନ ଥିଲା। ଗତ ସିଜନରେ ସେ ନିଜ ଗୋଲ ସ୍କୋରିଂ ଦକ୍ଷତାକୁ ପ୍ରତିପାଦନ କରିଥିଲେ। ଡିଏଗୋ, ମାର୍ସେଲିନୋ ଓ ଓନୁଙ୍କ ଉପସ୍ଥିତିରେ ଆଗାମୀ ସିଜନରେ ଅଧିକ ଗୋଲ ହେବା ଆଶା ରହିଛି ବୋଲି ସେ କହିଛନ୍ତି। ଓନୁ ଓଡ଼ିଶା ସହିତ ସମ୍ପର୍କ ବଜାୟ ରଖିଛନ୍ତି ଏବଂ ତାଙ୍କ ପରି ଖେଳାଳିଙ୍କୁ ଦଳରେ ପାଇଥିବାରୁ ଆମେ ବହୁତ ଖୁସି। ଗତ ସିଜନ ପରି ଏଥର ମଧ୍ୟ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିବା ଆଶା ରହିଛି ବୋଲି ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବକ୍ସଟର ପ୍ରକାଶ କରିଛନ୍ତି। ଓଡ଼ିଶା ଏଫସି ସହିତ ଚୁକ୍ତି କରିବାପରେ ଓନୁ କହିଛନ୍ତି ଯେ, "ଆଉ ଏକ ସିଜନ ପାଇଁ ଓଡ଼ିଶା ଏଫସିକୁ ଆସିଥିବାରୁ ମୁଁ ଆନନ୍ଦିତ। ଗତ ବର୍ଷ ଦଳ ସହିତ ମୋ ସମୟ ଖୁବ୍ ଭଲରେ କଟିଥିଲା। ତେଣୁ ଷ୍ଟୁଆର୍ଟ ଯୋଗାଯୋଗ କରିବାପରେ ମୁଁ ସମ୍ମତ ହୋଇଥିଲି। ଗତ ସିଜନ ଶେଷ ହେବା ପରେ ମୁଁ ଭାରତୀୟ ଖେଳାଳିଙ୍କ ସହିତ ସମ୍ପର୍କ ରକ୍ଷା କରିଥିଲି। ତେଣୁ ଦଳ ସହିତ ଯୋଗଦେବାପାଇଁ ମୁଁ ବ୍ୟଗ୍ର। ଆଗାମୀ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରି ଓଡ଼ିଶା ଏଫସିକୁ ଉନ୍ନତି ସ୍ଥିତିରେ ରଖିବା ପାଇଁ ମୁଁ ଆଶାବାଦୀ"।



ମାନୁଏଲ ଓନୁ

## ଇଂଲଣ୍ଡର ସମ୍ମାନଜନକ ସ୍କୋର

ମାଞ୍ଚେଷ୍ଟର, ୧୩।୯

ଶେଷ ଭାଗରେ ଟମ୍ କୁରାନ ଓ ଆଡିଲ ରଶିଦଙ୍କ ଆକର୍ଷଣୀୟ ବ୍ୟାଟିଂ ଯୋଗୁ ଇଂଲଣ୍ଡ ରବିବାର ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସମ୍ମାନଜନକ ସ୍କୋର କରିଛି। ଏକଦା ୧୪୯ ରନ ମଧ୍ୟରେ ୮ଟି ଉଇକେଟ ହରାଇ ସାରିଥିବା ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୨୩୧ ରନ କରିବାକୁ ସକ୍ଷମ ହୋଇଛି।


ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପିଚ୍ ବୋଲରଙ୍କୁ ସହାୟତା କରିଥିବାରୁ ଇଂଲଣ୍ଡର ଆରମ୍ଭ ଅପେକ୍ଷାକୃତ ଧିମା ରହିଥିଲା। ଦଳ ୨୯ ରନ ମଧ୍ୟରେ ଦୁଇ ଓପନରଙ୍କୁ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ମଧ୍ୟ ସମ୍ମୁଖୀନ ହୋଇଥିଲା। ଜୋ ରୁଟ୍ ଓ ଅଧିନାୟକ ଇଅନ ମୋର୍ଗାନ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଇନିଂସ ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ମାତ୍ର ଅଷ୍ଟ୍ରେଲୀୟ ବୋଲରମାନେ ହାତଖୋଲି ଶଟ୍ ମାରିବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ୨୪.୨ ଓଭରରେ ୧୦୦ ରନ ପୂରଣ କରିବାକୁ ସକ୍ଷମ ହୋଇଥିଲା। ସେତେବେଳକୁ ଜାସନ ରୟ ୨୧, ଜନି ବେୟାରଷ୍ଟୋ ଡକ୍(୦) ଓ ରୁଟ୍ ୩୯(୭୩ ବଲ, ୪ ଚୌକା, ୧ ଛକା)ରେ ଆଉଟ ହୋଇ ସାରିଥିଲେ। ମୋର୍ଗାନ ଆତ୍ମବିଶ୍ୱାସର ସହ ଖେଳିଥିଲେ ହେଁ ମିଡଲ ଅର୍ଡରରେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ପ୍ରତିପକ୍ଷ ବୋଲରଙ୍କୁ ସହଜରେ ଖେଳିପାରି ନ ଥିଲେ। ଫଳରେ ଜୋସ୍ ବଟଲର ୩, ସାମ୍ ବିଲିଙ୍ଗ୍ସ ୮, ସାମ୍ କୁରାନ ୧ ଓ କ୍ରିସ୍ ୱୋକ୍ସ ୨୬ ରନ କରି ଆଉଟ ହୋଇ ଯାଇଥିଲେ। ୪୦.୨ ଓଭରରେ ୮ ଉଇକେଟ ହରାଇ ଇଂଲଣ୍ଡ ୧୫୦ ରନ ପୂରଣ କରିଥିଲା। ମାତ୍ର ଟମ୍ କୁରାନ ଓ ଆଡିଲ ରଶିଦ ଚମତ୍କାର ବ୍ୟାଟିଂ କରି ୯ମ ଉଇକେଟରେ ୭୬ ରନର ଭାଗୀଦାରି ଗଢ଼ିବାରୁ ଇଂଲଣ୍ଡ ୫୦ ଓଭରରେ ୨୩୧ ରନର ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଟମ୍ ୩୭(୩୯ ବଲ, ୫ ଚୌକା) ରନ କରି ଆଉଟ ହୋଇଥିବାବେଳେ ରଶିଦ ୩୫(୨୬ ବଲ, ୩ ଚୌକା, ୧ ଛକା) ରନ କରି ଅପରାଜିତ ରହିଥିଲେ। ଶେଷ ବଲ୍‌ରେ ଚୌକା ମାରିଥିବା ଜୋଫ୍ରା ଆର୍ଚର ୨ ବଲ୍‌ରୁ ୬ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଆଡାମ ଜାମ୍ପା ସର୍ବାଧିକ ୩ଟି, ମିଚେଲ ଷ୍ଟାର୍କ ୨ଟି ଏବଂ ଜୋଶ୍ ହାଜେଲଉଡ, ପ୍ୟାଟ୍ କୁମିନ୍ସ ଓ ଜୋଶ୍ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଅର୍ଦ୍ଧଶତକୀୟ ଭାଗୀଦାରି ଅବସରରେ ଆଡିଲ ରଶିଦ ଓ ଟମ୍ କୁରାନ୍।

ମନେ ପଡ଼ନ୍ତି

୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ରମାମଣୀ ବେହେରା
ସ୍ୱାମୀ: ଶ୍ରୀ ଦାଶରଥି ବେହେରା
ପ୍ଲ.ନଂ- ୧୫୮, ନୂଆପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୦୮।୧୯୫୪
ତିରୋଧାନ: ୧୪।୦୯।୨୦୧୪
ବୋଉ ! ଆଜିର ୬ଷ୍ଠ ବାର୍ଷିକୀ ଶ୍ରାଦ୍ଧ ଦିବସରେ ତୋର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି। ଯେଉଁଠାରେ ଅଛୁ ଭଲରେ ଥାଆ। ତୋର ସ୍ନେହ, ଆଶୀର୍ବାଦ ସର୍ବଦା ଆମପ୍ରତି ଥାଉ।
-:ଶୋକସନ୍ତପ୍ତ:-
ପୁଅ: ଲୁଲୁ, ବୋହୂ: ଟିକୁ, ଝିଅ: ମାମା, ଜ୍ୱାଇଁ: ଟୁଟୁ, ନାତୁଣୀ: ଦିପାନ୍‌ସୀ, ନାତି: ଦେବ୍ୟାନ୍‌ସ, ପୁତୁରା-ପୁତୁରା ବୋହୂ: ଦୀପୁ ଓ ଝରା।
ଧ-୬୮୩୭୦

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଚନ୍ଦ୍ରଶେଖର ମିଶ୍ର
ତାରା ନିବାସ, ନୂଆରମ୍ଭେଲା, ରେଙ୍ଗାଲି
ଆବିର୍ଭାବ- ୧୮.୦୩.୧୯୨୯
ତିରୋଧାନ - ୦୩.୦୯.୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ- ଅଶ୍ୱିନୀ କୁମାର ମିଶ୍ର, ବୋହୂ- ନିରୂପମା ମିଶ୍ର, ପୁଷ, ଅଗଷ୍ଟି, ନମିତା, ସୁଚେତା, ନନ୍ଦିତା, ମୋହିନୀମୋହନ, ଝାନ୍ସୀରାଣୀ, ସରୋଜ, ଦୀପ୍ତିମୟୀ, ରାଜକିଶୋର, ମିନାକ୍ଷୀ, ଜୟକୃଷ୍ଣ, ସମସ୍ତ ନାତି, ନାତୁଣୀ, ପଣ ନାତି, ପଣ ନାତୁଣୀ ଏବଂ ମିଶ୍ର ପରିବାର ବର୍ଗ।
ଧ-୬୯୮୧୦

# ମୋବାଇଲରୁ ମିଳିବ ଭୂମିକମ୍ପ ସୂଚନା

ଭୂମିକମ୍ପ ଏପରି ଏକ ପ୍ରାକୃତିକ ବିପର୍ଯ୍ୟୟ ଯାହାକୁ ହଠାତ ପୂର୍ବାନୁମାନ କରିବା ସହଜ ନୁହେଁ। ଅବଶ୍ୟ କେଉଁ ଅଞ୍ଚଳରେ ଭୂମିକମ୍ପ ହେବ ତାହା ଏବେ ଆକଳନ କରାଯାଇପାରୁଛି। ହେଲେ ଏହା ସଂଘଟିତ ହେବାର ଠିକ ସମୟ ସମ୍ପର୍କରେ ସୂଚନା ଦେବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ଫଳରେ ଅନେକ ସମୟରେ ଏଥିପାଇଁ ଧନଜୀବନ ହାନି ହେଉଛି। ତେବେ ଭୂମିକମ୍ପ ସମ୍ପର୍କରେ ପ୍ରାକ୍ ସୂଚନା ଦେବା ପାଇଁ ମୋବାଇଲ ସହାୟକ ହେବ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏ କ୍ଷେତ୍ରରେ ସଫଳ ହୋଇଥିବା ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ୟୁନିଭର୍ସିଟି ଅଫ ସିଡ୍‌ନୀର ବୈଜ୍ଞାନିକମାନେ। ସେମାନେ ଏପରି ଏକ ଆପ୍ସ ପ୍ରସ୍ତୁତ କରିଛନ୍ତି, ଯାହାକୁ ମୋବାଇଲ ଡାଉନଲୋଡ୍ କରି ଭୂମିକମ୍ପ ସମ୍ପର୍କରେ ପ୍ରାକ୍ ସୂଚନା ପାଇହେବ। ତେବେ ଏହା ପଛରେ କେତେ ସତ୍ୟତା ରହିଛି ତାହା ଉପରେ କେତେକବୈଜ୍ଞାନିକ ପ୍ରଶ୍ନ ଚିହ୍ନ ଲଗାଇଛନ୍ତି। ତେବେ ନିଜର ଉକ୍ତିକୁ ଆହୁରି ଯଥାର୍ଥ ପ୍ରମାଣିତ କରିବା ପାଇଁ ଉକ୍ତ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।



# ସେରୋ ସର୍ଭେ



ଡା. ଦ୍ୱିଜେଶ କୁମାର ପଣ୍ଡା

"ରକ୍ତରେ ପ୍ରତିପିଣ୍ଡ (ଆଣ୍ଟିବଡି) ଜାଣିବା ପାଇଁ ସେରୋସର୍ଭେ କରାଯାଏ। କେରଳ, ମହାରାଷ୍ଟ୍ର, ଦିଲ୍ଲୀ, ଓଡିଶା ପ୍ରଭୃତି ଅନେକ ରାଜ୍ୟ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। କରୋନା ସଂକ୍ରମିତ ବ୍ୟକ୍ତିଙ୍କ ରକ୍ତରେ ତିଆରି ହୋଇଥିବା ଆଣ୍ଟିବଡି ରୋଗ ପ୍ରକୋପକୁ ପ୍ରତିହତ କରିପାରିବ କି ନାହିଁ ତାହା ଜାଣିବା ପାଇଁ ଏହି ପରୀକ୍ଷା ଉଦ୍ଦିଷ୍ଟ। ଆଣ୍ଟିବଡି ହେଉଛି ଭୂତାଣୁ ସଂକ୍ରମଣରୁ ରକ୍ତର ଶ୍ୱେତ ରକ୍ତକଣିକା ପ୍ରସ୍ତୁତ କରିଥିବା ପ୍ରୋଟିନ୍।"



ଭୁବନେଶ୍ୱରରେ କୋଭିଡ୍-୧୯ର ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ଆଗକୁ ଭୟଙ୍କର ଭାବରେ କରୋନା କାୟା ବିସ୍ତାର କରିବ। ଭୁବନେଶ୍ୱରସ୍ଥ ଆର.ଏମ.ଆଇ.ସି. କରିଥିବା ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣରୁ ଏହା ଜଣାପଡିଛି। ପ୍ରଥମ ସର୍ଭେ ଅନୁସାରେ ୧.୪ ପ୍ରତିଶତ ଲୋକଙ୍କଠାରେ ଆଣ୍ଟିବଡି ସୃଷ୍ଟି ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସର୍ଭେରେ ଏହା ୫.୧୫କୁ ବୃଦ୍ଧି ପାଇଛି। ଏଥିରୁ ସୂଚନା ମିଳେ ଯେ, ଭୂତାଣୁ ସଂସ୍ପର୍ଶରେ ଆସି ଲୋକମାନଙ୍କର ପ୍ରତିରୋଧକ ଶକ୍ତି ଆପେ ଆପେ ସୃଷ୍ଟି ହୋଇଛି। ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ତା'ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଛି। ଅପରପକ୍ଷରେ ଆଗକୁ ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି। କିନ୍ତୁ ଲୋକଙ୍କଠାରେ ବିକଶିତ ଆଣ୍ଟିବଡି କମ୍ ରହିଛି।

ରକ୍ତରେ ପ୍ରତିପିଣ୍ଡ (ଆଣ୍ଟିବଡି) ଜାଣିବା ପାଇଁ ସେରୋସର୍ଭେ କରାଯାଏ। କେରଳ, ମହାରାଷ୍ଟ୍ର, ଦିଲ୍ଲୀ, ଓଡିଶା ପ୍ରଭୃତି ଅନେକ ରାଜ୍ୟ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। କରୋନା ସଂକ୍ରମିତ ବ୍ୟକ୍ତିଙ୍କ ରକ୍ତରେ ତିଆରି ହୋଇଥିବା ଆଣ୍ଟିବଡି ରୋଗ ପ୍ରକୋପକୁ ପ୍ରତିହତ କରିପାରିବ କି ନାହିଁ ତାହା ଜାଣିବା ପାଇଁ ଏହି ପରୀକ୍ଷା ଉଦ୍ଦିଷ୍ଟ। ଆଣ୍ଟିବଡି ହେଉଛି ଭୂତାଣୁ ସଂକ୍ରମଣରୁ ରକ୍ତର ଶ୍ୱେତ ରକ୍ତକଣିକା ପ୍ରସ୍ତୁତ କରିଥିବା ପ୍ରୋଟିନ୍। ଏହା ହେଉଛି ଦେହର ଦ୍ୱାରପାଳ। କୌଣସି ଜୀବାଣୁ କିମ୍ବା ଭୂତାଣୁ ଶରୀରରେ ପ୍ରବେଶ କଲେ ତାହା ସହିତ ଯୁଦ୍ଧ କରି ସେମାନଙ୍କୁ ମାରିଦିଅନ୍ତି। ଆଣ୍ଟିବଡି ପରିମାଣ ନିର୍ଣ୍ଣୟ ପାଇଁ 'ଏଲିସା ଟେଷ୍ଟ' କରାଯାଏ। ଏହି ପରୀକ୍ଷା କିଟ୍ ଭାରତର ଭେଷଜ ଗବେଷଣା ସଂସ୍ଥା ତିଆରି କରି ସବୁ ରାଜ୍ୟକୁ ଯୋଗାଉଛନ୍ତି। ଏହାଦ୍ୱାରା ପ୍ରଶାସନ କୋଭିଡ୍-୧୯ର ଠିକ ମୁକାବିଲା କରିପାରିବେ।

ସେରୋସର୍ଭେ ଦ୍ୱାରା ଗୋଟିଏ ଗୋଷ୍ଠୀରେ କେତେ ଲୋକଙ୍କର ରକ୍ତରେ ଭୂତାଣୁ ପ୍ରତିପିଣ୍ଡ ରହିଛି ତାହା ଜଣାପଡିବ। ଯେଉଁ ଲୋକଙ୍କଠାରେ ରୋଗ ସଂକ୍ରମଣ ଭୟ ରହିଛି ସେମାନଙ୍କୁ ଚିହ୍ନଟ କରାଯାଇପାରିବ। ଏହି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାରେ ସହାୟକ ହେବ। ଅଗଷ୍ଟ ମାସରେ ହୋଇଥିବା ସର୍ଭେ ଅନୁଯାୟୀ ଅହମ୍ମଦାବାଦରେ ୨୩.୪, ଇନ୍ଦୋରରେ ୭.୭, ପଞ୍ଜାବରେ ୨୭.୮, ପୁଣେରେ ୫୧.୫ ଏବଂ ଦିଲ୍ଲୀରେ ୨୯.୧ ପ୍ରତିଶତ ଲୋକଙ୍କ ରକ୍ତରେ ଆଣ୍ଟିବଡି ରହିଥିବାର ଜଣାପଡିଛି। ଗୋଟିଏ ଅଞ୍ଚଳରୁ ୭୦-୮୦ ପ୍ରତିଶତ ଲୋକଙ୍କ ରକ୍ତରେ ଆଣ୍ଟିବଡି ତିଆରି ହେଲେ ତାହାକୁ ଗୋଷ୍ଠୀ ସଂକ୍ରମଣ କୁହାଯାଏ। ଏହା ପ୍ରମାଣିତ କରୁଛି ଯେ ଭାରତରେ ଏପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ।

ସେରୋ ସର୍ବେକ୍ଷଣର ଆବଶ୍ୟକତା ହେଉଛି ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ରୋଗ ପ୍ରତିରୋଧକ ଶକ୍ତିର ପ୍ରବଣତା ଜାଣିବା ପାଇଁ। ତାହା ସହିତ ଟିକାଦାନ ପ୍ରକ୍ରିୟାର ମୂଲ୍ୟାୟନ ହୋଇପାରିବ। ରୋଗ ସଂକ୍ରମଣ ଆଶଙ୍କାରେ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିହେବ। ଭବିଷ୍ୟତ ରୋଗ ସଂକ୍ରମଣ ସୂଚନା ମିଳିପାରିବ। ରୋଗ ନିରାକରଣ ପୂର୍ବାନୁମାନ ହୋଇପାରିବ। ନୂତନ ଆବିର୍ଭୂତ ଭୂତାଣୁ ଦ୍ୱାରା ପୁନର୍ବାର ରୋଗ ସଂକ୍ରମଣ ହୋଇଥିଲେ ଜଣାପଡିବ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାଙ୍କ ମତ ଅନୁଯାୟୀ ୨୦୨୧ ସେପ୍ଟେମ୍ବର ପୂର୍ବରୁ କୋଭିଡ୍-୧୯ ଟିକା ଉପଲବ୍ଧ ହେବ ନାହିଁ। ତେଣୁ ସେରୋ ସର୍ଭେ ଦ୍ୱାରା କେତେ ଲୋକ ଭୂତାଣୁ ଦ୍ୱାରା ସଂସ୍ପର୍ଶରେ ଆସିଛନ୍ତି ତାହା ଜାଣିବା ଆବଶ୍ୟକ। ଏହି ସର୍ବେକ୍ଷଣ ଠିକ ଭାବରେ ନ ହେଲେ ରୋଗ ନିୟନ୍ତ୍ରଣ ହୋଇପାରିବ ନାହିଁ। ଭୂତାଣୁ ଦେହରେ ପ୍ରବେଶ କରିବାର ୧୫ଦିନ ପରେ ଆଣ୍ଟିବଡି ଜଣାପଡିବ। ତାହା ପୂର୍ବରୁ ପରୀକ୍ଷା କଲେ ପ୍ରତିପିଣ୍ଡ ରକ୍ତରେ ମିଳେ ନାହିଁ।

-ବରିଷ୍ଠ ନିଦାନ ଓ ଅଣୁଜୀବ ବିଶେଷଜ୍ଞ, ୧୨ ଆଚାର୍ଯ୍ୟ ବିହାର
ମୋ: ୯୪୩୮୪୭୦୭୭୭

# ମୃତ୍ୟୁର ମୃତ୍ୟୁ



ଡା. ନିତ୍ୟାନନ୍ଦ ସ୍ୱାଇଁ

"ଜିନ୍‌ଗୁଡିକ ଏପଟ ସେପଟ କରିପାରିବାର ସ୍ୱତନ୍ତ୍ର ପଦ୍ଧତି ମଧ୍ୟରୁ ନାନୋଟେକ୍ନୋଲୋଜି ହିଁ ଏ କ୍ଷେତ୍ରରେ ଗ୍ରହଣ କରିବ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏହି ପଦ୍ଧତିରେ ରୋଗଣା ତଥା 'ମନ୍ଦ' ଜିନ୍‌ଗୁଡିକୁ ସୁସ୍ଥ ଜିନ୍‌ରେ ପରିଣତ କରିଦିଆଯିବ। ଶରୀରରୁ ମୃତ ଜୀବକୋଷଗୁଡିକୁ ବହିଷ୍କାର କରି ଦିଆଯିବ, କ୍ଷତିଗ୍ରସ୍ତ ଜୀବକୋଷଗୁଡିକୁ ମରାମତି କରିଦିଆଯିବ, ଚିକିତ୍ସାରେ ପ୍ରାଧାନ୍ୟ ପାଇବ ଷ୍ଟେମସେଲ ଏବଂ ସଂଶ୍ଳେଷିତ ହେବ ତ୍ରିପରିସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗମାନ।"

ଜେନେଟିକ୍ ଇଞ୍ଜିନିୟରମାନେ ଦାବି କଲେଣି ଯେ ଆଉ ୨୫ବର୍ଷ ପରେ, ୨୦୪୫ ମସିହା ସୁଦ୍ଧା ମୃତ୍ୟୁ ହୋଇଯିବ ମଣିଷ ଇଚ୍ଛାଧୀନ। ସେହିପରି ଜରାବସ୍ଥାକୁ ମଧ୍ୟ ପଛେଇ ଦେଇହେବ। ଜୋସ ଲୁଇସ୍ କାର୍ଡେଇରୋ ଏବଂ ଡାଭିଡ ଉଡ୍‌ଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ 'ଡେଥ୍ ଅଫ ଡେଥ୍' ବା 'ମୃତ୍ୟୁର ମୃତ୍ୟୁ'ରେ ଏହିପରି ଦାବି କରିଛନ୍ତି ଉଭୟେ। କୋର୍ଡେଇରୋଙ୍କ ପିତା-ମାତା ସ୍ପାନିଶ ଓ ସେ ଭୂମିଷ୍ଠ ହୋଇଥିଲେ ଭେନେଜୁଏଲାରେ। ଅନ୍ୟପକ୍ଷରେ ଡାଭିଡ୍ ଉଡ୍‌ଙ୍କ ଜନ୍ମ ବ୍ରିଟେନ୍‌ରେ। ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଜଣେ ଗଣିତଜ୍ଞ। ସେମାନେ କହନ୍ତି ଯେ ଅମରତ୍ୱ ହେଉଛି ଏକ ବାସ୍ତବ ବୈଜ୍ଞାନିକ ବାସ୍ତବତା ଏବଂ ପୂର୍ବରୁ କରାଯାଇଥିବା ଆକଳନର ବହୁ ଆଗରୁ ତାହା ସମ୍ଭବ ହୋଇଯିବ।

ସେତେବେଳକୁ ମଣିଷ କୌଣସି ପ୍ରାକୃତିକ କାରଣରୁ କିମ୍ବା ରୋଗରେ ଆକ୍ରାନ୍ତ ହୋଇ ମରିବନି; ସେ ମରିବ କେବଳ ଆକସ୍ମିକ ଦୁର୍ଘଟଣାରେ। ସେଥିପାଇଁ ବାର୍ଦ୍ଧକ୍ୟକୁ ଏକ 'ବ୍ୟାସ' ଭାବରେ ସ୍ୱୀକାର କରିନେଇ ତା'ର ଆରୋଗ୍ୟ ନିମନ୍ତେ ଗବେଷଣାକୁ ଅଧିକ ତ୍ୱରାନ୍ୱିତ କରାଯିବା ଉଚିତ ଏବଂ ଗବେଷଣା ନିମିତ୍ତ ପର୍ଯ୍ୟାପ୍ତ ଅର୍ଥର ସୁବ୍ୟବସ୍ଥା କରାଯିବା ଆବଶ୍ୟକ।


ଜିନ୍‌ଗୁଡିକ ଏପଟ ସେପଟ କରିପାରିବାର ସ୍ୱତନ୍ତ୍ର ପଦ୍ଧତି ମଧ୍ୟରୁ ନାନୋଟେକ୍ନୋଲୋଜି ହିଁ ଏ କ୍ଷେତ୍ରରେ ଗ୍ରହଣ କରିବ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏହି ପଦ୍ଧତିରେ ରୋଗଣା ତଥା 'ମନ୍ଦ' ଜିନ୍‌ଗୁଡିକୁ ସୁସ୍ଥ ଜିନ୍‌ରେ ପରିଣତ କରିଦିଆଯିବ। ଶରୀରରୁ ମୃତ ଜୀବକୋଷଗୁଡିକୁ ବହିଷ୍କାର କରି ଦିଆଯିବ, କ୍ଷତିଗ୍ରସ୍ତ ଜୀବକୋଷଗୁଡିକୁ ମରାମତି କରିଦିଆଯିବ, ଚିକିତ୍ସାରେ ପ୍ରାଧାନ୍ୟ ପାଇବ ଷ୍ଟେମସେଲ ଏବଂ ସଂଶ୍ଳେଷିତ ହେବ ତ୍ରିପରିସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗମାନ।


ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ମାସାଚୁସେଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରେ ଗବେଷଣା କରୁଥିବା କାର୍ଡେଇରୋ କହିଛନ୍ତି, 'ମୁଁ ନ ମରିବା ପାଇଁ ସ୍ଥିର କରିଛି ଏବଂ ୩୦ବର୍ଷ ଭିତରେ ଆଜି ମୁଁ ଯାହା ଅଛି, ତାହାଠାରୁ ହୋଇଯିବି ଯଥେଷ୍ଟ କମ୍ ବୟସର।

ଜରା ପାଇଁ ଦାୟୀ ହେଉଛି ଡିଏନଏର ଅଶୁଭ 'ଲାଞ୍ଜମାନ'। ଏହି ଲାଞ୍ଜ ଅଂଶର ନାଆଁ 'ଟେଲୋମିୟର'। ଟେଲୋମିୟର ହେଉଛି କ୍ରୋମୋଜୋମ୍ ବା ଗୁଣସୂତ୍ରର ଅଂଶ ଏହା ଡିଏନଏର ଏକ କ୍ଷୁଦ୍ର ଅଂଶ ବିଶେଷ। ଶରୀରରେ ରହିଥିବା ଲୋହିତ ରକ୍ତକୋଷିକା, ମହିଳାମାନଙ୍କର ଡିମ୍ବାଣୁ ବା 'ଓଭମ୍' ଓ ପୁରୁଷମାନଙ୍କର ଶୁକ୍ରାଣୁ ବା 'ସ୍ପାର୍ମାଟୋଜୋଆ'। ଏହି କୋଷଗୁଡିକୁ ଛାଡି ବାକି ସବୁ ଜୀବକୋଷରେ ରହିଥାଏ ଦୁଇ-ତିନି ହଳ ଲେଖାଏଁ କ୍ରୋମୋଜୋମ୍। ବୟସ ବଢ଼ି ବଢ଼ି ଗଲେ ଟେଲୋମିୟରର ଦୈର୍ଘ୍ୟ କମି କମି ଯାଏ। ତେଣୁ ଟେଲୋମିୟରକୁ ଲମ୍ବେଇ ଦେଇପାରିଲେ ଜରାପ୍ରକ୍ରିୟା ହୋଇଯିବ ବିପରୀତମୁଖୀ।

ସମୟ ଗଡିଚାଲିବା ସଙ୍ଗେସଙ୍ଗେ ଟେଲିମିୟର କ୍ଷତିଗ୍ରସ୍ତ ହୋଇ ଏହା କ୍ଷୁଦ୍ର ହୋଇଯାଏ। ଶରୀର ଭିତରକୁ ବିଷାକ୍ତ ଉପାଦାନ ପ୍ରବେଶ କଲେ ଟେଲୋମିୟରର ଏହି କ୍ଷୟ ପ୍ରକ୍ରିୟା ହୋଇପଡେ ତ୍ୱରାନ୍ୱିତ। ବିଶେଷ କରି ଧୂମପାନ କଲେ, ମଦ୍ୟପାନ କଲେ ଏବଂ ଶ୍ୱାସକ୍ରିୟାରେ ଦୂଷିତ ବାୟୁ ସେବନ କଲେ ବୃଦ୍ଧିପାଏ କ୍ଷୟ ପ୍ରକ୍ରିୟା। ଏହାର ପରିଣାମରେ ଜରା ପ୍ରକ୍ରିୟା ଦ୍ରୁତ ହୋଇଥାଏ। କାର୍ଡେଇରୋ ଏବଂ ଉଡ୍‌ଙ୍କର ବିଶ୍ୱାସ ଯେ ମାତ୍ର ୧୦ବର୍ଷ ଭିତରେ କ୍ୟାନସରକୁ ସମ୍ପୂର୍ଣ୍ଣ ଆରୋଗ୍ୟ କରାଯାଇପାରିବ। କାରଣ ସେମାନେ ଏବେ ଅନୁଭବ କରିବାକୁ ଆରମ୍ଭ କଲେଣି ଯେ ଜରାର ଆରୋଗ୍ୟ ସମ୍ଭବ।

ମାଇକ୍ରୋସଫଟ୍ କମ୍ପାନୀ ଏକ ନିମ୍ନତାପ ସଂରକ୍ଷଣ କେନ୍ଦ୍ର ସ୍ଥାପନ କରିବା ନିମନ୍ତେ ଘୋଷଣା କରିସାରିଲାଣି। ସେଠାରେ ଜଣେ ବୈଜ୍ଞାନିକ ଅବସ୍ଥାପିତ ହୋଇ ଆସନ୍ତା ଏକ ଦଶକ ମଧ୍ୟରେ କ୍ୟାନସରକୁ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦେବା ସମ୍ଭାବନା ସମ୍ପର୍କରେ ଗବେଷଣା ଚଳାଇଛନ୍ତି।



କାର୍ଡେଇରୋ ଓ ଉଡ୍ ବ୍ୟାଖ୍ୟା କରି ବୁଝେଇଛନ୍ତି ଯେ ଯଦିଓ ଜନସାଧାରଣ ଏ ବିଷୟରେ ଜାଣିନାହାନ୍ତି, ତଥାପି କ୍ୟାନ୍‌ସର କୋଷଗୁଡିକ ଅମର ବୋଲି ୧୯୫୧ ମସିହାରେ ଆବିଷ୍କୃତ ହୋଇଥିଲା। ସେହିବର୍ଷ ହେନେରିଏଟା ଲାକସ ନାମକ ଜଣେ ମହିଳା ସର୍ଭିକ୍ସର କ୍ୟାନସର (ଗର୍ଭାଶୟ କ୍ୟାନସର)ରେ ମୃତ୍ୟୁବରଣ କରିଥିଲେ। ସର୍ଜନମାନେ କ୍ୟାନସର ଆକ୍ରାନ୍ତ ସେହି ସର୍ଭିକ୍ସକୁ ଉଚ୍ଛେଦ କରିଦେଲେ ଏବଂ ସଂରକ୍ଷଣ କରି ରଖିଦେଲେ। ମାତ୍ର ବଡ ଆଶ୍ଚର୍ଯ୍ୟର କଥା ଯେ ସର୍ଭିକ୍ସର ସେହି କୋଷଗୁଡିକ ଆଜି ପର୍ଯ୍ୟନ୍ତ ବଞ୍ଚି ରହିପାରିଛନ୍ତି।

ବୈଜ୍ଞାନିକମାନେ କହୁଛନ୍ତି ଯେ, ମୃତ୍ୟୁକୁ ଜୟ କରିଦେଲେ ବା ମଣିଷ ଅମର ହୋଇଗଲେ ପୃଥିବୀ ମଣିଷମାନଙ୍କ ଦ୍ୱାରା ଭରିଯିବ ବୋଲି ଭାବିନେବା ଠିକ୍ ନୁହେଁ। କାରଣ ବିପୁଳ ଜନସଂଖ୍ୟାକୁ କୋଳରେ ଧରିବା ପାଇଁ ପୃଥିବୀରେ ପର୍ଯ୍ୟାପ୍ତ ସ୍ଥାନ ରହିଛି। କାରଣ ବିଗତ ଦଶକଗୁଡିକରେ ଲୋକମାନଙ୍କର ଥିଲେ ଯଥେଷ୍ଟ ସନ୍ତାନ। ମାତ୍ର ଏବେ ଅନେକ ଦମ୍ପତିଙ୍କ ସନ୍ତାନ ସଂଖ୍ୟା ଏକ କିମ୍ବା ଦୁଇରେ ସୀମିତ। ତାହାଛଡା ନିକଟ ଭବିଷ୍ୟତରେ ମଣିଷ ବସତି ସ୍ଥାପନ କରିବ ମହାକାଶରେ ଏବଂ ସମୁଦ୍ର ଶଯ୍ୟାରେ ମଧ୍ୟ।

କାର୍ଡେଇରୋଙ୍କ ଆଶଙ୍କା ଯେ ସଂପ୍ରତି ଜାପାନ ଓ କୋରିଆରେ ଦମ୍ପତିମାନେ ସନ୍ତାନ ଜନ୍ମ ଦେବା ପ୍ରତି ସତେ ଯେମିତି ବିମୁଖ। ଏହି ଧାରା ପ୍ରଚଳିତ ରହି ଚାଲିଲେ ମାତ୍ର ଦୁଇ ଶତାବ୍ଦୀ ମଧ୍ୟରେ ପୃଥିବୀ ଗ୍ରହରେ ଜଣେ ହେଲେ ବି ଜାପାନିଜ କି କୋରିଆନ୍ ଦେଶବାସୀ ମିଳିବେନି। ସେମାନେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବେ।

କିନ୍ତୁ ଏହି ପଦ୍ଧତି ଦ୍ୱାରା ଜାପାନିଜ ଏବଂ କୋରିଆନ୍ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବାର ପ୍ରଶ୍ନ ହିଁ ଉଠିବନି। କାରଣ ସେମାନେ ସବୁଦିନ ପାଇଁ ବଞ୍ଚି ରହିଥିବେ ଏବଂ ରହିଥିବେ ଅଖଣ୍ଡ ଯୁବାବସ୍ଥା ଉପଭୋଗ କରି।

ଆଚ୍ଛା, ଜରାବିରୋଧୀ ଚିକିତ୍ସା କରିବା ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ? ଯାହା ଖର୍ଚ୍ଚ ଲାଗିବ ତାହା ଗୋଟିଏ ସ୍ମାର୍ଟ ଫୋନ୍ ଦାମ୍ ସହ ସମାନ। ଅବଶ୍ୟ ପ୍ରଥମ ଅବସ୍ଥାରେ ଏହା ବ୍ୟୟବହୁଳ ହେବ। ମାତ୍ର ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତିଙ୍କର ଉପକାର ହେବା କାରଣରୁ ଅନେକ ସଂସ୍ଥା ଏହି ଚିକିତ୍ସା ସେବା ବଜାରକୁ ପ୍ରବେଶ କରିବା ପାଇଁ ପ୍ରତିଯୋଗିତା ଚଳେଇବେ।

ଯେ କୌଣସି ପ୍ରଯୁକ୍ତି ତାହାର ପ୍ରାରମ୍ଭିକ ଅବସ୍ଥାରେ ଥାଏ ଅନୁନ୍ନତ ଏବଂ ଅତ୍ୟନ୍ତ ବ୍ୟୟବହୁଳ। ମାତ୍ର ପରିଶେଷରେ ଏହା ମୁଖ୍ୟଧାରା ପ୍ରାପ୍ତ ହୋଇ ଉନ୍ନତ ଅବସ୍ଥା ପ୍ରାପ୍ତ ହୁଏ ଏବଂ ହୋଇପଡେ ସୁଲଭ। ପରିଶେଷରେ 'ଡେଥ ଅଫ ଡେଥ' ବା 'ମୃତ୍ୟୁର ମୃତ୍ୟୁ' ପ୍ରଥମେ ଚାରିଟି ଭାଷାରେ (ସ୍ପାନିଶ, ଇଂଲିଶ, ପର୍ତ୍ତୁଗୀଜ ଓ କୋରିଆନ୍) ପ୍ରକାଶ ପାଇବ ଏବଂ ଏହାର ବିକ୍ରୟ ଲବ୍ଧ ଅର୍ଥ ଲେଖକଙ୍କ ଗବେଷଣା ପାଣ୍ଠିରେ ଗଚ୍ଛିତ ରହିବ।

ଏହି ଅଭିନବ ବୈଜ୍ଞାନିକ ଆବିଷ୍କାର ନିଶ୍ଚିତ ଭାବରେ ଅତ୍ୟନ୍ତ ବିସ୍ମୟକର ଏବଂ ଖୁବ୍ ସମ୍ଭବ ମଧ୍ୟ।


-'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ, ମୋ : ୮୩୨୮୯୭୫୧୧୮

# ପାଟିରେ ଘା'

ପାଟିରେ ଘା' ହେଲେ ତାହାକୁ ହାଲକା ଭାବରେ ନିଅନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। କାରଣ ଏହାକୁ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ପାଟିରେ ଘା' ହେବାର କେତେକ କାରଣ ରହିଛି। ଆମ ଶରୀରରେ ଭିଟାମିନ୍-ବି' ଶ୍ରେଣୀୟ ଉପାଦାନ ( ବି-୧, ବି-୨, ବି-୩ ଏବଂ ବି-୬) ଅଭାବରେ ପାଟିରେ ଘା' ହୋଇଥାଏ। ଅନ୍ୟପକ୍ଷରେ ଆମ ଶରୀରରେ ଜଳୀୟ ଅଂଶ ବାରମ୍ବାର ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ, ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇଲେ ତାହା ପାଟିରେ ଘା' ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସବୁବେଳେ ନିଶାଦ୍ରବ୍ୟ ସେବନ କଲେ ପାଟିରେ ଘା' ହେବାର ଆଶଙ୍କା ରହିଛି। ତେବେ ଏପରି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ସ୍ୱା ସ୍ଥ୍ୟ ସୂ ଚ ନା



- ଆପଣ ଯଦି କୌଣସି ଦୀର୍ଘଦିନର ରୋଗରେ ପୀଡିତ ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ନିଜ ସହ ସେହି ସମ୍ପର୍କିତ ପୁରୁଣା ପ୍ରେସକ୍ରିପସନ ନେଇଯାଆନ୍ତୁ।
- କେତେକ ବ୍ୟକ୍ତି ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ରୋଗର କେତେକ ଲକ୍ଷଣ ଜାଣିଥିଲେ ମଧ୍ୟ ପ୍ରକାଶ କରିବାକୁ କୁଣ୍ଠାବୋଧ କରିଥାଆନ୍ତି। ଏପରି ଅଭ୍ୟାସ ତୁରନ୍ତ ଛାଡନ୍ତୁ। କାରଣ ଡାକ୍ତରଙ୍କ ସହ ପରାମର୍ଶ ସମୟରେ ଆପଣଙ୍କର ସହଯୋଗ ରୋଗ ଚିହ୍ନିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।
- ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହନ୍ତୁ ନାହିଁ। କାରଣ ଏହାଦ୍ୱାରା ଅଣ୍ଟା ଉପରେ ପ୍ରଭାବ ପଡିବାର ଆଶଙ୍କା ରହିଛି।
- ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ଏବଂ ପ୍ରାଣାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ଏଥିପାଇଁ କିଛି ସମୟ ଦିଅନ୍ତୁ।
- ତରତର ହୋଇ ଖାଆନ୍ତୁ ନାହିଁ। କାରଣ ଏହାଦ୍ୱାରା ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇ ହୋଇ ନ ଥାଏ, ଯାହା ପରବର୍ତ୍ତୀ ସମୟରେ ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି କରିଥାଏ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।
- ସୁସ୍ଥ ଏବଂ ନୀରୋଗ ଜୀବନ ପାଇଁ ସବୁବେଳେ ସନ୍ତୁଳିତ ଏବଂ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ତା' ସହ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


MARUTI SUZUKI
NEXA
INTRODUCING THE NEW S-CROSS PETROL.
Experience sophisticated power with a new 1.5L Petrol Engine.
S-CROSS
THE REFINED SUV
Scan the print ad with Google Lens to watch the S-Cross come alive.
Scan the QR code for a 3D AR experience of the S-Cross.
CREATE. INSPIRE.
New 1.5L Petrol Engine
Now available with Automatic Transmission
New Smartplay Studio with Android Auto & Apple Carplay*
Smart Hybrid Technology
Sharp & Crystalline LED Projector Headlamps with LED DRLs
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
FULL FRONTAL IMPACT COMPLIANCE, FRONTAL OFFSET IMPACT COMPLIANCE, SIDE IMPACT COMPLIANCE
Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA TWIN CITY (SKY AUTOMOBILES PH: 9776497764, 7064400101),
NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898),
NEXA CYBER CITY (JYOTE MOTORS PH: 9798190190), CUTTACK: NEXA STADIUM RD (JYOTE MOTORS PH: 9798190190).
*Android Auto is TM of Google and Apple Carplay is TM of Apple Inc.
A REVOLUTIONARY WAY TO CONNECT TO YOUR CAR
SUZUKI connect
Vehicle Tracking
Emergency Alert
Driving Behaviour Analysis
Live Vehicle Status
Vehicle Alerts
Offered separately as Genuine NEXA Accessory


Piramal
Polycrol®
XPRESS RELIEF
ପୋଲିକ୍ରୋଲ ଇନ,
ଏସିଡିଟି ଆଉଟ,
ଦାଦାଙ୍କ ଭରସା,
ଉଇଦାଉଟ ଏନି ଡାଉଟ!
10 ସେକେଣ୍ଡରେ କାମ ଆରମ୍ଭ ହୁଏ#
ANTACID ANTIGAS GEL
Polycrol
XPRESS RELIEF
Sugar-Free
BBDO INDIA
CMAC - PX/20200220-28
#Refers to start of the acid neutralization reaction that will occur in the stomach when product comes in contact with stomach acid. *If acidity persists, please contact your physician.
For queries or feedback, contact consumer care officer at toll free no. 1800229898 or consumercare@piramal.com | Available at Apollo, Frank Ross and local chemist stores near you.